

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୧୩ ଏପ୍ରିଲ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 13 APRIL 2023

Vol.No. 34 ■ No. 97 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ୨୦୨୪ ନିର୍ବାଚନ ପୂର୍ବରୁ ମୋଦି ସରକାର ବିରୋଧରେ ଅଣ୍ଟା ଭିଡୁଛନ୍ତି ବିରୋଧୀ

ନୂଆଦିଲ୍ଲୀ, ୧୨/୦୪ : ୨୦୨୪ ନିର୍ବାଚନ ପୂର୍ବରୁ ଦେଖିବାକୁ ମିଳୁଛି ବିରୋଧୀଙ୍କ ଏକତା । ବୁଧବାର ଦିଲ୍ଲୀରେ ପୁଣି ହୋଇଛି ବିରୋଧୀ ମେଳି । ନିର୍ବାଚନ ପୂର୍ବରୁ ବିରୋଧୀ ଦଳଗୁଡିକ ଏକାଠି ହେବାକୁ ପୁଣି ଥରେ ଅଂଟା ଭିଡିଛନ୍ତି । କ୍ଷମତାସୀନ ବିଜେପି ସରକାର ବିରୋଧରେ ରଣନୀତି ପ୍ରସ୍ତୁତ କରିବା ପାଇଁ ଆଜି ଦିଲ୍ଲୀରେ ବୈଠକ କରିଛନ୍ତି କଂଗ୍ରେସ ଜେଡିୟୁ ଓ ଆରଜେଡି । ଏହି ୩ ପ୍ରମୁଖ ଦଳ ଏକାଠି ବୈଠକ କରିଥିବାବେଳେ କଂଗ୍ରେସ ଏହାକୁ ଐତିହାସିକ ପଦକ୍ଷେପ ବୋଲି କହିଛି । କଂଗ୍ରେସ ନେତା ରାହୁଲ ଗାନ୍ଧୀ, କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ୍ ଖଡ଼ଗେଙ୍କୁ ଭେଟିଛନ୍ତି ବିହାର ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ । ନୀତିଶ କୁମାର, ତେଜସ୍ୱୀ ଯାଦବ, ରାହୁଲ ଗାନ୍ଧୀ ଓ ମଲ୍ଲିକାର୍ଜୁନଙ୍କ ମଧ୍ୟରେ ବସିଛି ଗୁରୁତ୍ୱପୂର୍ଣ୍ଣ ବୈଠକ । ବୈଠକ ପରେ



ନେତାଙ୍କ ପ୍ରତିକ୍ରିୟା ସାମ୍ନାକୁ ଆସିଛି । କଂଗ୍ରେସ ନେତା ରାହୁଲ କହିଛନ୍ତି ବିରୋଧୀଙ୍କୁ ଏକଜୁଟ କରିବା ଆମର ପ୍ରଥମ ଲକ୍ଷ୍ୟ । ଦେଶର ଭିଜନକୁ ବିକଶିତ କରାଯିବ । ଦେଶ ଓ ଦେଶର ଗଣତନ୍ତ୍ର ଉପରେ ଯେଉଁ ଆକ୍ରମଣ ହେଉଛି ତା ବିରୋଧରେ ବିରୋଧୀ ଜାରି ରଖିବେ ଲଢ଼େଇ । ଚର୍ଚ୍ଚା ହେଉଛି କଂଗ୍ରେସ ସେହି ଦଳମାନଙ୍କୁ ବିରୋଧୀ ଏକତାରେ ସାମିଲ କରିବାକୁ ଚାହୁଁଛି ଯେଉଁମାନଙ୍କ ସହ ବିଚାରଧାରା ଖାପ ଖାଉଛି । ସେପଟେ ବିହାର ମୁଖ୍ୟମନ୍ତ୍ରୀ କହିଛନ୍ତି ଏକ ବଡ ଅଭିଯାନର ପ୍ରସ୍ତୁତି କରାଯାଉଛି । ଅଧିକରୁ ଅଧିକ ଦଳଙ୍କୁ ସାମିଲ କରାଯାଇ ବିରୋଧୀ ମୋର୍ଚ୍ଚାକୁ ଅଧିକ ମଜବୁତ କରିବାକୁ ଲକ୍ଷ୍ୟ ରଖାଯାଇଛି । ସେପଟେ ଖଡ଼ଗେ କହିଛନ୍ତି ବୈଠକ ଐତିହାସିକ ପଦକ୍ଷେପ ଅଟେ । ଆଗାମୀ ନିର୍ବାଚନରେ ସବୁ ବିରୋଧୀଙ୍କୁ ଏକାଠି କରିବା ଲକ୍ଷ୍ୟ ରହିଛି ।

## ଦେଶର ୧୩ ମୁଖ୍ୟମନ୍ତ୍ରୀଙ୍କ ନାଁରେ ରହିଛି ଅପରାଧିକ ମାମଲା

ନୂଆଦିଲ୍ଲୀ, ୧୨/୦୪ : ଦେଶର ୧୩ ମୁଖ୍ୟମନ୍ତ୍ରୀଙ୍କ ନାଁରେ ରହିଛି ଅପରାଧିକ ମାମଲା । ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେସିଆରଙ୍କ ନାଁରେ ସର୍ବାଧିକ ୬୪ଟି ଅପରାଧିକ ମାମଲା ରହିଛି । ଯେଉଁ ମାମଲା ଗୁଡିକ ମଧ୍ୟରେ ୩୭ଟି ଅତି ସଙ୍ଗୀନ ମାମଲା ରହିଛି । ଅନ୍ୟପଟେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନାଁରେ ଗୋଟିଏ ବି ଅପରାଧିକ ମାମଲା ନାହିଁ । ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନଙ୍କ ନାଁରେ ୪୭ଟି ମାମଲା ରହିଛି । ଏହି ତାଲିକାର ତୃତୀୟରେ ରହିଛନ୍ତି ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀ । ଜଗନମୋହନଙ୍କ ନାଁରେ ମୋଟ ୩୮ଟି ମାମଲା ରହିଥିବା ବେଳେ ୩୫ଟି ସଙ୍ଗୀନ ଅପରାଧିକ ମାମଲା ରହିଛି । ସେହିଭଳି ଦେଶର କୋଟିପତି ମୁଖ୍ୟମନ୍ତ୍ରୀଙ୍କ ତାଲିକାରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀ ରହିଛନ୍ତି । ଜଗନମୋହନଙ୍କ ମୋଟ ସମ୍ପତ୍ତିର ମୂଲ୍ୟ ୫୧୦ କୋଟିରୁ ଅଧିକ ଥିବା ବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଖରେ ଅଛି ୬୩ କୋଟିରୁ ଅଧିକ ଟଙ୍କାର ସଂପତି । ୧୬୩ କୋଟିରୁ ଅଧିକ ଟଙ୍କାର ସଂପତି ସହ ତାଲିକାର ଦ୍ୱିତୀୟ ସ୍ଥାନରେ ଅଛନ୍ତି ଅରୁଣାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ପେମା ଖାଣ୍ଡୁ । ସେହିଭଳି ସବୁଠାରୁ କମ୍ ସଂପତି ସହ ତାଲିକାର ଶେଷରେ ଅଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ । ମମତାଙ୍କ ପାଖରେ ମାତ୍ର ୧୫ ଲକ୍ଷରୁ ଅଧିକ ଟଙ୍କାର ସ୍ଥାବର ଅସ୍ଥାବର ସଂପତି ରହିଛି । କେରଳ ଓ ହରିଆଣା ମୁଖ୍ୟମନ୍ତ୍ରୀଙ୍କ ପାଖରେ ୧ କୋଟି ଟଙ୍କାର ସମ୍ପତି ଥିବା ଏ.ଡି.ଆର୍ ରିପୋର୍ଟରେ ଉଲ୍ଲେଖ ହୋଇଛି ।

## ପଂଜାବ ଭଟିଣ୍ଡାରେ ଥିବା ମିଲିଟାରୀ ଷ୍ଟେସନରେ ଫାଇରିଂ : ୪ ଯବାନ ସହିଦ



ନୂଆଦିଲ୍ଲୀ, ୧୨/୦୪ : ସ୍ଥାନ ପଞ୍ଜାବର ଭଟିଣ୍ଡା ମିଲିଟାରୀ ଷ୍ଟେସନ । ସମୟ ପାଖାପାଖି ଭୋର୍ ୪ଟା ୩୫ ମିନିଟ୍ । ହଠାତ୍ ଶୁଭିଥିଲା ଫାୟରିଂ ଶବ୍ଦ । କେହି କିଛି ବୁଝିବା ପୂର୍ବରୁ ପଞ୍ଜାବର ଭଟିଣ୍ଡା ମିଲିଟାରୀ ଷ୍ଟେସନରେ ଗୁଳିକାଣ୍ଡ ଘଟିଛି ସେକଥା ଜଣାପଡିଥିଲା । କ୍ୟାମ୍ପସ ଭିତରେ ଥିବା ମିଲିଟାରୀ ମେସରେ ଏହି ଗୁଳିକାଣ୍ଡ ଘଟିଣାରେ ୪ଜଣ ଯବାନ ସହିଦ ହୋଇଥିବା ସୂଚନା ମିଳିଛି । ବର୍ତମାନ ପୂରା ଅଞ୍ଚଳକୁ ସିଲ୍ କରିଦିଆଯାଇଛି । ସେନାର ଦକ୍ଷିଣ ପଶ୍ଚିମ କମାଣ୍ଡଙ୍କ ବୟାନ୍ ମୁତାବିକ, ବୁଧବାର ଭୋର୍ ୪ଟା ୩୫ ସମୟରେ ହୋଇଥିଲା ଏହି ଘଟଣା । ଏହା ପରେ ତୁରନ୍ତ ଷ୍ଟେସନର କ୍ୱିକ୍ ରିଆକ୍ସନ ଟିମକୁ ସକ୍ରିୟ କରି ଦିଆଯାଇଛି । ପୂରା ଅଞ୍ଚଳକୁ ସେନା ପକ୍ଷରୁ ସିଲ୍ କରାଯାଇ ସର୍ଚ୍ଚ ଅପରେସନ୍ ଚାଲିଛି । ଗୁଳିମାଡ ଘଟଣା ସମ୍ପର୍କରେ ପ୍ରଥମେ ରକ୍ଷାମନ୍ତ୍ରୀ ଓ ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତାଙ୍କୁ ସୂଚନା ଦିଆଯାଇଛି । ଘଟଣା ପରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ମଧ୍ୟ ବୈଠକ ଡାକିଛନ୍ତି । ସେପଟେ ଭଟିଣ୍ଡା ଏସପି କହିଛନ୍ତି, ଏହା କୌଣସି ଆତଙ୍କବାଦୀ ହାମଲା୍ ନୁହେଁ, ଗୁଳିମାଡ ଘଟଣା ପଛରେ ପ୍ରକୃତ କାରଣ ଜଣାପଡିନାହିଁ । ଗୁଳିମାଡ ୮୦ ମିଡିୟମ୍ ରେଜିମେଣ୍ଟ ଆର୍ଟିଲର୍ଇ ଅଫିସର୍ସ ମେସରେ ହୋଇଛି । ମଙ୍ଗଳବାର ରାତିରେ ଗାର୍ଡ ରୁମରୁ ଏକ ଆସଲ୍ଟ ରାଇଫଲ ଚୋରି ହେବାର କିଛି ଘଣ୍ଟା ମଧ୍ୟରେ ଗୁଳିକାଣ୍ଡ ଏବେ ପ୍ରଶ୍ନ ସୃଷ୍ଟି କରିଛି । ମାମଲାରେ ଜଣେ ସନ୍ଦିଗ୍ଧ ଜବାନଙ୍କୁ ଗିରଫ କରି ଜେରା କରଯାଉଛି । ସୁରକ୍ଷାକୁ ଦୃଷ୍ଟିକୁ ରଖି ମିଲିଟାରୀ ଷ୍ଟେସନକୁ ସିଲ କରାଯାଇଛି ।

### ଠିକା ଡାଟା ଏଂଟ୍ରି ଅପରେଟରଙ୍କୁ ସ୍ଥାୟୀ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୨/୦୪ (ନି.ପ୍ର): ରାଜ୍ୟର ଠିକା ଡାଟା ଏଂଟ୍ରି ଅପରେଟରଙ୍କ ପାଇଁ ଖୁସି ଖବର। ବିଭିନ୍ନ ତହସିଲରେ କାର୍ଯ୍ୟରତ ୬୦୦ ଠିକା ଡାଟା ଏଂଟ୍ରି ଅପରେଟରଙ୍କୁ ସ୍ଥାୟୀ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ୩ ମାସ ମଧ୍ୟରେ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାକୁ ହାଇକୋର୍ଟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣା ପଡିଛି । ହାଇକୋର୍ଟଙ୍କ ଜଣିକିଆ ଖଣ୍ଡପୀଠଙ୍କ ରାୟକୁ ଡିଭିଜନ ବେଂଚ କାଏମ ରଖିବା ସହ ବିଜ୍ଞପ୍ତି ଠାରୁ ସମସ୍ତ ସୁବିଧା ସୁଯୋଗ ସହ ସ୍ଥାୟୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

### ୧୮ରେ ନାମାଙ୍କନ ପତ୍ର ଦାଖଲ କରିବେ ବିଜେଡି ପ୍ରାର୍ଥୀ ଦୀପାଳି ଦାସ

ଭୁବନେଶ୍ୱର, ୧୨/୦୪ (ନି.ପ୍ର): ଝାରସୁଗୁଡ଼ା ଉପନିର୍ବାଚନ ପାଇଁ ବିଜେଡି ପ୍ରାର୍ଥୀ ଦୀପାଳି ଦାସ ଆଗାମୀ ୧୮ ତାରିଖରେ ରେ ନାମାଙ୍କନ ପତ୍ର ଦାଖଲ କରିବେ । ଝାରସୁଗୁଡ଼ା ପର୍ଯ୍ୟବେକ୍ଷକ ଦେବୀ ମିଶ୍ର ଏହି ସୂଚନା ଦେଇଛନ୍ତି ।

### ପ୍ରଶଂସା ଆଳରେ ରାଜସ୍ଥାନ ମୁଖ୍ୟମନ୍ତ୍ରୀଙ୍କୁ କଟାକ୍ଷ କଲେ ପ୍ରଧାନମନ୍ତ୍ରୀ


ନୂଆଦିଲ୍ଲୀ, ୧୨/୦୪ : ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କୁ କଟାକ୍ଷ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ରାଜସ୍ଥାନ ପାଇଁ ପ୍ରଥମ ବନ୍ଦେ ଭାରତ ଏକ୍ସପ୍ରେସ ଶୁଭାରମ୍ଭ ସମୟରେ ଗେହଲଟଙ୍କୁ କଟାକ୍ଷ କରିଛନ୍ତି ▶▶ପୃଷ୍ଠା ୭

### ଏବର୍ଷ ହେବନି ପାୱାର କଟ୍ : ଶକ୍ତି ମନ୍ତ୍ରୀ

ଭୁବନେଶ୍ୱର, ୧୨/୦୪ (ନି.ପ୍ର): ଏବର୍ଷ ରାଜ୍ୟରେ ପାୱାର କଟ୍ ହେବନି ବୋଲି ଶକ୍ତି ମନ୍ତ୍ରୀ ପ୍ରତାପ ଦେବ ଗଣମାଧ୍ୟମରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ 'ରାଜ୍ୟରେ ଏବର୍ଷ ପାୱାର୍ର କଟ୍ ହେଇନି କି ହେବାର ସମ୍ଭାବନା ବି ନାହିଁ। ଏହା ଗଣମାଧ୍ୟମର କାଳ୍ପନିକ ଖବର। ବିଦ୍ୟୁତ କାଟ ନ ହେଉଣୁ ହେବାର ଆଶଙ୍କା କରୁଛନ୍ତି। ଯଦି ବିଜୁଳି କଟୁଛି ତାର ଅର୍ଥ ନୁହଁ କି ପାୱାର କଟ୍ ହେଉଛି। ଅନେକ କାରଣରୁ ବିଜୁଳି କଟା ହୋଇଥାଏ। ପ୍ରତିଶ୍ରୁତି ଦେଉଛି ଯେ ଏବର୍ଷ ପାୱାର କଟ୍ ହେବନି। ହୁଏତ ଆପଣଙ୍କ ଅଂଚଳର ଟ୍ରାନ୍ସଫର୍ମର ପୋଡିଯାଇଥିବ, ଯେଉଁ କାରଣରୁ ବିଜୁଳି ନଥାଇପାରେ। କେଉଁଠି କେଉଁ ପ୍ରକାରର ଯାନ୍ତ୍ରିକ ତ୍ରୁଟି ଥାଇପାରେ କିମ୍ବା କାଳବୈଶାଖୀ ପାଇଁ। ଲୋକଙ୍କ ଦାବି ଅନୁଯାୟୀ ବିଦ୍ୟୁତ ଯୋଗାଇ ଦିଆଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

## ଏବେ ସରକାର କମ୍ପାନୀମାନଙ୍କ ଠାରୁ କିଣିବେ ନାହିଁ କରୋନା ଟିକା

ନୂଆଦିଲ୍ଲୀ, ୧୨/୦୪ : ସାରା ଦେଶରେ ପୁଣିଥରେ କରୋନା ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି । ଏହାକୁ ନେଇ କେନ୍ଦ୍ର ସରକାରଙ୍କ ତରଫରୁ ଅନେକ ଦିଶାନିର୍ଦ୍ଦେଶ ଜାରି କରାଯାଉଛି । ଏହାରି ମଧ୍ୟରେ ଏବେ ସରକାର ଏକ ବଡ ନିଷ୍ପତ୍ତି ନେଇଛନ୍ତି । ଏହି ନିଷ୍ପତ୍ତି ମୁତାବକ ସରକାର ଆଉ କମ୍ପାନୀମାନଙ୍କ ଠାରୁ କରୋନା ଟିକା କିଣିବେ ନାହିଁ । ବୁଧବାର ଦିନ କେନ୍ଦ୍ର ସରକାରଙ୍କ ଏକ ଶୀର୍ଷ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ସାଧାରଣ ଲୋକ କରୋନାର ତୃତୀୟ ଓ ଚତୁର୍ଥ ଖୋରାକ ନେବାର ଆବଶ୍ୟକତା ନାହିଁ ବୋଲି କୁହାଯାଇଛି । ସୂତ୍ର ସୂଚନା ମୁତାବକ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରଣାଳୟର କହିବା କଥା କି କରୋନାର ନୂଆ ଭାରିଆଣ୍ଟ ଏକ୍ସବିବି.୧.୧୬ ଅଧିକ ମାରାତ୍ମକ ନୁହେଁ । ଏହି ଭୂତାଣୁ ସଂକ୍ରମିତ ହେଲେ ଲୋକଙ୍କ ମେଡିକାଲ ଯିବାର





ଆବଶ୍ୟକତା ନାହିଁ । କେବଳ ରୋଗୀ ଓ ୬୦ ବର୍ଷରୁ ଅଧିକ ବୟସ୍କ ଲୋକଙ୍କ ପାଇଁ ଏହି ଭୂତାଣୁ ବିପଦ ବୋଲି କୁହାଯାଇଛି । ଏହି କାରଣରୁ ସରକାର ଆଉ ଫାର୍ମା କମ୍ପାନୀଙ୍କ ଠାରୁ କୌଣସି କରୋନା ନିରୋଧୀ ଟିକା କିଣିବାକୁ ମନା କରିଦେଇଛନ୍ତି । କେବଳ ରୋଗୀ ଓ ୬୦ବର୍ଷରୁ ଅଧିକ ବୟସ୍କ ଲୋକଙ୍କୁ ତୃତୀୟ ଓ ଚତୁର୍ଥ ଡୋଜ୍ ଟିକା ନେବାକୁ ସ୍ୱାସ୍ଥ୍ୟମନ୍ତ୍ରଣାଳୟ ପରାମର୍ଶ ଦେଇଛନ୍ତି । ସୂଚନା ଥାଉକି, କେନ୍ଦ୍ର ସରକାର ଗତବର୍ଷ ଜାନୁଆରୀ ୧୬ ତାରିଖରେ ଦେଶବ୍ୟାପୀ ଟିକାକରଣ ଅଭିଯାନ ଆରମ୍ଭ କରିଥିଲେ । ଏନେଇ କେନ୍ଦ୍ର ସରକାର ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡିକୁ ସହାୟତା କରିବା ଆଧାରରେ ମାଗଣାରେ କରୋନା ଟିକା ଯୋଗାଇ ଦେଇଥିଲେ । ଏହି କ୍ରମରେ ସ୍ୱାସ୍ଥ୍ୟମନ୍ତ୍ରଣାଳୟର ୱେବସାଇଟ୍ ମୁତାବକ ଟିକାକରଣ ଅଭିଯାନ ମାଧ୍ୟମରେ ସାରା ଦେଶରେ ୨୨୦.୬୬ କୋଟି ଡୋଜ୍ ଦିଆଯାଇଛି ।

## ଗ୍ରୀଷ୍ମ ଲହରୀ ଜାରି : ଝାରସୁଗୁଡାରେ ସର୍ବାଧିକ ୪୩ ଡିଗ୍ରୀ, ଗୋପାଳପୁରରେ ରେକର୍ଡ ଭାଙ୍ଗିଲା ତାତି : ୧୬ରେ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୧୨/୦୪ (ନି.ପ୍ର): ସାରା ରାଜ୍ୟରେ ଗ୍ରୀଷ୍ମ ଲହରୀ ଜାରି ରହିଛି। ବୁଧବାର ୧୪ ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଛି। ଝାରସୁଗୁଡାରେ ସର୍ବାଧିକ ୪୩ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ଅନ୍ୟପକ୍ଷରେ ରେକର୍ଡ ଭାଙ୍ଗିଛି ଗୋପାଳପୁର ତାତି। ବୁଧବାର ଗୋପାଳପୁରରେ ସର୍ବୋଚ୍ଚ ତାପମାତ୍ରା ୩୯.୧ ଡ଼ିଗ୍ରୀ ରେକର୍ଡ ହୋଇଛି। ୧୨ ଅପ୍ରେଲ ୧୯୯୪ ରେ ଗୋପାଳପୁରରେ ସର୍ବୋଚ୍ଚ ତାପମାତ୍ରା ୩୭.୮ ଡ଼ିଗ୍ରୀ ରେକର୍ଡ ହୋଇଥିଲା । ଆଗାମୀ ୩ ଦିନ ପର୍ଯ୍ୟନ୍ତ ଏହି ସ୍ଥିତି ଆହୁରି ଗମ୍ଭୀର ହେବ ବୋଲି ଆକଳନ କରିଛି ଆଂଚଳିକ ପାଣିପାଗ କେନ୍ଦ୍ର। ୩ ଦିନ ଯାଏଁ ହିଟ୍ ୱେଭ୍ ସ୍ଥିତିକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ୍ କମିଶନର ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ



ଦେଇଛନ୍ତି। ତେବେ ୧୬ତାରିଖରେ ଏଥିରେ ବ୍ରେକ ଲାଗିବାର ସମ୍ଭାବନା ରହିଛି। ଏହି ସମୟରେ ରାଜ୍ୟ ମଧ୍ୟକୁ ବଙ୍ଗୋପସାଗର ରୁ ବାୟୁପ୍ରବାହ ସମ୍ଭାବନା ହେତୁ ଉତ୍ତର ଉପକୂଳ ସମେତ, ଖୋର୍ଦ୍ଧା, ନୟାଗଡ, କନ୍ଧମାଳ, ଅନୁଗୁଳ, ଢେଙ୍କାନାଳ, ମୟୁରଭଞ୍ଜ, କେନ୍ଦୁଝର ଜିଲ୍ଲାରେ ବର୍ଷାର ସମ୍ଭାବନା ରହିଛି। ଫଳରେ ତାତିରୁ ସାମୟିକ ଆଶ୍ୱସ୍ତି ମିଳିପାରେ। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ୧୩ରୁ ୧୫ ତାରିଖ ମଧ୍ୟରେ ଗ୍ରୀଷ୍ମ ପ୍ରବାହ ହେବ। ୧୩ ତାରିଖ ରେ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହୋଇପାରେ। ୧୪ ତାରିଖ ରେ ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ, ଅନୁଗୁଳ ଓ ବାଲେଶ୍ୱର ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ଗ୍ରୀଷ୍ମ ପ୍ରବାହ ହେବାର ଆଶଙ୍କା ରହିଛି। ସେହିପରି ୧୫ ତାରିଖରେ କେନ୍ଦୁଝର, ଦେବଗଡ, ସୁନ୍ଦରଗଡ,ଝାରସୁଗୁଡା,ସମ୍ବଲପୁର ,ସୁବର୍ଣ୍ଣପୁର, ଅନୁଗୁଳ, ବୌଦ୍ଧ ଓ କନ୍ଧମାଳ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଗ୍ରୀଷ୍ମ ପ୍ରବାହ ହେବାର ସମ୍ଭାବନା ରହିଛି। ଏଥିପାଇଁ ଏହି ସମସ୍ତ ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ବୁଧବାର ଦିନ ଝାରସୁଗୁଡାରେ ସର୍ବାଧିକ ୪୩ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଥିବା ବେଳେ ବାରିପଦାରେ ୪୨.୫, ସମ୍ବଲପୁର ୪୨, ବୌଦ୍ଧ ଓ ତାଳଚେର ୪୧.୬ , ବଲାଙ୍ଗୀର ଓ ଟିଟିଲାଗଡ ୪୧.୨, ଅନୁଗୁଳ ୪୧.୧, ଭଦ୍ରକ , ସୁନ୍ଦରଗଡ ଓ ସୋନପୁର ୪୧, ହୀରାକୁଦ ୪୦.୭, ରାଉରକେଲା ୪୦.୬, ଚାନ୍ଦବାଲି ୪୦.୩ , ଭୁବନେଶ୍ୱର ଓ କଟକରେ ୩୯.୮ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି।

## ରାହୁଲଙ୍କ ପରେ ୱାୟନାଡ଼ା ଆସନରୁ ଉପନିର୍ବାଚନ ଲଢିପାରନ୍ତି ପ୍ରିୟଙ୍କା ଗାନ୍ଧୀ

ନୂଆଦିଲ୍ଲୀ, ୧୨/୦୪ : ମାନହାନି ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ ଲୋକସଭା ସଦସ୍ୟତା ରଦ୍ଦ ହୋଇଛି । ଏହା ସହ ହାତରୁ ଚାଲିଯାଇଛି କେରଳର ୱାୟନାଡ଼ ଲୋକସଭା ଆସନ ୨୦୧୯ ମସିହାରେ ୪ଲକ୍ଷ ଭୋଟ ପାଇ ବିଜୟ ହାସଲ କରିଥିଲେ ରାହୁଲ । ଏବେ ଚର୍ଚ୍ଚା ହେଉଛି ଏହି ଆସନ ପାଇଁ ଖୁବ ଶିଘ୍ର ହେବ ଉପନିର୍ବାଚନ ଓ କଂଗ୍ରେସ ମହାସଚିବ ପ୍ରିୟଙ୍କା ଗାନ୍ଧୀ ବାଡ୍ରା ଲଢିପାରନ୍ତି । ମାନହାନି ମାମଲାରେ ଯଦି ରାହୁଲଙ୍କୁ ଆଶ୍ୱସ୍ତି ନମିଳେ ତେବେ ଉପନିର୍ବାଚନ ପ୍ରିୟଙ୍କା ଲଢିବେ ବୋଲି ନୂଆ ଚର୍ଚ୍ଚା ହେଉଛି । ଏହି ଚର୍ଚ୍ଚା ସେହି ସମୟରେ ଜୋର ଧରିଥିଲା ଯେତେବେଳେ ମଙ୍ଗଳବାର ଉଭୟ



ରାହୁଲ ଓ ପ୍ରିୟଙ୍କା ଏକାଠି ମିଶି କେରଳରେ ପହଁଚିଥିଲେ ଓ ରାହୁଲଙ୍କ ପୂର୍ବତନ ନିର୍ବାଚନୀ କ୍ଷେତ୍ର ୱାୟନାଡାରେ ବିଶାଳ ରୋଡ ଶୋ କରିଥିଲେ । ଜନସଭାକୁ ସମ୍ବୋଧିତ କରିବା ସମୟରେ ଭାବବିହ୍ୱଳ ହୋଇପଡିଥିଲେ ପ୍ରିୟଙ୍କା । ରାହୁଲ ଜଣେ ସଚ୍ଚୋଟ ମଣିଷ ଓ ସତ କହୁଥିବାରୁ ମୋଦି ସରକାର ତାଙ୍କୁ ଟାର୍ଗେଟ କରୁଛନ୍ତି । ସେପଟେ ରାହୁଲ କହିଥିଲେ ତାଙ୍କ ବିରୋଧରେ ଯେତେ ଷଡଯନ୍ତ୍ର କରାଗଲେ, ହଇରାଣ କଲେ ଓ ପଦପଦବୀ ଛଡାଇନେଲେ ମଧ୍ୟ ସେ ସତ କହିବେ । ଦଳ ଏଭଳି ଯଦି କିଛି ବଡ ନିଷ୍ପତି ନେବ ତେବେ ତାହାଙ୍କ କୋର୍ଟଙ୍କ ନିଷ୍ପତି ଆସିବା ପରେ ନେବ ବୋଲି ସ୍ପଷ୍ଟ ହୋଇଛି ।

## ହନୁମାନ ଜୟନ୍ତୀକୁ ନେଇ ପଥର ମାଡ଼ ସମ୍ବଲପୁରର ୬ଟି ଥାନା ଅଞ୍ଚଳରେ ୧୪୪ ଧାରା ଜାରି

ଭୁବନେଶ୍ୱର, ୧୨/୦୪ (ନି.ପ୍ର): ହନୁମାନ ଜୟନ୍ତୀ ଶୋଭଯାତ୍ରା ବେଳେ ପଥରମାଡ । ଶୋଭାଯାତ୍ରା ଉପରେ ନିର୍ଦ୍ଦିଷ୍ଟ ଗୋଷ୍ଠୀର ପଥର ମାଡ । ଏଥିରେ ୧୦ରୁ ଅଧିକ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି । ସେହିପରି ୫୦ରୁ ଅଧିକ ବଜରଙ୍ଗ କର୍ମଚାରୀ ଆହତ ସୂଚନା । ସମ୍ବଲପୁରର ବିଭିନ୍ନ ସ୍ଥାନରେ ପୋଡାଜଳା ହୋଇଥିଲା । ଏହାକୁ ନିୟନ୍ତ୍ରଣ ପାଇଁ ଯାଇଥିବା ପୋଲିସ ଉପରେ ଆକ୍ରମଣ ହୋଇଛି । ଫଳରେ ୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି । ସ୍ଥିତି ନିୟନ୍ତ୍ରଣ ପାଇଁ ଆସୁଛନ୍ତି ରାପିଡ ଆକ୍ସନ ଫୋର୍ସ । ଘଟଣା ପରେ ସହରର ୬ଟି ଥାନା ଅଞ୍ଚଳରେ ୧୪୪ ଧାରା ଜାରି ହୋଇଛି । ସୁରକ୍ଷାକୁ ଦୃଷ୍ଟିରେ ରଖି ୧୪୪ ଧାରା ଜାରି କଲା ପ୍ରଶାସନ ।

# ଭଗବାନଙ୍କ ବିଚିତ୍ର ଲୀଳା, ବାପ କାନ୍ଧରେ ତିନି ପୁଅ ଗଲେ ମଶାଣିକୁ

ହରିଚନ୍ଦନପୁର, ୧୨।୦୪ (ନି.ପ୍ର): ସତରେ ବିଧିର ବିଧାନ ବଡ ବିଚିତ୍ର । କଥାରେ ଅଛି ବିପଦ ଯେତେବେଳେ ଆସେ ଭାଇ, ବନ୍ଧୁ ଓ କୁଟୁମ୍ବକୁ ସାଙ୍ଗରେ ନେଇ ଆସେ । ଏହିଭଳି ଏକ ହୃଦୟ ବିତାରକ ଚିତ୍ର କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଦୈତାରୀ ସବଷ୍ଟେସନ ସାହିର ୬୫ ବର୍ଷିଆ ନରେନ୍ଦ୍ର ପାତ୍ରଙ୍କ ପରିବାରରେ ଦେଖିବାକୁ ମିଳିଛି । ଯେଉଁ ବୟସରେ ବାପା ପୁଅମାନଙ୍କ କାନ୍ଧରେ ବୋଝ ହେବା କଥା ତାହା ତ ହେଲାନାହିଁ କିନ୍ତୁ ପରିଣତ ବୟସରେ ୬ ମାସ ଭିତରେ ତିନି ତିନୋଟି ଭେଣ୍ଡିଆ ପୁଅକୁ ହରାଇ ବେସାହରା ହୋଇଯାଇଛନ୍ତି ନରେନ୍ଦ୍ର । ଏବେ ୩ ଜଣ ନାତି ନାତୁଣୀ ଓ ବିଧବା ବୋହୂକୁ ମିଶାଇ ୫ ପ୍ରାଣୀ କୁଟୁମ୍ବଙ୍କ ବୋଝ ଲଦି ହୋଇ ପଡିଛି ତାଙ୍କ ମୁଣ୍ଡରେ । ଚିନ୍ତାରେ ନରେନ୍ଦ୍ର, ସୁଧକ୍ରିୟା କିପରି ହେବ ତାପରେ ଚଳିବୁ କିପରି । ଆଖିରୁ ଲୁହ ନିଗାଡ଼ି କାନ୍ଦି କହୁଛନ୍ତି ହେ ଭଗବାନ ମୋଭଳି ଦୁଃଖ ଆଉ କାହାରିକୁ ନଦିଅ । ଏ ହେଉଛନ୍ତି ୬୫ ବର୍ଷିୟ ନରେନ୍ଦ୍ର ପାତ୍ର । ଭଙ୍ଗା ଦଦରା ଘରେ ରହୁଛନ୍ତି । ସେ ଜଣେ ଗରିବ ଦିନ ମଜୁରିଆ । ତାଙ୍କର ତିନି ଜଣ ପୁଅଙ୍କ ମଧ୍ୟରୁ ବଡପୁଅ ବିବାହ କରିଥିଲେ ଓ ସାନ ଦୁଇପୁଅ ବିବାହ କରିନଥିବା ବେଳେ ୩ ଜଣ ନାତି ନାତୁଣୀଙ୍କୁ ନେଇ ବେଶ ହସ ଖୁସିରେ ସଂସାର ଚାଲିଥିଲା । ନରେନ୍ଦ୍ରଙ୍କ ସ୍ୱପ୍ନ ଥିଲା ପରିଣତ ବୟସରେ ବେଶ୍ ହସଖୁସିରେ କଟିବ । ହେଲେ ବିଧିର ବିଧାନ ଥିଲା ପୁରା ଅଲଗା । ହଠାତ୍ ନରେନ୍ଦ୍ରଙ୍କ ପରିବାର ଉପରେ ଦୁଃଖର କଳାବାଦଲ ଘୋଟି ଆସିଲା । ୬ ବର୍ଷ ପୂର୍ବରୁ ନରେନ୍ଦ୍ରଙ୍କ ପତ୍ନୀଙ୍କୁ ଅଜଣା ରୋଗ ଛଡାଇ ନେଇଥିଲା । ତଥାପି ନରେନ୍ଦ୍ର ଭାଙ୍ଗି ନଥିଲେ । କିନ୍ତୁ, ନିୟତିର ଖେଳଥିଲା ବଡ଼ ବିଚିତ୍ର । ୬ ମାସ ଭିତରେ ତିନି ତିନୋଟି ଭେଣ୍ଡିଆ ପୁଅଙ୍କୁ ହରାଇଥିଲେ । ପ୍ରଥମେ ୩୬ ବର୍ଷିୟ ଭେଣ୍ଡିଆ ପୁଅ କରୁଣାକର ପାତ୍ର ବାତ ରୋଗରେ ପୀଡିତ ହୋଇ ମୃତ୍ୟୁବରଣ କରିଥିଲେ । ତାର ମାସ କେଇଟା ନପୂରୁଣୁ ମଝିଆଁ ପୁଅ ୩୮ ବର୍ଷିୟ ଅର୍ଜୁନ ପାତ୍ରର ଅଜଣା ରୋଗରେ ମୃତ୍ୟୁ ଘଟିଥିଲା । ସେତିକିରେ ନରେନ୍ଦ୍ରଙ୍କ ଦୁଃଖ ସରିନଥିଲା, ଆଖିରୁ ତାଙ୍କର ଲୁହ ନଶୁଖୁଣୁ ଶେଷରେ ୪୦ ବର୍ଷୀୟ ବଡପୁଅ ଭୀମ ପାତ୍ର କିଛିଦିନ ହେବ କିଡନୀ ରୋଗରେ ପୀଡ଼ିତ ହୋଇ ଗତ ମାର୍ଚ୍ଚ ମାସରେ ଆରପାରିକୁ ଚାଲିଗଲା । ଜନ୍ମଦାତା ବୃଦ୍ଧ ବାପା କାନ୍ଧରେ ଏକବର୍ଷ ଭିତରେ ଗୋଟି ଗୋଟି ୩ ଜଣ ଭେଣ୍ଡିଆ ପୁଅଙ୍କ ମର ଶରୀରକୁ ବୋହି ନେଇ ଶଶ୍ମାନରେ ଦାହ କରିବା ତାହା ଠାରୁ ଦୁଃଖ ଆଉ କଣ ହୋଇପାରେ । ଯେଉଁ କାମ ପୁଅ କରିବା କଥା ସେ କାମ ଆଜି ବାପା କରିଛନ୍ତି । ନରେନ୍ଦ୍ର ବହୁତ ଗରିବ ଶ୍ରେଣୀର ଲୋକ । ପୁଅର ଶୁଦ୍ଧିକ୍ରିୟା କରିବା ପାଇଁ ତାଙ୍କ ପାଖରେ ଅର୍ଥର ଘୋର ଅଭାବ ଥିଲା। କେତେକ ସହୃଦୟ ବ୍ୟକ୍ତିଙ୍କ ଠାରୁ ଯାହା କିଛି ସ୍ୱଳ୍ପ ଅର୍ଥ ମିଳିଛି ସେଥିରେ ଶୁଦ୍ଧିକ୍ରିୟା କରିଲେ । ଅଭାବ କାରଣରୁ ନରେନ୍ଦ୍ରଙ୍କୁ ମିଶାଇ ୫ ପରିବାରଙ୍କୁ ନେଇ କିପରି ଚଳିବେ ତାହା ସବୁଠାରୁ ଦୁଃଖ ଓ ପରିତାପର ବିଷୟ। ଏହା ହିଁ ନରେନ୍ଦ୍ରଙ୍କ ଦୁଃଖଦ ଭରା ବାସ୍ତବ ଚିତ୍ର। ଏ ଘଟଣାକୁ ନେଇ ଦୈତାରୀ ପଂଚାୟତର ଯୁବ ସରପଂଚଙ୍କ ସହ ଯୋଗାଯୋଗ କରାଯିବାରୁ ସେ କହିଛନ୍ତି ନରେନ୍ଦ୍ର ପାତ୍ର ଜଣେ ଗରିବ ଲୋକ । ତାଙ୍କ ପରିବାରର ଦୁଃଖଦ ଖବର ମୁଁ ପୂର୍ବରୁ ଜାଣିଛି । ମାସକୁ ମାସ ଚାଉଳ ଦେବାର ବ୍ୟବସ୍ଥା କରିଛି । ନିୟମ କାନୁନ୍ ଭିତରେ ସରକାରୀ ସୁବିଧା ସୁଯୋଗ ଯାହା ଅଛି ସବୁକିଛି ନରେନ୍ଦ୍ର ପାତ୍ରଙ୍କୁ ଯୋଗାଇ ଦିଆଯିବ ।

## ସ୍ୱାସ୍ଥ୍ୟ କ୍ଷେତ୍ରରେ ନିରାପଦ ମାତୃତ୍ୱ ଅଭିଯାନବଶତଃ ମାତୃମୃତ୍ୟୁ ହ୍ରାସ ସଫଳ ହେଉଛି

# ଶାସ୍ତ୍ରୀନଗର ସ୍ୱାସ୍ଥ୍ୟକେନ୍ଦ୍ରରେ ନିରାପଦ ମାତୃତ୍ୱ ଦିବସ ପାଳନ

ବଲାଙ୍ଗିର,୧୨।୦୪(ନି.ପ୍ର): ବଲାଙ୍ଗିର ସ୍ଥିତ ସହରାଚଂଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଆଜି ନିରାପଦ ମାତୃତ୍ୱ ଦିବସ ପାଳନ କରାଯାଇଛି। ଏହି ଅବସରରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡା. ଆଶିଷ ବିଶ୍ୱାସ ସଭାରେ ଅଧକ୍ଷତା କରି ସରକାରଙ୍କ ପ୍ରଦତ ପ୍ରଧାନମନ୍ତ୍ରୀ ନିରାପଦ ମାତୃତ୍ୱଜନିତ ନିୟମାବଳୀ ସମ୍ବନ୍ଧରେ ସବିଶେଷ ଧାରଣା ଦେଇ ସରକାରଙ୍କ ବିଭିନ୍ନ ମାଗଣା ସ୍ୱାସ୍ଥ୍ୟଜନିତ ସୁବିଧା, ଯାନ୍ତ୍ରିକ ସୁବିଧା (ସୋନଗ୍ରାଫି) ଗର୍ଭ ସମୟର ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା ସଠିକ ସମୟରେ କରାଇଲେ ଜଣେ ଗର୍ଭବତୀ ମହିଳା ନିରାପଦ ମାତୃତ୍ୱ ଲାଭ କରିପାରିବେ ଓ ଏହିପରି ଆମ ରାଜ୍ୟର ‘ସଂପୂର୍ଣ୍ଣା‘ଯୋଜନାରେ ଦୁର୍ଗମ ଅଂଚଳରୁ ଗର୍ଭବତୀ ମା ମାନଙ୍କୁ ଅତିରିକ୍ତ ସହାୟତା ଓ ଆର୍ଥିକ ପ୍ରୋତ୍ସାହନ ଦିଆଯିବା, ରାଜ୍ୟରେ ସ୍ଥାପିତ ହୋଇଥିବା ଚୌଉସ୍ତରି ଗୋଟି ମାଆ ଓ ଶିଶୁ ଚିକିତ୍ସା କେନ୍ଦ୍ର, ଡେୟାନବେଟି ମା ଗୃହ କରାଇ ଏଠି ଗର୍ଭବତୀ ମା ମାନଙ୍କୁ ନିରନ୍ତର ସେବା ଯୋଗାଇ ଦେବା ଇତ୍ୟାଦି ଆମ ସରକାରଙ୍କ ବିଶେଷ ଅବଦାନ ବୋଲି ଶ୍ରୀ ବିଶ୍ୱାସ ଜଣାଇଥିଲେ ଓ ଆଜିର ଦିନଟି କସ୍ତୁରବା ଗାନ୍ଧୀଙ୍କ ଜୟନ୍ତୀ ଓ ଏହି ଦିନଟି ନିରାପଦ ମାତୃତ୍ୱ ଦିବସ ପାଇଁ ସମର୍ପିତ। ତେଣୁ ଆଜିର ଏହି ପବିତ୍ର ଦିନରେ ଆମେ ସଭିଏଁ ଶପଥ ନେବା ଆବଶ୍ୟକ ଯେ, କୌଣସି ପରିସ୍ଥିତିରେ ବି ହେଉ ଜଣେ ପ୍ରସୂତି ମା ଗର୍ଭଧାରଣ ସମୟରେ ମୃତ୍ୟୁବରଣ କରିବା କଥା ନୁହଁ ବୋଲି ସ୍ୱାସ୍ଥ୍ୟକେନ୍ଦ୍ରର ବରିଷ୍ଠ ସ୍ୱାସ୍ଥ୍ୟ ସେବିକା ମାମୀ ସିଂଦେଓ ଓ ରୋଜାଲିନା ହୋତା ଉଦବୋଧନ ଦେଇଥିଲେ। ନିରାପଦ ମାତୃତ୍ୱ ପାଇଁ ସରକାରଙ୍କ ଅନବରତ ପ୍ରୟାସ ଫଳ ସ୍ୱରୂପ ଓଡିଶା ମାତୃ ମୃତ୍ୟୁ ହାରରେ ସର୍ବାଧିକ ତିନିଶହ ପାଂଚ ପଏଂଟ ହ୍ରାସ, ପ୍ରସବ ପୂର୍ବବର୍ତୀ ପରୀକ୍ଷା କ୍ଷେତ୍ରରେ ଅଠସ୍ତରୀ ପଏଂଟ ଏକ ଶତକଡା ଓ ଅନୁଷ୍ଠାନିକ ପ୍ରସବରେ ବୟନବେ ପଏଂଟ ଦୁଇ ଶତକଡ଼ା ହାସଲ କରି ସର୍ବ ଭାରତରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ସରକାରଙ୍କ ଏଭଳି ପ୍ରୟାସ ଓ ଯୋଜନା ପାଇଁ ଆମେ ଗର୍ବ ଅନୁଭବ କରିବା ଆବଶ୍ୟକ ବୋଲି ଅନୁଷ୍ଠାର ନିର୍ଦ୍ଦେଶକ, ଚେୟାରମେନ ସତ୍ୟ ରଞ୍ଜନ ଓ ରବି ରଞ୍ଜନ ଜଣାଇଥିଲେ। ନିରାପଦ ମାତୃତ୍ୱ ଦିବସରେ ସ୍ୱାସ୍ଥ୍ୟକେନ୍ଦ୍ରରୁ ସତ୍ୟବ୍ରତ ଷଡ଼ଙ୍ଗୀ, ସୂର୍ଯ୍ୟଂସୀ ହୋତା, ରୋନି ବଗର୍ତୀ, ଅଞ୍ଜଳି ନାଗ, ବିପିନ ବିହାରୀ ସେଟ, ଦାଶରଥୀ ପଧାନ ପ୍ରମୁଖ ଉପସ୍ଥିତ ରହିବା ସଂଗେ ସଂଗେ, ଅନେକ ମା ଉପସ୍ଥିତ ରହି ଦିବସକୁ ସାଫଲ୍ୟ କରାଇବାରେ ସହଯୋଗ କରିଥିଲେ।

## ସ୍କୁଲ ଭ୍ୟାନ୍ ଦୁର୍ଘଟଣାଗ୍ରସ୍ତ, ୧୧ ଛାତ୍ରଛାତ୍ରୀଙ୍କ ସମେତ ୨ ଶିକ୍ଷୟତ୍ରୀ ଆହତ

ପାରାଦୀପ,୧୨।୦୪(ନି.ପ୍ର): ପାରାଦ୍ୱୀପରେ ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସିଲା ସ୍କୁଲ ଭ୍ୟାନ୍ । ପାରାଦୀପଗଡ଼ରୁ କୁଜଙ୍ଗ ଯାଉଥିବା ବେଳେ ଆଜି ସକାଳ ପ୍ରାୟ ୭ଟା ସମୟରେ ସ୍କୁଲ ଭ୍ୟାନ୍ ଟି ସନ୍ତରାଗଡ଼ା ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି । ଫଳରେ ଗାଡିରେ ଥିବା ୧୧ ଜଣ ଛାତ୍ରଛାତ୍ରୀଙ୍କ ସମେତ ୨ ଜଣ ଶିକ୍ଷୟତ୍ରୀ ଆହତ ହୋଇଛନ୍ତି । ଆହତ ମାନଙ୍କୁ ଚିକିତ୍ସା ନିମନ୍ତେ କୁଜଙ୍ଗ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଯାଇଛି ।

# ବଲାଙ୍ଗିରରେ ପରିବାର ନିୟୋଜନ ସଚେତନତା ରଥର ଶୁଭାରମ୍ଭ

ବଲାଙ୍ଗିର,୧୨।୦୪(ନି.ପ୍ର): ଜିଲ୍ଲା ସ୍ୱାସ୍ଥ୍ୟ ସମିତି ବଲାଙ୍ଗିର ତରଫରୁ ଆୟୋଜିତ ପରିବାର ନିୟୋଜନ ସଚେତନତା ରଥକୁ ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ଚଂଚଳ ରାଣା ସ୍ଥାନୀୟ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଏହି ସଚେତନତା ରଥ ଅପ୍ରେଲ ମାସ ୧୧ ତାରିଖ ଠାରୁ ୨୫ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ଗ୍ରାମାଚଂଳ ଓ ସହରାଚଂଳ ପରିକ୍ରମା କରି ପରିବାର ନିୟୋଜନ ପଦ୍ଧତି ତଥା ସ୍ୱାସ୍ଥ୍ୟକେନ୍ଦ୍ରରେ ମିଳୁଥିବା ବିଭିନ୍ନ ପ୍ରକାରର ପରିବାର ନିୟୋଜନ ସେବା ସମ୍ପର୍କରେ ଏଲଇଡି ସ୍କ୍ରିନ ମାଧମରେ ଜନସାଧାରଣଙ୍କୁ ସଚେତନ କରିବ। ଆଜିର ଏହି ସଚେତନତା ରଥ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼. କୁବେର ଚନ୍ଦ୍ର ମହନ୍ତ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼. ଦିବ୍ୟକିଶୋର ପତି, ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡ଼. ସୁଧା ବାର୍ଲା, ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ(ଯକ୍ଷ୍ମା) ଡ଼. ସିଦ୍ଧେଶ୍ୱର ମାଝୀ, ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼. ତୁଷାରକାନ୍ତ ଠାକୁର, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପ ନିର୍ଦ୍ଦେଶକ ଜୟଦେବ ପାଣିଗ୍ରାହୀ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲା ପ୍ରୋଗ୍ରାମ ମେନେଜର ମୃତୁଞ୍ଜୟ ମୁଣ୍ଡ, ଡେପୁଟି ମେନେଜର ଗୁରୁଦେବ କୁମ୍ଭାର, ସସ୍ମିତା ନାୟକ, ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ରୀତାଞ୍ଜଳି ମିଶ୍ର, ସହକାରୀ ମେନେଜର କବିନ୍ଦ୍ର ଜେନାଙ୍କ ସମେତ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ କାର୍ଯ୍ୟାଳୟର କର୍ମଚାରୀ, ଆଶାକର୍ମୀ, ଅଙ୍ଗନବାଡି କର୍ମୀ ଓ ସ୍ୱାସ୍ଥ୍ୟକର୍ମୀ ମାନେ ଉପସ୍ଥିତ ଥିଲେ ।

# ସିରୁଳି ମହାବୀରଙ୍କ ମହାବିଷୁବ ସଂକ୍ରାନ୍ତି ଆୟୋଜନ ବୈଠକ ଅନୁଷ୍ଠିତ

ପୁରୀ,୧୨।୦୪(ନି.ପ୍ର):ସିରୁଳି ମହାବୀର ଦେବଙ୍କ ମହାବିଶୁବ ସଂକ୍ରାନ୍ତି ଆୟୋଜନ ନିମିତ ଏକ ପ୍ରସ୍ତୁତି ବୈଠକ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା।ଏଥିରେ ଅଧକ୍ଷତା କରି ଉପଜିଲ୍ଲାପାଳ ଭବତାରଣ ସାହୁ ମହାବିଶୁବ ସଂକ୍ରାନ୍ତି ଅବସରରେ ସିରୁଳି ମହାବୀର ପୀଠ ରେ ପୂଜାର୍ଚ୍ଚନା ପାଇଁ ବ୍ୟାପକ ଜନଗହଳି ର ଆଶଙ୍କା ଥିବାରୁ ଆଇନଶୃଙ୍ଖଳା ରକ୍ଷା ସହ ଭକ୍ତ ମାନଙ୍କ ସୁବିଧା ପାଇଁ ସମସ୍ତ ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଥିଲେ। ନୀତି ନିର୍ଘଂଟକୁ ସଠିକ ଭାବେ ପରିଚାଳନା ପାଇଁ ସେ ଅନୁରୋଧ କରିଥିଲେ।ବିସ୍ତୃତ ଆଲୋଚନା ପରେ ସ୍ଥିର ହେଲା ଯେ ଅପ୍ରେଲ ୧୨ ତାରିଖ ଅପରାହ୍ନ ଘ ୩.୩୦ ମି ଠାରୁ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ ଖଡିକା ଲାଗି,୧୩ ତାରିଖ ରେ ଦୈନନ୍ଦିନ ନୀତିକାନ୍ତି,୧୪ ତାରିଖ ଭୋର ଘ ୨.୩୦ ମିନିଟରେ ମନ୍ଦିର ଦ୍ୱାରଫିଟା,ଭୋର ୩ ଘଟିକା ରେ ମଙ୍ଗଳ ଆଳତି, ଭୋର ଘ ୩.୧୦ ମିନିଟ ଠାରୁ ସକାଳ ୭ ଘଟିକା ଅବକାଶ, ବଲ୍ଲଭ ନୀତି ଓ ସକାଳ ୭ ଘଟିକା ରୁ ରାତି ପର୍ଯ୍ୟନ୍ତ ଭକ୍ତଙ୍କ ଦର୍ଶନ ଅନୁଷ୍ଠିତ ହେବ।୧୫ ତାରିଖ ରାତ୍ର ସମୟରେ ମହାବୀର ଦେବଙ୍କ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିବ। ଏହି ସମୟ ନିର୍ଘଂଟ ଅନୁସାରେ ନୀତି ପରିଚାଳନା ପାଇଁ ପୂଜକ ଓ ସେବାୟତ ମାନଙ୍କୁ ଅନୁରୋଧ କରାଗଲା। ମନ୍ଦିର କାର୍ଯ୍ୟାଳୟ ଓ ଗ୍ରାମର ୨୬ ନିଯୋଗ ମିଳିତ ଭାବେ ମନ୍ଦିର ଚତୁପାର୍ଶ୍ୱ ଆଲୋକୀକରଣ କରିବାକୁ ସ୍ଥିର ହେଲା। ମନ୍ଦିର ବାହ୍ୟ ପାର୍ଶ୍ୱରେ ଅସ୍ଥାୟୀ ପାଇଖାନା, ପରିଶ୍ରାଗାର ଏବଂ ପାନୀୟ ଜଳ ବ୍ୟବସ୍ଥା,ପରିଷ୍କାର ପରିଚ୍ଛନ୍ନ ବ୍ୟବସ୍ଥା, ଭକ୍ତଙ୍କ ପାଇଁ ଭ୍ରାମ୍ୟମାଣ ପାଣି ଟାଙ୍କି ବ୍ୟବସ୍ଥା, ପାର୍କିଂ ବ୍ୟବସ୍ଥା, ଆଇନଶୃଙ୍ଖଳା ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା, ଅଗ୍ନିଶମ ନିର୍ବାପକ ବ୍ୟବସ୍ଥା ଇତ୍ୟାଦି କରାଯିବା ପାଇଁ ସ୍ଥିର ହେଲା। ଏହି ବୈଠକରେ ଅତିରିକ୍ତ ଏସ ପି ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ, ଏସଡିପିଓ କିଶୋର ଚନ୍ଦ୍ର ମୁଣ୍ଡ, ଚନ୍ଦନପୁର ଆଇଆଇସି ସୁମତୀ ମହାନ୍ତି,କମିଟିର ସଦସ୍ୟ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ମନ୍ଦିର ସେବାୟତ ଓ ଗ୍ରାମର ଭଦ୍ରବ୍ୟକ୍ତି ଗଣ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଦେଶି ମଦ ଚାଲାଣ ମାମଲାରେ ୨ ଗିରଫ

ଜୟପୁର,୧୨।୦୪(ନି.ପ୍ର): ଦେଶି ମଦ ରଖିଥିବା ଓ ଚାଲାଣ କରୁଥିବା ଦୁଇଟି ମାମଲାରେ ୨ ଅଭିଯୁକ୍ତକୁ ଗିରଫ କରିଛି ଜୟପୁର ଅବକାରି ବିଭାଗ । ଗିରଫ ଦୁଇ ଅଭିଯୁକ୍ତ ହେଲେ ନୁଆପୁଟର ସଦା ଚାଲାଣ, ନିଳାଗୁଡାର ରାମ ଚନ୍ଦ୍ର ହିଆଲ । ଅବକାରି ବିଭାଗ ସୁଚନା ଅନୁଯାଇ ନୁଆପୁଟର ସଦା ଚାଲାଣ (୩୬) ଘରେ ଚାଲାଣ ପାଇ ଦେଶି ମଦ ରଖିଥିବା ସୁଚନା ପାଇ ଅବକାରି ବିଭାଗ ଚଢାଉ କରିଥିଲା । ଚଢାଉ କରି ୩୦ ଲିଟର ଦେଶି ମଦ ଜବତ କରି ଅଭିଯୁକ୍ତ କୁ ଗିରଫ କରିଛି । ସେହିପରି ନିଳଗୁଡାର ରାମ ଚନ୍ଦ୍ର ହିଆଲ ଏକ ବାଇକ ଯୋଗେ ଦେଶି ମଦ ଚାଲାଣ କରୁଥିବା ବେଳେ ବାୟାଗୁଡା କେନାଲ ରୋଡ ରେ ଅବକାରି ବିଭାଗ ଚଢାଉ କରିଛି । ଚଢାଉ କରି ୨୨ ଲିଟର ଦେଶି ମଦ ସହ ବାଇକକୁ ଜବତ କରିଛି । ଦୁଇ ଅଭିଯୁକ୍ତ କୁ କୋର୍ଟ ଚାଲାଣ କରିଥିବା ଅବକାରି ଓଆଇସି ସଞ୍ଜୟ କୁମାର କାଣ୍ଡି ସୂଚନା ଦେଇଛନ୍ତି ।

# ଅସାଧୁ ଅଧିକାରୀ ଓ କ୍ରସର ମାଲିକଙ୍କ ମିଳିଭଗତରେ ଚାଲିଛି ବେଆଇନ କ୍ରସର

କେନ୍ଦୁଝରି,୧୨।୦୪(ନି.ପ୍ର): କେନ୍ଦୁଝର ଜିଲ୍ଲାରେ ବେଧଡକ ଭାବେ ଚାଲିଛି ଏକାଧିକ ବେଆଇନ କ୍ରସର । ସବୁ କିଛି ଜାଣି ଶୁଣି ନୀରବ ଦ୍ରଷ୍ଟା ସାଜିଛି ଜିଲ୍ଲା ପ୍ରଶାସନ । ସାଧାରଣ ଲୋକଙ୍କ ସମସ୍ତ ଅଭିଯୋଗ ଡଷ୍ଟବିନକୁ ଯାଉଛି । ଏପରିକି ବନ ବିଭାଗ କ୍ରସରକୁ ସିଲ କରିବା ସହ ବାରମ୍ବାର ନୋଟିସ କରିବା ସତ୍ୱେ କିଛି ବି ପ୍ରଭାବ ପଡୁନାହିଁ ବେଆଇନ ଭାବେ ଚାଲିଥିବା ସେହି କ୍ରସର ମାଲିକଙ୍କ ଉପରେ। ଆର.ଟି.ଆଇ ହିଁ ଏ ସଂପକ୍ରିୟ ସମସ୍ତ ଗୋପନ ତଥ୍ୟ ପର୍ଦ୍ଦାଫାଶ କରିବାରେ ସମର୍ଥ ହୋଇଛି । କେନ୍ଦୁଝର ଜିଲ୍ଲା ଘଟଗାଁ ତହସିଲ ଅନ୍ତର୍ଗତ ଢେଙ୍କିକୋଟ ଆର.ଆଇ ସର୍କଲ ର ଘଟଂଘର ମୌଜାରେ ରହିଛି ରହିଛି ଏକ ଷ୍ଟୋନ କ୍ରସର । କିନ୍ତୁ ଏହି ଷ୍ଟୋନ କ୍ରସର ପାଇଁ ଆବଶ୍ୟକ ପଥର ପାଇଁ କ୍ରସର ମାଲିକଙ୍କ ପକ୍ଷରୁ ନିକଟସ୍ଥ ପାହାଡରେ ବିସ୍ଫୋରଣ କରାଯାଉଛି । ବିସ୍ଫୋରଣ ପାଇଁ ଆଇନଗତ ଅନୁମତି ନିଆଯାଉନଥିବା ମଧ୍ୟ ଅଭିଯୋଗ ହେଉଛି । କିନ୍ତୁ ଏହି ବିସ୍ଫୋରଣ ଏତେ ଭୀଷଣ ରହୁଛି ଯେ ଏହାଦ୍ୱାରା ଦ୍ୱାରା ଆଖ ପାଖ ଗ୍ରାମରେ ଥିବା ଘର ଗୁଡିକରେ ଫାଟ ସୃଷ୍ଟି ହେବା ସହ ଘର ଗୁଡିକ ଅଧିକରୁ ଅଧିକ ଦୁର୍ବଳ ହୋଇ ପଡୁଛି। ଏପରି କି କେତେବେଳେ ବି ଭୁଷୁଡି ପଡିବାର ସମ୍ଭାବନା ରହୁଛି । ଯାହାକୁ ନେଇ ଅଂଚଳବାସୀଙ୍କ ମଧ୍ୟରେ ଦିନକୁ ଦିନ ଅସନ୍ତୋଷ ବଢିବାରେ ଲାଗିଛି । ଘଟଗାଁ ତହସିଲ ଅନ୍ତର୍ଗତ ଖଟଂଘର ମୌଜାରେ ଖାତା ନଂ ୫୦, ପ୍ଲଟ ନଂ ୩୬୮ର ଘରବାଡି କିସମରେ ରହିଛି ୨୦୦ ଟିପିଏଚ୍ ଆଦିବାସୀ ଜମି । ଏହି ଘରବାଡି କିସମ ଜମି ଉପରେ ଶିବମ କନ୍?ଡେଭ ନାମକ ଏକ ଷ୍ଟୋନ କ୍ରସର ଚାଲୁଛି ଯାହାକୁ ନେଇ ବିବାଦ ବଢିବାରେ ଲାଗିଛି । ଖଣି ଲିଜ ସୀମା ମଧ୍ୟରେ ଏବଂ ଏହାଠାରୁ ୧ କି . ମି . ବ୍ୟାସାର୍ଦ୍ଧ ମଧ୍ୟରେ କୌଣସି କ୍ରସର ପ୍ରତିଷ୍ଠା ହୋଇ ପାରିବ ନାହିଁ ବୋଲି ସିଆର’ ର କଡା ନିର୍ଦ୍ଦେଶ ରହିଥିଲେ ମଧ ତାହାକୁ ଖୋଲା ଖୋଲି ଉଲଘଂନ କରାଯାଇ ଦୀର୍ଘ ବର୍ଷ ହେବ ଏଠାରେ କିପରି କ୍ରସର ଚାଲିଛି ତାହା ହିଁ ସବୁଠାରୁ ବଡ ପ୍ରଶ୍ନ ହୋଇ ଛିଡା ହୋଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ଯେ ଏନ.ଏଚ.ର ଅସଂପର୍ଣ୍ଣ କାର୍ଯ୍ୟ ଶେଷ କରିବା ଉଦ୍ଦେଶ୍ୟରେ ଖଜୁରୀଆଣି ଠାରେ ଏକ ପଥର ଖଣି ଲିଜ ଦିଆଯାଇଛି । କିନ୍ତୁ ପଥର ଖଣି ଠାରୁ ପ୍ରାୟ ମାତ୍ର ୨୦୦ମିଟର ମଧ୍ୟରେ ଖଟଂଘର ଠାରେ ସିବମ କନଡେଭ ସଂସ୍ଥା ଅସ୍ଥାୟୀ ଭାବେ କ୍ରସର ସ୍ଥାପନ ଅନୁମତି ପାଇଥିଲେ ମଧ କୌଣସି ଆଇନ କାନୁନକୁ ଅନୁସରଣ କରିନଥିଲା । ଏପରିକି କ୍ରସର ଧାର୍ଯ୍ୟ ସମୟସୀମା ୨୦୨୩ ମସିହା ଜାନୁୟାରୀ ୩୧ତାରିଖରୁ ଶେଷ ହୋଇଯାଇଥିଲେ ମଧ ଏବେ ବି କ୍ରସର କିପରି କାର୍ଯ୍ୟକ୍ଷମ ରହିଛି ତାହା ବଡ ପ୍ରଶ୍ନ ଭାବେ ଛିଡା ହୋଇଛି । କ୍ରସର ନିକଟରେ ଥିବା ଖଟଂଘର, ପାରାଭାଡି ସାହୀ, ପ୍ରଧାନ ସାହୀ ଆଦିରେ ବାସକରୁଥିବା ପ୍ରାୟ ୫୦୦ରୁ ଉର୍ଦ୍ଧ ଲୋକମାନେ କ୍ରସର ପାଇଁ ପଥର ଖଣିରେ ହେଉଥିବା ବିସ୍ଫୋରଣ ପାଇଁ ଆତଙ୍କିତ ଅବସ୍ଥାରେ ରହୁଛନ୍ତି । ଏପରିକି କ୍ରସରର ଧୂଳି ଧୂଆଁରେ ଲୋକମାନେ ଅଣନିଶ୍ୱାସି ହୋଇପଡିବା ସହ ଗ୍ରାମର ପୋଖରୀ, କୂଆ ଆଦି ସବୁ ପ୍ରଦୂଷିତ ହୋଇପଡୁଛି । ଅନ୍ୟ ପକ୍ଷରେ ଖଣି ଖନନ ସମୟରେ ୧୮ ଫୁଟ ଗଭୀରତାରୁ କମ୍ ଖନନର ନିୟମ ଥିଲେ ମଧ ଖଜୁରୀଜୁଆଣୀ କ୍ୱାରୀରେ ୫୦ ଫଟରୁ ଅଧିକ ଖନନ ହେଲାଣି। ସମଗ୍ର ଅଂଚଳରେ ଗୃହପାଳିତ ପଶୁ, ବନ୍ୟପ୍ରାଣୀଙ୍କ ପାଇଁ ବିପଦ ସୃଷ୍ଟି ହୋଇଛି । କ୍ରସରର କନସେଂଟ ଟୁ ଏଷ୍ଟାବ୍ଲିସମେଂଟ ଓ କନସେଂଟ ଟୁ ଅପରେଟର ପ୍ରମାଣ ନଥିବାରୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ନୋଟିସ ପଠାଯାଇ ଦାୟିତ୍ୱ ଶେଷ କରି ବସିଯାଇଛି । ବନ ବିଭାଗ ପକ୍ଷରୁ ମଧ କ୍ରସର ବନ୍ଦ ପାଇଁ କଡା ନିର୍ଦ୍ଦେଶକୁ ବି ସଂସ୍ଥା ଖାତିର କରୁନାହିଁ । ତେବେ ଏ ସଂପର୍କରେ ସ୍ଥାନୀୟ ତହସିଲଦାରଙ୍କ ବକ୍ତବ୍ୟ ବେଶ ରହସ୍ୟପୂର୍ଣ୍ଣ ହୋଇପଡିଛି । ତେବେ ଏହା ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗଠନ ନିଆଯିବ ବୋଲି କହିଛନ୍ତି ଡିଏଫଓ। ଅବଶ୍ୟ ତାହା କେବେ ହେବ ତାହା ଦେଖିବାକୁ ବାକି ରହିଛି ।

# କନ୍ଧମାଳ ଜିଲ୍ଲା ପରିଷଦର ତୃତୀୟ ଅଧିବେଶନ ଅନୁଷ୍ଠିତ

କନ୍ଧମାଳ,୧୨।୦୪(ନି.ପ୍ର): ମଙ୍ଗଳ ବାର କନ୍ଧମାଳ ଜିଲ୍ଲା ପରିଷଦ ର ତୃତୀୟ ଅଧିବେଶନ ସ୍ଥାନୀୟ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାପରିଷଦ ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲ୍ଲାପରିଷଦ ଅଧକ୍ଷା ନନ୍ଦିନୀ ମଲ୍ଲିକ ପ୍ରାରମ୍ଭିକ ଅଭିଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଂସଦଡ଼ଃ. ଅଚ୍ୟୁତ ସାମନ୍ତ ସମେତ ଫୁଲବାଣୀ,ବାଳିଗୁଡା ଓ଼ ଜି ଉଦୟଗିରି ବିଧାୟକ, ଜିଲ୍ଲା ପରିଷଦ ଉପାଧକ୍ଷା ଓ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଯୋଗଦେଇଥିଲେ । ତେବେ, ବୈଠକ ଆରମ୍ଭ ହେବାପୂର୍ବରୁ ଜିଲ୍ଲାପରିଷଦ ସଦସ୍ୟ ସଦସ୍ୟା ମାନେ ଜିଲାର ବିଭିନ୍ନ ବିଭାଗ ର ସରକାରୀ ଅଧିକାରୀମାନେ ଜିଲ୍ଲାପରିଷଦ ର ନିର୍ବାଚିତ ସଦସ୍ୟ ମାନଙ୍କୁଗୁରୁତ୍ୱ ନ ଦେଇ ଅଣଦେଖା କରୁଥିବା, ଫୋନ୍ କଲ ରିସିଭ କରୁନଥିବା, ଅଭିଯୋଗ କରି ବୈଠକକୁ ବର୍ଜନ କରି ଗୃହରୁ ବାହାରି ଯାଇଥିଲେ। ରୀତିମତ ଏହି ଅଭିଯୋଗ କରାଯାଉଥିଲେ ବି ଅଧିକାରୀ ମାନେ ଶୁଣୁନାହାନ୍ତି। ପରିସ୍ଥିତି ଜଟିଳ ହେବାର ଦେଖି ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ଓ ବାଲିଗୁଡା ବିଧାୟକ ଚକ୍ରମଣି କହଁର ସଦସ୍ୟ ମାନଙ୍କୁ ବୁଝାଇ ଗୃହକୁ ଫେରାଇ ଆଣିଥିଲେ। ସଦସ୍ୟମାନେ ଏହି ସଂକ୍ରାନ୍ତରେ ଏକ ୮ ଦଫା ଦାବି ସମ୍ବଳିତ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ। ପରେ ଜିଲ୍ଲାର ବିଭିନ୍ୟ ସମସ୍ୟା ଓ ଯୋଜନା ଉପରେ ଆଲୋଚନା ହୋଇଥିଲା।

# ଫିଲ୍ମ ଷ୍ଟାଇଲରେ ପାଣି ଟାଙ୍କି ଉପରେ ଚଢିଗଲା ପ୍ରେମିକ: ଆତ୍ମହତ୍ୟା ଉଦ୍ୟମ

ବଲାଙ୍ଗିର,୧୨।୦୪(ନି.ପ୍ର): ବଲାଙ୍ଗିର ଜିଲାର ଦେଓଗାଁ ଅଂଚଳରେ ଫିଲ୍ମ ଷ୍ଟାଇଲ୍ରେ ଆତ୍ମହତ୍ୟା ଉଦ୍ୟମ ହୋଇଛି। ପାଣି ଟାଙ୍କି ଉପରକୁ ଚଢ଼ାଗଲେ ପ୍ରେମିକ। ଆଉ ପ୍ରେମିକା ପାଖକୁ ଭିଡିଓ କଲ୍ କଲେ। ହେଲେ ପ୍ରେମିକା ଫୋନ୍ ଉଠାଇଲେ ନାହିଁ। ଯେଉଁଥିପାଇଁ ହତାସିଆ ପ୍ରେମିକ ପ୍ରବରଙ୍କ ଆତ୍ମହତ୍ୟାର ଫିଲ୍ମ ଫ୍ଲପ୍ ହୋଇଛି। ଏପରି ଲଭ୍ ଷ୍ଟୋରୀକୁ ନେଇ ବଲାଙ୍ଗିର ଜିଲ୍ଲାରେ ବେଶ୍ ଚର୍ଚ୍ଚା ହେଉଛି। ପୂରା ଘଟଣା କିଛି ଏମିତି। କୁଠୁର୍ଲା ଗାଁର ଲଭର ବଏ ପିଂଟୁ ହରପାଳ। ସେ ବଲାଙ୍ଗିର ସହରର ଜଣେ ଝିଅକୁ ଭଲ ପାଉଥିଲେ। କୌଣସି କାରଣରୁ ନିଜ ପ୍ରେମିକା ସହିତ ଫୋନରେ କଥା ହେବ ସମୟରେ ତାର ବଚସା ହୋଇଥିଲା। ସେଥିପାଇଁ ପିଂଟୁଙ୍କ ସହିତ ତାଙ୍କ ପ୍ରେମିକା କଥା ହେଉନଥିଲେ। ତାଙ୍କ ଫୋନ୍ ଉଠାଉନଥିଲେ। ତାଙ୍କ ଗାଁକୁ ଗଲେ ମଧ୍ୟ ଦେଖାଦେଉନଥିବା ଆଲୋଚନା ହେଉଥିଲା। ପ୍ରେମିକାଙ୍କ ଏପରି ବ୍ୟବହାରରେ ଅତିଷ୍ଠ ହୋଇଥିଲେ ପ୍ରେମିକ ପ୍ରବର ପିଂଟୁ। ସେଥିପାଇଁ ଗତକାଲି ସକାଳ ପ୍ରାୟ ୧୦ଟା ବେଳେ ସେ ନିଜ ଗାଁରେ ଥିବା ପାଣି ଟାଙ୍କି ଉପରକୁ ଚଢ଼ି ଯାଇଥିଲେ। ସାଥୀରେ କିଛି ଟାବ୍ଲେଟ୍ ନେଇଥିଲେ। ପାଣି ଟାଙ୍କି ଉପରକୁ ଚଢ଼ି ପିଂଟୁ ପ୍ରଥମେ ନିଜ ପ୍ରେମିକାଙ୍କ ପାଖକୁ ଭିଡିଓ କଲ୍ କରିଥିଲେ। ପ୍ରେମିକାଙ୍କ ଆଗରେ ମରିବାକୁ ଚାହୁଁଥିଲେ। ହେଲେ ପ୍ରେମିକା ଫୋନ୍ ରିସିଭ୍ କରିନଥିଲେ। ଗାଁ ଲୋକେ ପିଂଟୁର ଏ ବାଚଳାମି ଦେଖି ତଳକୁ ଓହ୍ଲାଇବାକୁ ଡାକିଥିଲେ। ମାତ୍ର ସେ ତଳକୁ ଓହ୍ଲାଇ ନଥିଲେ। ପରେ ଗାଁ ଲୋକ ଦେଓଗାଁ ଅଗ୍ନିଶମ ବିଭାଗ କାର୍ଯ୍ୟାଳୟକୁ ଫୋନ୍ କରିଥିଲେ। ଅଗ୍ନିଶମ କର୍ମଚାରୀମାନେ ଗାଁରେ ପହଂଚି ପିଂଟୁକୁ ତଳକୁ ଆସିବା ପାଇଁ କହିଥିଲେ। ମାତ୍ର ସେ କିଛି ଶୁଣିନଥିଲେ। ଶେଷରେ ଅଗ୍ନିଶମ କର୍ମଚାରୀ ମାନେ ତାଙ୍କୁ ତଳକୁ ଓହ୍ଲାଇବା ପାଇଁ ପାଣିଟାଙ୍କି ଉପରକୁ ଚଢ଼ିଥିଲେ। ଏହା ଦେଖି ପିଂଟୁ ନିଜ ପାଖରେ ରଖିଥିବା ଟାବଲେଟ୍ ଖାଇ ଦେଇଥିଲେ। ତା’ପରେ ସେଠାରେ ଚେତା ହରାଇ ପଡ଼ି ଯାଇଥିଲେ। ଏହାପରେ ଅଗ୍ନିଶମ କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି ଦେଓଗାଁ ମେଡ଼ିକାଲରେ ଭର୍ତି କରିଥିଲେ। ବର୍ତମାନ ସୁଦ୍ଧା ସେଠାରେ ତାଙ୍କର ଚିକିତ୍ସା ଚାଲିଛି।

# ବଲାଙ୍ଗିର ଜିଲ୍ଲାରେ ‘ଚାଲ ଆମେ ସ୍କୁଲ ଯିମା’ ସଚେତନତା ଅଭିଯାନ ଉଦଘାଟିତ

ବଲାଙ୍ଗିର,୧୨।୦୪(ନି.ପ୍ର): ବଲାଙ୍ଗିର ଜିଲ୍ଲାର ୬ ରୁ ୧୪ ବର୍ଷ ମଧ୍ୟରେ ଥିବା ସବୁ ପିଲାମାନଙ୍କୁ ବିଦ୍ୟାଳୟରେ ନାମ ଲେଖାଇବା ଓ ବିଦ୍ୟାଳୟରେ ସେମାନଙ୍କର ନିୟମିତ ପାଠପଢାକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ “ଚାଲ ଆମେ ସ୍କୁଲ ଯିମା” ସଚେତନତା ଅଭିଯାନ ଜିଲ୍ଲାପାଳ ଚଂଚଳ ରାଣାଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି । ଏହି ଅବସରରେ ସ୍ଥାନୀୟ ପୃଥ୍ୱୀରାଜ ଉଚ୍ଚ ବିଦ୍ୟାଳୟ ଠାରେ ଜିଲ୍ଲା ଶିକ୍ଷା ଅଧିକାରୀ ଧୃବ ଚରଣ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ ଚଂଚଳ ରାଣା, ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ କେଶବ ମେହେର, ଡିଆଇଇଟି ଅଧକ୍ଷ ଜ୍ଞାନେନ୍ଦ୍ର ମଲ୍ଲିକ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଲୋକନାଥ ସୁନା, ପୃଥ୍ୱୀରାଜ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷିନୀ ସେଠି ମଂଚାସୀନ ଥିଲେ । ନୂତନ ଭାବରେ ବିଦ୍ୟାଳୟରେ ନାମ ଲେଖାଇଥିବା ଛାତ୍ରଛାତ୍ରୀ ମାନଙ୍କୁ ଜିଲ୍ଲାପାଳ ଫୁଲ ଓ ପୁସ୍ତକ ପ୍ରଦାନ କରି ସ୍ୱାଗତ କରିଥିଲେ । ଏହି ଅବସରରେ ଜିଲ୍ଲାର ସମସ୍ତ ବ୍ଲକ ଓ ସହରାଚଂଳରେ ପରିକ୍ରମା କରିବାକୁ ଥିବା “ଚାଲ ଆମେ ସ୍କୁଲ ଯିମା” ସଚେତନତା ରଥକୁ ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷା ଅଧିକାରୀ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ।

## ପାରାଦୀପର ଗଭୀର ସମୁଦ୍ରରେ ମିଳିତ ସମରାଭ୍ୟାସ ସାଗର କବଚ ଓଡି-୨୩ ଆରମ୍ଭ

ପାରାଦୀପ,୧୨।୦୪(ନି.ପ୍ର): ପାରାଦୀପର ଗଭୀର ସମୁଦ୍ରରେ ଦୁଇ ଦିନିଆ ମିଳିତ ସମରାଭ୍ୟାସ ସାଗର କବଚ ଓଡି-୨୩ ଆଜି ଠାରୁ ଆରମ୍ଭ ହୋଇଛି । ଏହା ଆଜି ଓ ଆସନ୍ତାକାଲି ଦୁଇ ଦିନ ଧରି ଚାଲିବ । ଏହା ଚଳିତ ବର୍ଷର ପ୍ରଥମ ମିଳିତ ସମରାଭ୍ୟାସ । ଏହି ସମରାଭ୍ୟାସରେ କୋଷ୍ଟଗାର୍ଡ଼, ନୌସେନା, ଫରେଷ୍ଟ, ମେରାଇନ ପୋଲିସ, ଅଗ୍ନିଶମ, କଷ୍ଟମ, ସିଆଇଏସଏଫ ଓ ମତ୍ସ୍ୟ ବିଭାଗ ସମେତ ମୋଟ୍ ୧୮ଟି ବିଭାଗ ସାମିଲ୍ ହୋଇଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଏହି ସମରାଭ୍ୟାସ ଚାଲିଛି । ଏହାର ମୁଖ୍ୟ ଲକ୍ଷ୍ୟ ଜଳଦସ୍ୟୁଙ୍କ ଉପରେ ସତର୍କ ନଜର ରଖିବା ଓ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ମଜବୁତ କରିବା। ଏହି ମିଳିତ ସମରାଭ୍ୟାସରେ ଜଳପଥରେ ହେଉଥିବା ଆତଙ୍କବାଦୀ ଆକ୍ରମଣ ଓ ଅନୁପ୍ରବେଶକୁ କିଭଳି ପ୍ରତିହତ କରାଯାଇପାରିବ ସେନେଇ ବିଭିନ୍ନ କଳା କୌଶଳ ପ୍ରଦର୍ଶନ କରାଯାଇଛି ।

## ବାଇପୋଲାର୍ ଡିଜ୍‌ଅର୍ଡର୍ ଦୂର୍ କରେ ଯୋଗ



ବାଇପୋଲାର ଡିଜ୍‌ଅର୍ଡର ସମସ୍ୟାକୁ ଯୋଗ ଦ୍ୱାରା ଦୂର କରାଯାଇ ପାରିବ । ବାଇପୋଲାର ଡିଜ୍‌ଅର୍ଡର ହେଉଛି ଏକ ମାନସିକ ବିକାର ପ୍ରକ୍ରିୟା । ମାନସିକ ଚାପ ତଥା ମାନସିକ ବ୍ୟତିକ୍ରମ ଦେଇ ଗତି କରୁଥିବା ବ୍ୟକ୍ତିଙ୍କୁ ବାଇପୋଲାର ଡିଜ୍‌ଅର୍ଡର ରୋଗୀ ବୋଲି କୁହାଯାଏ । ତେବେ ଏହି ରୋଗୀଙ୍କୁ ବିନା ଖର୍ଚ୍ଚରେ ଯୋଗବିଦ୍ୟା ଦ୍ୱାରା ଦୂର କରାଯାଇପାରିବ ବୋଲି ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି । ଏଭଳି ବିକାରଗ୍ରସ୍ତ ବ୍ୟକ୍ତି ନିତିଦିନ ଯୋଗ କଲେ ସେମାନଙ୍କ ଭାବାତ୍ମକ, ଶାରୀରିକ ବିକାଶ ଘଟିଥାଏ ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି । ଏପରିକି ନିୟମିତ ଯୋଗ ଅଭ୍ୟାସ ଦ୍ୱାରା ଜୀବନରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପଡ଼ିଛି ଏବଂ ଜୀବନ ପରିବର୍ତ୍ତନ ହୋଇଚି ବୋଲି କିଛି ବାଇପୋଲାର ଡିଜ୍‌ଅର୍ଡର ବ୍ୟକ୍ତି ମତାମତ ଦେଇଛନ୍ତି । ଏ ସମ୍ପର୍କରେ ବ୍ରାଉନ୍ ବିଶ୍ୱବିଦ୍ୟାଳୟ ଏବଂ ବଟ୍‌ଏର୍ ଡାକ୍ତରଖାନାର ଡାକ୍ତର ଲିସା ଏ. ଉପଚାର ଲାଗି ଯୋଗ ଅଭ୍ୟାସ କରୁଥିବା ୧୦୯ ଜଣଙ୍କୁ ନେଇ ବୈଜ୍ଞାନିକମାନେ ଏକ ପରୀକ୍ଷଣ କରି ଏହାର ପରିଣାମ ପରେ ଉପରୋକ୍ତ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି । ଏହି ବ୍ୟକ୍ତିମାନେ ବାଇପୋଲାର ଡିଜ୍‌ଅର୍ଡରରୁ ମୁକ୍ତିପାଇବା ଲାଗି ଦୀର୍ଘ ୬ ବର୍ଷ ହେଲା ସପ୍ତାହରେ ୨ ଦିନ ଲେଖାଏ ଯୋଗ କରି ଆସୁଥିଲେ । ଏଭଳି ବ୍ୟକ୍ତିଙ୍କୁ ନେଇ ଏକ ଅନ୍‌ଲାଇନ୍ ସର୍ଭେ କରାଯାଇଥିଲା । ଏହି ସର୍ଭେରେ ରୋଗର ଲକ୍ଷଣ ସମ୍ପର୍କରେ ସେମାନଙ୍କୁ ପ୍ରଶ୍ନ କରାଯାଇଥିଲା । ସେମାନଙ୍କ ବ୍ୟବହାର ଏବଂ ମାନସିକ ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରିବା ଲାଗି ଭିଡିଓ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆୟୋଜନ ମଧ କରାଯାଇଥିଲା । ସେଥିରୁ ଜଣାପଡ଼ିଥିଲା ଯେ, ରୋଗୀଙ୍କ ମଧ୍ୟରୁ ୮୬ଜଣ ବ୍ୟକ୍ତି ଉପଯୋଗୀ ତଥ୍ୟ ଦେଇଥିବା ବେଳେ ୭୦ ଜଣଙ୍କ ନିକଟରେ ସକାରାତ୍ମକ ପରିଣାମ ଦେଖିବାକୁ ମିଳିଥିଲା । ସପ୍ତାହରେ ଦୁଇଦିନ ଲେଖାଏ ଯୋଗ କରିବା ଦ୍ୱାରା ସେମାନଙ୍କର ମାନସିକ ବିକାରଗ୍ରସ୍ତତା ଅପେକ୍ଷାକୃତ କମ୍ ହେବା ସହ ମାନସିକ ବିକାଶ ଘଟିଥିଲା । ସେହିପରି ଦୁଇତୃତୀୟାଂଶ ଲୋକ କହିଥିଲେ ଯେ, ଜୀବନରେ ନମନୀୟତା ଆଣିବା ସହ ମାନସିକ ଚାପ ଓ ଚିନ୍ତା ଦୂରକରିବା ଲାଗି ସେମାନେ ଯୋଗ କରିଥାନ୍ତି ।

## ଉଦ୍ଭିଦର କରାମତି



**ୱାଣ୍ଡର ପ୍ଲାଣ୍ଟ୍ ଘିକୁଆଁରୀ :-** ଘିକୁଆଁରୀ ରୋଗ ଉପଶମ କରେ । ଶରୀରକୁ ଶୀତଳ ରଖେ, ସୌନ୍ଦର୍ଯ୍ୟ ପ୍ରଦାନ କରେ ଓ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରେ । ପ୍ରାୟ ୩୨୦ଟି ରୋଗ ପାଇଁ ଏହା ଦରକାରୀ । ଓଜନ କମିବା ସମସ୍ୟା ଠାରୁ ଆରମ୍ଭ କରି ତ୍ୱଚା ଓ ଶୋ ଉପଚାର, ଶ୍ୱାସକ୍ରିୟା ଜନିତ ସମସ୍ୟା, ମଧୁମେହ, ହୃଦରୋଗ, ରକ୍ତଚାପ ଓ କ୍ୟାନସର ଆଦି ରୋଗ ପାଇଁ ଏହାକୁ ବ୍ୟବହାର କରାଯାଏ । ଘିକୁଆଁରୀ ପତ୍ରରେ ୬ ପ୍ରକାରର ଆଣ୍ଟିସେପ୍ଟିକ୍ ଉପାଦାନ ଥାଏ । ଆଣ୍ଟିମାଇକ୍ରୋ ବାଇଆଲ ପ୍ରୋଟିନ, ୨୧ ପ୍ରକାରରୁ ଉର୍ଦ୍ଧ୍ୱ ଆମିନୋ ଏସିଡ୍, ୭ ପ୍ରକାର ଭିଟାମିନ, ତିନି ପ୍ରକାରର କାର୍ବୋହାଇଡ୍ରେଟସ୍ ମଧ୍ୟରେ ଏଥିରୁ ମିଳିଥାଏ । ମିନେରାଲ୍ସ, ଏନ୍‌ଜାଇମ୍ସ ଓ ଫାଇବର ମଧ୍ୟ ଏଥିରେ ରହିଛି ।

**ମିରାକଲ୍ ଫ୍ରୁଟ୍ ନୋନି :-** ଇଣ୍ଡିଆନ୍ ମୁଲ୍‌ବେରୀର ଅନ୍ୟମାନ ନୋନି । ଏହି କୋଳିର ରସରେ ପ୍ରଚୁର ଆଣ୍ଟି ଆକ୍ସିଡାଣ୍ଟ ରହିଛି । ଏହା ଶରୀରରୁ ଟକ୍ସିନ ଦୂର ପିଇଲେ ରକ୍ତଚାପ କମିଯାଏ ବୋଲି ଟୁଫ୍‌ଟ ୟୁନିଭର୍ସିଟି (ଆମେରିକା)ର ଗବେଷକ ମାନେ ପ୍ରକାଶ କରିଛନ୍ତି ।




ଏଥିରୁ ଭିଟାମିନ୍-ସି ମିଳେ । ମାଂସପେଶୀ ଯନ୍ତ୍ରଣା କମାଇବାରେ ଏହା ସାହାଯ୍ୟ କରେ । ହଜମ ଶକ୍ତି ବଢ଼ାଏ ଓ ଶ୍ୱାସକ୍ରିୟାରେ ବାଧା ସୃଷ୍ଟି ହେଉଥିଲେ ତାହା ଦୂର କରେ । ମାସିକ ଋତୁସ୍ରାବ ଜନିତ କଷ୍ଟ ଲାଘବ କରେ ।

## ମଧୁମେହର ମେଟାବଲିକ୍ ଅସ୍ତ୍ରୋପଚାର



ଭାରତରେ ୬୨ ନିୟୁତ ମଧୁମେହ ରୋଗୀ ଅଛନ୍ତି । ବିଶ୍ୱରେ ମଧୁମେହ ରୋଗୀଙ୍କ ତାଲିକାରେ ଏହା ଦ୍ୱିତୀୟ ସ୍ଥାନରେ ରହିଛି । ଚାଇନାରେ ଏହି ରୋଗରେ ୯୨ ନିୟୁତ ଲୋକ ଆକ୍ରାନ୍ତ ବୋଲି ଏକ ପରିସଂଖ୍ୟାନରୁ ଜଣାପଡିଛି । କ୍ରମବର୍ଦ୍ଧିଷ୍ଣୁ ଆକ୍ରାନ୍ତଙ୍କ ସଂଖ୍ୟା ଯୋଗୁ ଭାରତରେ ଏହି ରୋଗକୁ ନେଇ ଗତ କିଛି ବର୍ଷ ହେଲା ବ୍ୟବସାୟ ମଧ୍ୟ ବଢ଼ିବାରେ ଲାଗିଛି । ଇନ୍‌ସୁଲିନ୍ ଓ ଇଞ୍ଜେକ୍‌ସନ୍ ବିନା ଗ୍ଲୁକୋଜ୍ ମନିଟରିଂ ସିଷ୍ଟମ୍ ବହୁଳ ଭାବେ ଭାରତୀୟ ବଜାରରେ ବିକ୍ରି ହେଉଛି । ଏଗୁଡିକ ଭିନ୍ନ ଭିନ୍ନ ଆକାର ଓ ମୂଲ୍ୟର ଉପଲବ୍ଧ ହେଉଛି । ଏବେ ରୋଗୀଙ୍କ ପାଇଁ ମେଟାବଲିକ୍ ଅସ୍ତ୍ରୋପଚାର ନୂଆ ଆଶା ସଞ୍ଚାର କରୁଛି । ଏହା ମାଧ୍ୟମରେ ୮୦ ପ୍ରତିଶତ ରୋଗୀ ଆରୋଗୀ ଲାଭ କରିପାରୁଛନ୍ତି । ରକ୍ତର ଶର୍କରା ପରିମାଣ ନିୟନ୍ତ୍ରଣ କରିପାରିଲେ ମଧୁମେହ ରୋଗକୁ ଏଡାଇ ହେବ । ସଚେତନତା ଓ ଚିକିତ୍ସାଧୀନ ଥିଲେ ମଧ୍ୟ ଅଧିକାଂଶ ରୋଗୀ ଶର୍କରା ପରିମାଣ ନିୟନ୍ତ୍ରଣ କରିବାରେ ବିଫଳ ହେଉଛନ୍ତି । ଏହାର କାରଣ ଟାଇପ୍-୨ ମଧୁମେହରେ ରୋଗୀଙ୍କ ଇନ୍‌ସୁଲିନ୍ ଅଭାବ ନୁହେଁ, ବରଂ ଇନ୍‌ସୁଲିନ୍ ପ୍ରତି ଶରୀରର ରୋଗ ପ୍ରତିରୋଧକ ଶକ୍ତି । ଆମ ଦେଶରେ ଇନ୍‌ସୁଲିନ୍‌ର ବର୍ଦ୍ଧିଷ୍ଣୁ ଆବଶ୍ୟକତାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଓ ବିଭିନ୍ନ ଔଷଧ ପ୍ରସ୍ତୁତକାରୀ ନିୟାମକ ସଂସ୍ଥା ଏହାର ମୂଲ୍ୟ ହ୍ରାସ ଦିଗରେ ଗୁରୁତ୍ୱ ଦେବା ଉଚିତ । ଏହି କ୍ଷେତ୍ରରେ ଦେଖାଯାଉଛି ଯେ, ପୁରୁଣା ଇନ୍‌ସୁଲିନ୍ ଠାରୁ ନୂଆର ମୂଲ୍ୟ ଅଧିକ ରହୁଛି । ତେଣୁ ରୋଗୀ ଏହାକୁ ବ୍ୟବହାର କରି ଚିକିତ୍ସିତ ହେବାର ସକ୍ଷମ ହେଉନାହାନ୍ତି । କେତେକ କ୍ଷେତ୍ରରେ ରୋଗୀମାନେ ଇନ୍‌ସୁଲିନ୍ ଗ୍ରହଣ କରି ମଧ୍ୟ ରୋଗମୁକ୍ତ ହେଉନାହାନ୍ତି । ଏଥିପାଇଁ ମେଟାବଲିକ୍ ଅସ୍ତ୍ରେପଚାରର ସହାୟତା ନିଆଯାଉଛି । ୧୯୫୦ ଦଶକରେ ମୋଟା ଲୋକଙ୍କ ଓଜନ ହ୍ରାସ କରିବା ପାଇଁ ଏହି ପ୍ରକାର ଅସ୍ତ୍ରୋପଚାର କରାଯାଉଥିଲା । ୨୦୦୪ରେ ହୋଇବା ଏକ ଗବେଷଣାରୁ ମେଟାବଲିକ୍ ଅସ୍ତ୍ରୋପଚାର ସୁଫଳ ସମ୍ପର୍କରେ ନୂଆ ତଥ୍ୟ ଜଣାପଡିଲା ।

## ଇଲେକ୍‌ଟ୍ରୋନିକ୍ ଆଖି



ଏବେ ଦୃଷ୍ଟିହୀନ ବ୍ୟକ୍ତିମାନେ ମଧ୍ୟ ଦେଖିପାରିବେ । ଆଉ ଏହାକୁ ସମ୍ଭବ କରିପାରିଛନ୍ତି ଅଷ୍ଟ୍ରେଲିଆର କେତେକ ଗବେଷକ । ଆଧୁନିକ ଜ୍ଞାନକୌଶଳ ବ୍ୟବହାର କରି ସେମାନେ କୃତ୍ରିମ ଆଖି ତିଆରି କରିବାରେ ସଫଳ ହୋଇଛନ୍ତି । ଅତ୍ୟାଧୁନିକ ଇଲେକ୍‌ଟ୍ରୋନିକ୍ ଜ୍ଞାନକୌଶଳରେ ନିର୍ମିତ ଏହି ଆଖି ବଳରେ ଜଣେ ଦୃଷ୍ଟିହୀନ ବ୍ୟକ୍ତି ଦୁନିଆକୁ ଦେଖିପାରିବ । ସାଧାରଣତଃ ରେଟିନାର ଅବକ୍ଷୟ, ଆଲୋକ ସମ୍ବେଦନଶୀଳ କ୍ଷମତା ହ୍ରାସ ଓ ରେଟିନାରେ ଘା ଇତ୍ୟାଦି କାରଣରୁ ଦୃଷ୍ଟିଶକ୍ତିର ଅବକ୍ଷୟ ହୋଇଥାଏ । କିନ୍ତୁ ଏହି କୃତ୍ରିମ ଇଲେକ୍‌ଟ୍ରୋନିକ୍ ଆଖି ପ୍ରତିରୋପଣ କରିବା ପରେ ଏହା ରେଟିନାରେ ଦେଖାଯାଉଥିବା ସବୁ ସମସ୍ୟାର ସମାଧାନ କରିଦେଇଥାଏ । ଏଥିରେ ଥିବା ମାଇକ୍ରୋଚିପ୍‌ରେ ଅତ୍ୟାଧୁନିକ କ୍ୟାମେରା ଖଞ୍ଜା ଯାଇଛି । ସେହିପରି ଏହି ମାଇକ୍ରୋଚିପ୍‌ରେ ଥିବା ଇଲେକ୍‌ଟ୍ରୋନ ଗୁଡିକ ରେଟିନା କୋଷ ଗୁଡିକୁ କାର୍ଯ୍ୟକ୍ଷମ କରାଇଥାଏ ଓ ଏହା ଦ୍ୱାରା ଆମ ସ୍ନାୟୁ କୋଷ ମଧ୍ୟ ସକ୍ରିୟ ହୋଇଥାଏ । ରେଟିନାର କୋଷଗୁଡିକ ଯେତେ ସକ୍ରିୟ ହେବ ବ୍ୟକ୍ତି ସେତେ ଅଧିକ ସ୍ପଷ୍ଟ ଭାବେ ଦେଖି ପାରିବେ । ଏହି କୃତ୍ରିମ ଇଲେକ୍‌ଟ୍ରୋନିକ୍ ଆଖିକୁ ପରୀକ୍ଷାମୂଳକ ଭାବେ ବ୍ୟବହାର କରି ଗବେଷକମାନେ ସଫଳ ହୋଇଛନ୍ତି । ଭବିଷ୍ୟତରେ ଏହା ଅନେକ ଦୃଷ୍ଟିହୀନଙ୍କ କାର୍ଯ୍ୟରେ ଲାଗିପାରିବ ବୋଲି ଏହି ଗବେଷକମାନେ ଆଶା ପ୍ରକାଶ କରିଛନ୍ତି ।

## ମହିଳାଙ୍କ ପାଇଁ



ବୟସ ଯାହା ହେଉ ନା କାହିଁକି, ଯୁବା ଦିଶିବାକୁ ସମସ୍ତେ ଚାହାନ୍ତି । ତେବେ ଆଜୀବନ ଯୁବା ଦିଶିବାର ସ୍ୱପ୍ନ ଖୁବ୍ ଶୀଘ୍ର ପୂରଣ ହେବାକୁ ଯାଉଛି । ଖରା ଓ ଚିନ୍ତାରୁ ହେଉଥିବା ହାନିରୁ ତ୍ୱଚାକୁ ରକ୍ଷା କରିବା ପାଇଁ ବୈଜ୍ଞାନିକ ମାନେ ଏକ ଆଣ୍ଟିଅକ୍ସିଡାଣ୍ଟ ତିଆରି କରିଛନ୍ତି । ନ୍ୟୁକ୍ୟାସଲ୍ ବିଶ୍ୱବିଦ୍ୟାଳୟର ଗବେଷକମାନେ ଏଇ ଆଣ୍ଟିଅକ୍ସିଡାଣ୍ଟ ତିଆରି କରିଛନ୍ତି, ଯାହାର ନାମ ଦେଇଛନ୍ତି 'ଟିରୋନ୍' । ସୂର୍ଯ୍ୟଙ୍କ ଅତି ବାଇଗଣି ରଶ୍ମିରୁ ଟିରୋନ୍ ତ୍ୱଚାକୁ ସମ୍ପୂର୍ଣ୍ଣ ରକ୍ଷା କରେ । ଦୀର୍ଘଦିନ ପର୍ଯ୍ୟନ୍ତ ଯୁବା ରଖିବାରେ ମଧ୍ୟ ସହାୟକ ହୁଏ । ସୌନ୍ଦର୍ଯ୍ୟ ପ୍ରସାଧନରେ ଏହାକୁ ସାମିଲ କରାଯାଇ ପାରିବ ବୋଲି ସେମାନଙ୍କ ମତ । ତ୍ୱଚାର ଟିସୁରେ ଥିବା ମାଇଟୋକଣ୍ଡ୍ରିଆରୁ ଏହି ଆଣ୍ଟିଅକ୍ସିଡାଣ୍ଟ ଆବିଷ୍କାର କରାଯାଇଛି ।

## ଅଳସୀ

ଅଣ-ଜଳସେଚିତ ଜମିରେ ଅଳସୀ ଫସଲ ପାଇଁ ଜମି ପ୍ରସ୍ତୁତ କରନ୍ତୁ । ଓଡ଼ିଶାର ଜଳବାୟୁ ପାଇଁ ଦେଓମାଳି ଓ ଆଇଜିପି ୭୬ କିସମ ଉପଯୁକ୍ତ । ଏକର୍ ପ୍ରତି ଚାରି କିଗ୍ରା ବିହନ ଆବଶ୍ୟକ । ବୁଣିବା ପୂର୍ବରୁ ବିହନକୁ ଭଲଭାବେ ଖରାରେ ଶୁଖାଇ, ବିଶୋଧିତ କରି ବୁଣନ୍ତୁ । ଏକ କିଗ୍ରା ବିହନକୁ ତିନି ଗ୍ରାମ ଥିରାମ କିମ୍ୱା ଦୁଇ ଗ୍ରାମ କାର୍ବେଣ୍ଡାଜିମ୍ ମିଶାଇ ବିଶୋଧନ କରନ୍ତୁ । ଜମିକୁ ଭଲ ଭାବେ ଗୁଣ୍ଡ ଚାଷ କରି ଘାସ ବାଛି ଦିଅନ୍ତୁ । ଶେଷ ଓଡ଼ ଚାଷ ସମୟରେ ଏକର୍ ପ୍ରତି ଆଠ କିଗ୍ରା ଲେଖାଏଁ ଯବକ୍ଷାରଜାନ, ଫସଫରସ ଓ ପଟାସ ମୂଳ ସାର ଭାବେ ଦିଅନ୍ତୁ । ଧାଡ଼ି ମଧ୍ୟରେ ତିରିଶ ସେମି ଏବଂ ଗଛ ମଧ୍ୟରେ ଦଶ ସେମି ବ୍ୟବଧାନ ରଖି ମଞ୍ଜି ତିନି ସେମି

## ତ୍ୱଚା ପାଇଁ କମଳା ଚୋପା



**ଆମେ ସାଧାରଣତଃ କମଳା ଖାଇବା ପରେ ଏହାର ଚୋପାକୁ ଫିଙ୍ଗି ଦେଇଥାଉ । ହେଲେ ଜାଣନ୍ତିକି ତ୍ୱଚା ସୌନ୍ଦର୍ଯ୍ୟ ବୃଦ୍ଧି କରିବାରେ ଏହି କମଳା ଚୋପା ବେଶ୍ ଉପକାରୀ । ଜାଣନ୍ତୁ ସେ ସମ୍ପର୍କରେ...**

- ତ୍ୱଚା ପାଇଁ କମଳା ଏକ ପ୍ରାକୃତିକ ଔଷଧ ପରି କାମ କରେ । କମଳା ଚୋପାକୁ ଗୁଣ୍ଡ କରି ଏଥିରେ ଅଳ୍ପ ପାଣି ମିଶାଇ ମୁହଁରେ ଲଗାନ୍ତୁ । କିଛି ସମୟ ପରେ ଉଷୁମ ପାଣିରେ ମୁହଁ ଧୋଇ ଦିଅନ୍ତୁ । ଏହା ତ୍ୱଚାକୁ ମୁଲାୟମ କରିଥାଏ ।

- ଦୁଇ ଚାମଚ କମଳା ଚୋପା ଗୁଣ୍ଡରେ ଗୋଟିଏ ଚାମଚ ମହୁ ଓ ଗୋଟିଏ ଚାମଚ ଦହି ମିଶାନ୍ତୁ । ଏହି ମିଶ୍ରଣକୁ ମୁହଁରେ ଲଗାନ୍ତୁ । ଶୁଖିଗଲା ପରେ ସାମାନ୍ୟ ଉଷୁମ ପାଣିରେ ମୁହଁ ଧୋଇ ହାଲକା ଭାବେ ପୋଛନ୍ତୁ । ଏଭଳି ପ୍ରକ୍ରିୟା କିଛିଦିନ ଜାରି ରଖିଲେ ମୁହଁରୁ ଦାଗ ଦୂର ହୋଇଯିବ ।

- କମଳା ଚୋପା ଗୁଣ୍ଡ ତେଲିଆ ତ୍ୱଚା ପାଇଁ ବେଶ୍ ଉପକାରୀ । ଦୁଇ ଚାମଚ କମଳା ଚୋପା ଗୁଣ୍ଡ, ଗୋଟିଏ ଚାମଚ ଓଟ୍‌ମିଲ୍ସ ଏବଂ ଗୋଟିଏ ଚାମଚ ବେକିଂ ସୋଡ଼ାର ମିଶ୍ରଣକୁ ମୁହଁରେ ଲଗାନ୍ତୁ । ଶୁଖିଗଲା ପରେ ମୁହଁକୁ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ । ଏହା ତ୍ୱଚାରୁ ମଇଳାକୁ ବାହାର କରିବା ସହ ଅତ୍ୟଧିକ ତେଲ, ବ୍ୟାକ୍ଟେରିଆ ଆଦିରୁ ରକ୍ଷା କରିଥାଏ ।

## ଫ୍ୟାସନ୍ : କର୍ମଜୀବୀ ମହିଳାଙ୍କ ପାଇଁ



**ଯଦି ଆପଣ କର୍ମଜୀବୀ ହୋଇଥାନ୍ତି, ତେବେ ନିଜର ଡ୍ରେସ୍‌କୋଡ୍ ଉପରେ ନଜର ଦିଅନ୍ତୁ । କିପିର ଡ୍ରେସ୍ ପିନ୍ଧିଲେ ଆପଣ ସୁନ୍ଦର ସହ ସ୍ମାର୍ଟ ଦେଖାଯିବେ । ଜାଣନ୍ତୁ ସେ ସମ୍ପର୍କରେ...**

■ ଆପଣ ଯଦି କୌଣସି କର୍ପୋରେଟ୍ ସେକ୍ଟରରେ କାମ କରୁଥାନ୍ତି, ଧଳା ଲାଇଲନ୍ ଶାର୍ଟ ପିନ୍ଧିପାରନ୍ତି । ଏହା ସହିତ ଆପଣ କଲରଫୁଲ ସ୍କାର୍ଫ କିମ୍ୱା ହାଲୁକା ରଙ୍ଗର ଜ୍ୟାକେଟ୍ ପିନ୍ଧିପାରିବେ ।

■ ଆପଣ ଯଦି କୌଣସି ଅଫିସରେ କାମ କରୁଥାନ୍ତି ତେବେ ସିମ୍ପଲ ପ୍ୟାଣ୍ଟ ପସନ୍ଦ କରନ୍ତୁ । ଏଥିପାଇଁ ଆପଣ କଳା କିମ୍ୱା ଗ୍ରେ ରଙ୍ଗ ଚୟନ କରିପାରନ୍ତି । ତେବେ ଅଫିସିଆଲ ଗେଟ୍‌ଅପ୍ ଲାଗି ଫର୍ମାଲ୍ ଡ୍ରେସ୍ ଭଲ ଲାଗିଥାଏ ।

■ କର୍ମଜୀବୀ ହୋଇଥିଲେ ବ୍ଲେଜର ଆପଣଙ୍କୁ ଠିକ୍ ଲାଗିବ । ଅଫିସ୍‌ରେ କୌଣସି ମିଟିଂ ଥିଲେ ବା କୌଣସି କ୍ଲାଏଣ୍ଟଙ୍କ ଦେଖା କରିବାକୁ ଚାହୁଁଥିଲେ ଏହି ଗେଟ୍‌ଅପ୍‌ରେ ଆପଣ ମାର୍ଜିତ ଦେଖାଯିବେ ।

■ ଆପଣ ଏପରି କୁର୍ତ୍ତି ପିନ୍ଧନ୍ତୁ ଯାହା ଆରାମଦାୟକ ହୋଇଥିବ । ଏହା ଆପଣଙ୍କୁ କାମ କରିବା ସମୟରେ ହାଲୁକା ଲାଗିବ । ଆପଣ ଏଥିପାଇଁ ପର୍ପଲ ବା ବ୍ଲୁ ରଙ୍ଗ ପସନ୍ଦ କରିପାରିବେ । ୱାର୍ଲି ପ୍ରିଣ୍ଟର କୁର୍ତ୍ତି ସବୁଠାରୁ ଅଧିକ ଭଲ ଲାଗିବ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ବ୍ୟାଘ୍ରା ପ୍ରକଳ୍ପ ଓ ଭାରତ...

ଭାରତ ଭଳି ଏକ ଦେଶରେ ପ୍ରାକୃତିକ ସମ୍ବଳର ସଂରକ୍ଷଣ କଥା ଉଠିଲେ ଅତ୍ୟଧିକ ଉତ୍ସାହିତ ହେବା ଭଳି ଅନେକଗୁଡ଼ିଏ କାରଣ ହୁଏତ ଥାଇନପାରେ । ତେବେ, ଏ ଦିଗରେ ଯେତେଗୁଡ଼ିଏ ଆହ୍ୱାନ ସମ୍ମୁଖକୁ ଆସୁଛି, ସେସବୁ ମଧ୍ୟରେ ଭାରତ ପାଇଁ ଆଶାର ଆଲୋକଟିଏ ଭାବରେ ଉଭା ହୋଇଥାଏ ବାଘ । ପଚାଶ ବର୍ଷ ପୂର୍ବେ ୧୯୭୩ରେ ଭାରତ ଏହାର ଜାତୀୟ ପଶୁ ବାଘ ବଂଶକୁ ଧ୍ୱଂସମୁଖରୁ ବଞ୍ଚାଇବା ପାଇଁ ଆରମ୍ଭ କରିଥିଲା ବ୍ୟାଘ୍ର ପ୍ରକଳ୍ପ। ପ୍ରୋଜେକ୍ଟ ଟାଇଗର, ଆଉ ଏହାପରେ ନିରବଚ୍ଛିନ୍ନ ଭାବରେ ଧ୍ୟାନ କେନ୍ଦ୍ରିତ କରିଥିଲା ଏହାର ସଂରକ୍ଷଣ ସହିତ ବଂଶ ବୃଦ୍ଧି ଉପରେ, ଯାହା ଏବେ ଆଣି ଦେଇଛି ସୁଖବର। ଚାରି ବର୍ଷ ପୂର୍ବେ ୨୦୧୮ରେ ହୋଇଥିବା ଗଣନା ସମୟରେ ଏହି ବନ୍ୟ ପ୍ରାଣୀର ସଂଖ୍ୟା ୨,୯୬୭ ଥିବା ଅଟକଳ କରାଯାଇଥିବା ବେଳେ ୨୦୨୨ରେ ଏହାର ସଂଖ୍ୟା ହୋଇଛି ନିହାତି କମ୍‌ରେ ୩,୧୬୭ । ଏହାଠୁ ଆହୁରି ଭଲ ସମ୍ବାଦ ହେଉଛି- ଏସୀୟ ସିଂହଙ୍କ ସଂଖ୍ୟା ସମାନ ସମୟରେ ୫୨୩ରୁ ୬୭୪କୁ ଏବଂ ଚିତାବାଘଙ୍କ ସଂଖ୍ୟା ୭,୯୧୦ରୁ ୧୨,୮୫୨କୁ ବୃଦ୍ଧି ପାଇଥିବା ଆକଳନ କରାଯାଇଛି । ଏସବୁ ସୂଚାଉଛି ଯେ ଭାରତର ଜଙ୍ଗଲ ବିଭାଗ ଏବଂ ଜଙ୍ଗଲରେ ବା ଜଙ୍ଗଲ ଅଞ୍ଚଳ ଆଖପାଖରେ ବାସ କରୁଥିବା ଲୋକମାନଙ୍କ ସଙ୍ଗେ ସଙ୍ଗେ ଏସବୁ କାର୍ଯ୍ୟ ସହିତ ସମ୍ପୃକ୍ତ ସମସ୍ତଙ୍କ ଦ୍ୱାରା ସବୁକିଛି ନହେଲେ ସୁଦ୍ଧା କିଛି ନା କିଛି ଠିକ୍ କାର୍ଯ୍ୟ କରାଯାଇଛି । ଗୋଟିଏ ପକ୍ଷରେ ଜଙ୍ଗଲ ସଂରକ୍ଷଣ ଆଇନରେ ସାମ୍ପ୍ରତିକ ସମୟରେ କରାଯାଇଥିବା ସଂଶୋଧନ ଜଙ୍ଗଲ ଏବଂ ବନ୍ୟପ୍ରାଣୀଙ୍କ ଜୀବନକୁ ସୁରକ୍ଷା ପ୍ରଦାନ କରିବା ନିମନ୍ତେ ଉଧ୍ୟମ କରିବାକୁ ପ୍ରେରଣା ଯୋଗାଇବା ନେଇ ପ୍ରାକୃତିକ ପରିବେଶ ସଂରକ୍ଷଣବାଦୀମାନଙ୍କ ଚେତାବନୀ ଭିତରେ କିଛିଟା ଆଶା ସଞ୍ଚାର କରିଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଘୋଷଣା- ପରିବେଶ ଏବଂ ଅର୍ଥନୀତି ପରସ୍ପର ସହିତ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ ହୋଇ ଚାଲିବେ ଏବଂ ସୌହାର୍ଦ୍ଦ୍ୟପୂର୍ଣ୍ଣ ଢଙ୍ଗରେ ଏକତ୍ର ରହିବେ, ଏହି ଆଶାକୁ ଅଧିକ ଦୃଢ଼ୀଭୂତ କରାଇ ଥାଏ । ଏହା ହେଉଛି ଏକ ବିତର୍କ, ଯାହା ଜଙ୍ଗଲ ଏବଂ ବନ୍ୟପ୍ରାଣୀ ସଂରକ୍ଷଣର ଏକ ଅଂଶ ଥିଲା ଏବଂ ଆଗାମୀ ଦଶନ୍ଧିମାନଙ୍କରେ ମଧ୍ୟ ଏହି ବିତର୍କ ଜାରି ରହିବ । କିନ୍ତୁ ଆହ୍ୱାନଗୁଡ଼ିକ ଏବେ ସୁଦ୍ଧା ବଜାୟ ରହିଛି, କାରଣ ତିନିଗୋଟି ବାଘ ସେମାନଙ୍କ ନିଜ ବାସସ୍ଥଳୀରୁ ବାହାରକୁ ବାହାରି ସୁରକ୍ଷିତ ଅଞ୍ଚଳ ଭିତରେ ଓ ଚତୁଃପାର୍ଶ୍ୱରେ ମନୁଷ୍ୟମାନଙ୍କ ସହିତ ମୁହାଁମୁହିଁ ହେବା ଅବସ୍ଥାକୁ ଆସିଛନ୍ତି । ପୁନଶ୍ଚ, ୧୯୭୩ରେ ମାତ୍ର ୯ଟି ବ୍ୟାଘ୍ର ସଂରକ୍ଷଣ ସ୍ଥଳୀ ଆଜିକା ଦିନରେ ୫୩ ସଂଖ୍ୟାରେ ପହଞ୍ଚି ଥିଲେ ସୁଦ୍ଧା ଏ ସବୁଯାକ ସଂରକ୍ଷଣ ସ୍ଥଳୀ ବାଘମାନଙ୍କ ପାଇଁ ଅନୁକୂଳ ବାସସ୍ଥଳୀ ହୋଇପାରି ନାହିଁ । ଏସବୁକୁ ବାସ୍ତବ ସଂରକ୍ଷଣ ସ୍ଥଳୀରେ ପରିଣତ କରିବା ପାଇଁ ଗମ୍ଭୀରତାର ସହିତ ଉଦ୍ୟମ କରାଯିବା ଆବଶ୍ୟକ ; ଉଦାହରଣ ସ୍ୱରୂପ, ଝାଡ଼ଖଣ୍ଡ, ଓଡ଼ିଶା, ଛତିଶଗଡ଼, ତେଲେଙ୍ଗାନା ଏବଂ ଆନ୍ଧ୍ରପ୍ରଦେଶରେ ବାଘ ସଂଖ୍ୟାର ପୁନରୁଦ୍ଧାର ପାଇଁ ଆହୁରି ଅଧିକ ପରିଶ୍ରମ କରାଯିବାର ଆବଶ୍ୟକତା ରହିଛି । ଏସବୁ ରାଜ୍ୟରେ ବନ୍ୟପ୍ରାଣୀଙ୍କ ଆବାସ ସ୍ଥଳୀଗୁଡ଼ିକ ବିଭିନ୍ନ ପ୍ରକାରର ବିପଦକୁ ସାମ୍ନା କରୁଛନ୍ତି ଯାହା ମଧ୍ୟରେ ଅନ୍ତର୍ଭୁକ୍ତ ବାସସ୍ଥଳୀ ଜବର ଦଖଲ, ଶିକାର, ମଣିଷମାନଙ୍କ ସହିତ ପଶୁମାନଙ୍କର ମୁହାଁମୁହିଁ ହେବା, ଅନିୟନ୍ତ୍ରିତ ଗୋରୁଗାଈ ଚାରଣ, ଅଣ-କାଠଜାତୀୟ ଜଙ୍ଗଲ ଉତ୍ପାଦଗୁଡ଼ିକର ଅତ୍ୟଧିକ ମାତ୍ରାରେ ଅମଳ, ବନାଗ୍ନି, ଖଣି ଖନନ, ଏବଂ ସମ୍ପ୍ରସାରଣଶୀଳ ଭିତ୍ତିଭୂମି । ଦେଶ ଅର୍ଥନୀତି କ୍ଷେତ୍ରରେ ଅଭିବୃଦ୍ଧି ହାସଲ କରିବାକୁ ସଂଘର୍ଷ ଜାରି ରଖିଥିବା ବେଳେ ସବୁଠୁ ବଡ଼ ଆହ୍ୱାନ ହେଉଛି ବିକାଶମୂଳକ ପ୍ରକଳ୍ପଗୁଡ଼ିକୁ ଚାଲୁ ରଖିବା ସହିତ ଭିତ୍ତିଭୂମି ପ୍ରକଳ୍ପ ସମୂହକୁ ବନ୍ୟପ୍ରାଣୀ, ନିର୍ଦ୍ଦିଷ୍ଟ ଭାବରେ ବାଘ, ଚିତାବାଘ ଏବଂ ସିଂହମାନଙ୍କ ବାସସ୍ଥଳୀ ସହିତ ଖାପ ଖାଇବା ଭଳି ଢଙ୍ଗରେ କାର୍ଯ୍ୟକାରୀ କରିବା। ତେଣୁ ବନ୍ୟପ୍ରାଣୀ- ଅନୁକୂଳ ଭିତ୍ତିଭୂମି ପ୍ରକଳ୍ପ ନିର୍ମାଣ କ୍ଷେତ୍ରରେ ଦେଶକୁ ଆହୁରି ଅଧିକ କାର୍ଯ୍ୟ କରିବାକୁ ରହିଛି ଯାହା ବିକାଶର ରଥକୁ ତା' ବାଟରେ ଆଗେଇ ନେବା ସହିତ ବନ୍ୟପ୍ରାଣୀମାନଙ୍କୁ ସ୍ୱଚ୍ଛନ୍ଦରେ ଓ ନିରାପଦ ଭାବରେ ବିଚରଣ କରିବାର ସୁଯୋଗ ପ୍ରଦାନ କରୁଥିବ । ଆଉ ଏଇ ସମୟରେ ଏକ ଆସନ୍ନ ପରିସ୍ଥିତି ସମ୍ପର୍କରେ ଚିନ୍ତା କରିବାର ଯେ ଆଗାମୀ ଦିନମାନଙ୍କରେ ବନ୍ୟପ୍ରାଣୀମାନଙ୍କ ମଙ୍ଗଳକାମନା କରୁଥିବା ସଂରକ୍ଷଣବାଦୀ ଏବଂ ବନ୍ୟପ୍ରାଣୀ ପରିଚାଳକମାନଙ୍କ ମଧ୍ୟରେ ଅଧିକରୁ ଅଧିକ ଦୋଷ ଲଦାଲଦି ହେବାକୁ ଯେପରି ଦିଆ ନଯାଏ । ସର୍ବୋପରି, ପ୍ରଶ୍ନଟିଏ ତା'ର ଉତ୍ତର ଖୋଜୁଛି ଯେ ଏକ ଦେଶ ଭାବରେ ଭାରତ ଏହାର ପ୍ରାକୃତିକ ସମ୍ପଦଗୁଡ଼ିକ, ବିଶେଷକରି ବନ୍ୟପ୍ରାଣୀମାନଙ୍କ କ୍ଷେତ୍ରରେ ତା'ର ସଂରକ୍ଷଣର ଲକ୍ଷ୍ୟ ହାସଲ କରିବାକୁ ବଜାୟ ରଖି ପରବେଶ ଏବଂ ଅର୍ଥନୀତି ମଧ୍ୟରେ ସନ୍ତୁଳନ ରକ୍ଷା କରିବା ଭଳି ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ କାର୍ଯ୍ୟକାରୀ କରିବା ନିମନ୍ତେ ଏକ ଉପାୟ ବାହାର କରି ପାରିବ କି !

# ଆମ ରାଜଧାନୀ : ଭୁବନେଶ୍ୱର କାଲି ଆଉ ଆଜି ପରିବର୍ତ୍ତନର ପଦଚିହ୍ନ

### ଡ଼ଃ.ଅରୁନ୍ଧତୀ ଦେବୀ



୧୯୪୮ ଏପ୍ରିଲ ୧୩। ରାଜଧାନୀ ଭୁବନେଶ୍ୱରର ଶିଳାନ୍ୟାସ ପଡ଼ିଲା। ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ ଏହାର ଶିଳାନ୍ୟାସ ଦେଇଥିଲେ । ଭୁବନେଶ୍ୱର ସହର ପାଇଁ ମାଷ୍ଟରପ୍ଲାନ ପ୍ରସ୍ତୁତ କରିଥିଲେ ଡକ୍ଟର ଓଟୋ ଏଚ୍.କୋଏନିସବର୍ଗର କେନ୍ଦ୍ର ଗୃହନିର୍ମାଣ ଓ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ। ମାଷ୍ଟରପ୍ଲାନ ପ୍ରସ୍ତୁତି ପାଇଁ ବ୍ୟୟବରାଦ ହୋଇଥିଲା ୬୧୦୦ ଟଙ୍କା। ୧୬.୪୮ ବର୍ଗ କିଲୋମିଟରେ ଅଞ୍ଚଳ ଓ ୪୦ ହଜାର ଜନସଂଖ୍ୟାକୁ ନେଇ ରାଜଧାନୀର ପରିକଳ୍ପନା କରାଯାଇଥିଲା । ସେତେବେଳେ କଳ୍ପନା ଛକରୁ ରାଜଭବନ ଓ ଶିଶୁଭବନ ଛକରୁ ସତ୍ୟନଗର ମଧ୍ୟରେ ସୀମିତ ଥିଲା କ୍ୟାପିଟାଲ ସହର। ପ୍ରଥମ ପର୍ଯ୍ୟାୟରେ ପୁରୁଣା ବିଧାନସୌଧ, ସଚିବାଳୟ ଓ ମାର୍କେଟ ବିଲ୍ଡିଂକୁ ମିଶାଇ ପ୍ରାୟ ୧୫୦୦ କୋଠାବାଡ଼ି ନିର୍ମାଣ ଲାଗି ମାଷ୍ଟରପ୍ଲାନ ହୋଇଥିଲା। ନେବରହୁଡ଼ ୟୁନିଟ ଯୋଜନାରେ ରାଜଧାନୀ ନିର୍ମାଣର ନିଁ ପଡ଼ିଥିଲା। ଇତିମଧ୍ୟରେ ୭୪ ବର୍ଷର ଲମ୍ବା ପଥ ଅତିକ୍ରମ ହୋଇଯାଇଛି। ୭୫ରେ ପାଦ ଥାପିଛି ରାଜଧାନୀ ଭୁବନେଶ୍ୱର। ଏହି ବାଟରେ ଅନେକ କିଛି ବଦଳି ଯାଇଛି। ୧୬.୬୪ ବର୍ଗ କିଲୋମିଟର ଅଞ୍ଚଳରୁ ନେଇ ଜନ୍ମ ନେଇଥିବା ରାଜଧାନୀର ସରହଦ ୧୧୧୦ ବର୍ଗ କିଲୋମିଟରକୁ ବ୍ୟାପିଗଲାଣି। ୧୯୪୮ର ସେଇ ଛୋଟିଆ ସହର ଆଜି ଭାରତବର୍ଷରେ ଏକ ପ୍ରମୁଖ ସହର ଭାବେ ମୁଣ୍ଡ ଟେକିଛି। ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ ଓ ବ୍ୟବସାୟରେ ଅନେକ ବାଟ ଆଗେଇଛି ଭୁବନେଶ୍ୱର।

ଗମନାଗମନ ଓ ପରିବହନ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆସିଛି। ସହର ଆରମ୍ଭ ବେଳେ ଯେଉଁ କାଁ ଭାଁ ଗାଡ଼ି ମଟର ଗଡୁଥିଲା, ସେଠି ଆଜି ୨୪ ଘଣ୍ଟା ଗାଡ଼ି ମଟର ଛୁଟୁଛି। ଶଗଡ଼ ଗୁଳା ରାସ୍ତା ଆଉ ନାହିଁ। ସବୁଠି ଚକାଚକ୍ ମାଷ୍ଟରପ୍ଲାନ ରାସ୍ତା। ମାଳମାଳ ଫ୍ଲାଏଭଓର ଠିଆ ହୋଇଥିବାବେଳେ ସହିଦନଗର-ବମିଖାଲ, ପୋଖରୀପୁଟ, ଭିଏସଏସ୍ ନଗର, ମଞ୍ଚେଶ୍ୱର ସବୁଠି ଫ୍ଲାଏଭର ନିର୍ମାଣ ଚାଲିଛି। ଜାତୀୟ ରାଜପଥରେ ବାଣୀବିହାର-ଆଚାର୍ଯ୍ୟ ବିହାର, ଜୟଦେବବିହାର, ସିଆରପି, ଫାୟାରଷ୍ଟେସନରେ ଫ୍ଲାଏଓଭର ଖୋଲିଛି। ରସୁଲଗଡ଼ ଓ ପାଣ୍ଡରାରେ ଫ୍ଲାଏଓଭର କାମ ଆଗେଇଛି। ପୁରୀ- ଭୁବନେଶ୍ୱର ମଧ୍ୟରେ ୬୭ କି.ମି. ରାସ୍ତା ପ୍ରଶସ୍ତିକରଣ ହୋଇଥିବାବେଳେ ପାଣ୍ଡରାରୁ ଦୟା ବ୍ରିଜ ପର୍ଯ୍ୟନ୍ତ ୧୧.୭ କି.ମି. ବାଇପାସ୍ ଖୋଲିଛି। ଏୟାରପୋର୍ଟ, ଜାଗମରାକୁ ଶହେ ଫୁଟିଆ ମାଷ୍ଟରପ୍ଲାନ ରାସ୍ତା ଫିଟିଥିବାବେଳେ ପଳାଶୁଣିରୁ କେନାଲ ବନ୍ଧରେ ଗ୍ୟାରେଜ ଛକକୁ ନୂଆ ରାସ୍ତା ଫିଟିଛି। ଜନଗହଳିପୂର୍ଣ୍ଣ ଜନପଥ ୮ଲେନ୍ ହୋଇଛି। ଗଳିକନ୍ଦି ବି କଂକ୍ରିଟ ହେଉଛି। ଏକଥା ନୁହେଁ ଯେ, କେବଳ ରାସ୍ତା ଚଉଡ଼ା ହେଉଛି। ପରିବହନ ବ୍ୟବସ୍ଥାରେ ବି ବ୍ୟାପକ ପରିବର୍ତ୍ତନ ଆସିଛି। ସହର ଭିତରେ ସିଟି ବସ୍ ଏବେ ଲାଇଫ ଲାଇନ ପାଲଟିଛି। ଏସିସିଟି ବସ ବି ଗଡ଼ିଲାଣି। ମହିଳାଙ୍କ ପାଇଁ ପିଙ୍କ ଅଟୋ ଓ ସ୍ୱତନ୍ତ୍ର ସିଟି ବସ୍ ଚାଲିଲାଣି। ବିମାନ ସେବା ବି ତ୍ୱରାନ୍ୱିତ ହୋଇଛି। ବିମାନ ବନ୍ଦରକୁ ଆନ୍ତର୍ଜାତିକ ମାନ୍ୟତା ମିଳିଥିବାବେଳେ ଖୁବ୍‌ଶୀଘ୍ର ବିଦେଶକୁ ବିମାନ ଯାତ୍ରା କରିହେବ। ସେହିପରି ମେ'ମାସରୁ ଭୁବନେଶ୍ୱରରୁ ଜୟପୁର, ସମ୍ବଲପୁର, ଝାରସୁଗୁଡ଼ା, ରାଉରକେଲା ଆଦି ସହରକୁ ବିମାନ ଚାଲିବ।

ଶିକ୍ଷା କ୍ଷେତ୍ରରେ ବି ବୈପ୍ଳବିକ ପରିବର୍ତ୍ତନ ଦେଖାଦେଇଛି। ସମଗ୍ର ପୂର୍ବ ଭାରତରେ ଶିକ୍ଷାର ହବ୍ ପାଲଟିଛି ଭୁବନେଶ୍ୱର। ନାଇଜର, ଆଇଆଇଟି, ଏମ୍ସ ଭଳି ଜାତୀୟ ଅନୁଷ୍ଠାନ ସହ ବହୁ ପ୍ରତିଷ୍ଠିତ ଘରୋଇ ଶିକ୍ଷାନୁଷ୍ଠାନ ଆତ୍ମପ୍ରକାଶ କରିଛନ୍ତି। ବଦଳିଛି ଭୁବନେଶ୍ୱରବାସୀଙ୍କ ଜୀବନ ଶୈଳୀ। କ୍ରମଶଃ ପାଶ୍ଚାତ୍ୟ ପ୍ରଭାବ ଦେଖିବାକୁ ମିଳୁଛି। ଚାଲିଆ ରୂପମହଲ ସିନେମା ହଲ୍ ଏବେ ଅତୀତ। ଆଜି ଭୁବନେଶ୍ୱରରେ ଅତ୍ୟାଧୁନିକ ମଲ୍ଟିପ୍ଲେକ୍ସ ଆଇନକ୍ସରେ ସିନେମା ମଜା ଉଠାଉଛନ୍ତି ଯୁବପିଢ଼ୀ। ଜୟଦେବବିହାର, ରବୀନ୍ଦ୍ର ମଣ୍ଡପ, ଇଡିକଲ୍ ଅଡିଟୋରିୟମ, ଉତ୍କଳ ମଣ୍ଡପରେ ନିତି ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଭୁବନେଶ୍ୱରବାସୀଙ୍କୁ ଝୁମାଉଛି। ମନୋରଞ୍ଜନ ପାଇଁ ତାରକା ହୋଟେଲରେ ବି ରଙ୍ଗୀନ ଆସର ଜମୁଛି। ନାମୀଦାମୀ ହୋଟେଲ ଗୁଡ଼ିକରେ ଡିଜେ ନାଇଟ୍ସ ସହ ପୁଲ ପାର୍ଟି ବି ଜମିଲାଣି। ମାର୍କେଟ ବିଲିଡିଂରୁ ଆରମ୍ଭ ହୋଇଥିବା ସପିଂ ଟ୍ରେଣ୍ଡକୁ ଆହୁରି ବଢ଼ାଇ ଦେଇଛି ନୂଆ ନୂଆ ମଲ। ଫୋରମ ମାର୍ଟ ଠାରୁ ଆରମ୍ଭ କରି ପାଣ୍ଟାଲୁନ୍ସ, ରିଲାଏନ୍ସ ଭଳି ନାମୀଦାମୀ କମ୍ପାନୀ ବଜାର ପ୍ରବେଶ କରିଛନ୍ତି। ଭବାନୀ, କେଶରୀ, ପାଲ ହାଇଟ୍ସ ଭଳି ମଲ୍ ଠିଆ ହୋଇଛି। ପାଶ୍ଚାତ୍ୟ ଖାଦ୍ୟର ଟ୍ରେଣ୍ଡ ବି ଆରମ୍ଭ ହୋଇଛି। କେଫ୍‌ସି ଫୁଡ୍ ଚେନ୍ ନେଟୱର୍କ ଭୁବନେଶ୍ୱରରେ ଶାଖା ଖୋଲିଛି। ଚିକିତ୍ସା କ୍ଷେତ୍ରରେ ବିଏମ୍‌ସି ହସ୍ପିଟାଲରୁ ଆରମ୍ଭ ହୋଇଥିବା ଅଭିଯାନ ଏବେ ଅନେକ ବାଟ ଆଗେଇଲାଣି। ଇତିମଧ୍ୟରେ କ୍ୟାପିଟାଲ ହସ୍ପିଟାଲରେ ବିଭିନ୍ନ ବିଭାଗ ଖୋଲିଛି। ସେହିପରି କଳିଙ୍ଗ, ଆପୋଲୋ, ସମ୍ ହସ୍ପିଟାଲ, ଆମ୍ରି ହସ୍ପିଟାଲ, ଆଦିତ୍ୟ କେୟାର, ହାଇଟେକ୍, କିମ୍ସ, କର କ୍ଲିନିକ୍, ନୀଳାଚଳ ଭଳି ବହୁ ପ୍ରତିଷ୍ଠିତ ମେଡ଼ିକାଲ ଖୋଲିଛି। ମୌଳିକ ସୁବିଧା କ୍ଷେତ୍ରରେ ମଧ୍ୟ ଅନେକ ପରିବର୍ତ୍ତନ ଦେଖିବାକୁ ମିଳିଛି। ରାସ୍ତା ସଫେଇ ପାଇଁ ଝାଡୁ ସହ ମେସିନ୍ ବି ଚାଲିଲାଣି। ଘରୋଇ ସଂସ୍ଥା ଘର ଘର ବୁଲି ଆବର୍ଜନା ଉଠାଉଛନ୍ତି। ଅତ୍ୟାଧୁନିକ ଏଲଇଡି ଷ୍ଟ୍ରିଟ୍ ଲାଇଟରେ ସହର ଝଲସୁଛି। ମୌଳିକ ସୁବିଧା ଯୋଗାଇ ଦେବାର ଦାୟିତ୍ୱ ମୁଣ୍ଡାଇଥିବା ବିଏମ୍‌ସି କାର୍ଯ୍ୟାଳୟର ଚେହେରା ବି ବଦଳିଛି। ଏବେ ପୁଣି ୮ ମହଲା ବିଶିଷ୍ଟ ବିଏମ୍‌ସି ଅଫିସ ନିର୍ମାଣ ପାଇଁ ଯୋଜନା ଆଗେଇଲାଣି। ଗଲା ୬୬ବର୍ଷ ଭିତରେ ଭୁବନେଶ୍ୱର ଅନେକ ପରିବର୍ତ୍ତନ ଦେଖିଛି। ତେବେ ଭୁବନେଶ୍ୱର ଯେତିକି ବାଟ ଆଗେଇଛି, ସେହି ଅନୁପାତରେ କିଛି କିଛି ସମସ୍ୟା ବି ମୁଣ୍ଡ ଟେକିଛି।

ସେହିପରି ରାଜଧାନୀ ଭୁବନେଶ୍ୱରକୁ ଆଦର୍ଶ ନଗରୀରେ ପରିଣତ କରିବାକୁ ହେଲେ ସର୍ବପ୍ରଥମେ ଏଠିକାର ବାସିନ୍ଦାମାନଙ୍କୁ ଏଥିପାଇଁ ସଚେତନ ହେବାକୁ ପଡ଼ିବ। ସେହିପରି ମହାନଗର ନିଗମ ମଧ୍ୟ ସହରକୁ କିପରି ଆଦର୍ଶ ସହର କରିହେବ ସେଥିନେଇ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିବା ଦରକାର। ସହରାଞ୍ଚଳ ବିକାଶ ମନ୍ତ୍ରାଳୟ ମଧ୍ୟ ଏଥିନିମିତ୍ତ ଦୃଷ୍ଟି ଦେବା ଉଚିତ। ବିଶେଷତଃ ଖୋର୍ଦ୍ଧା ଜିଲ୍ଲାପାଳ ଏବଂ ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ ଓ ଉପ ଜିଲ୍ଲାପାଳଙ୍କ ସମେତ ପୋଲିସ କମିଶନର ଓ ଡିସିପି ସହରର ସର୍ବାଙ୍ଗୀନ ଉନ୍ନତି ଲାଗି ଉଦ୍ୟମ ଅବ୍ୟାହତ ରଖିଲେ ନିଶ୍ଚିତ ଭାବେ ଏହା ଦେଶର ଅନ୍ୟତମ ଆଦର୍ଶ ରାଜଧାନୀରେ ପରିଣତ ହୋଇପାରିବ ବୋଲି ଆମର ଆଶା ଓ ଦୃଢ଼ ବିଶ୍ୱାସ। ଗତବର୍ଷ ପାଇଁ ଆମ ସମସ୍ତଙ୍କର ଖୁସି ଓ ଆନନ୍ଦର ପ୍ରସଙ୍ଗ ହେଉଛି ସର୍ବଭାରତୀୟ ସ୍ତରରେ ସ୍ମାର୍ଟ ସହରର ଏକ ନମ୍ବର ମାନ୍ୟତା ପାଇଥିବା ସହର ହେଉଛି ଆମ ଭୁବନେଶ୍ୱର। ଯାହାଦ୍ୱାରା ସମସ୍ତ ପ୍ରକାର ବିକାଶ ଦ୍ରୁତଗତିରେ ସମ୍ଭବ ହେବ। ଆସନ୍ତୁ ନୂଆ ରାଜଧାନୀ ଗଠନରେ ଆମେ ସମସ୍ତେ ସବୁ ଭେଦଭାବ ଭୁଲି ସହାୟତା ଓ ସହଯୋଗର ହାତ ବଢ଼ାଇବା।

+ ନିର୍ଦ୍ଦେଶିକା-ସମ୍ପାଦିକା,
ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,
ମୋ: ୯୯୩୭୧୭୨୮୧୦

# ରାଜଧାନୀର ପ୍ରତିଷ୍ଠା : ହରେକୃଷ୍ଣ ମହତାବଙ୍କ ଟ୍ରମ୍ପକାର୍ଡ଼

### ବିପିନ ବିହାରୀ ରାଉତ



ରାଜଧାନୀ ଭୁବନେଶ୍ୱରର ଅୟମାରମ୍ଭ ୧୯୪୮ ଏପ୍ରିଲ ୧୩ ତାରିଖ ଦିନ ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବ ବର୍ଷ ଅବସରରେ ଆରମ୍ଭ ହୋଇଥିଲାବେଳେ ଇତିମଧ୍ୟରେ ୭୫ ବର୍ଷ ଅତିକ୍ରାନ୍ତ ହୋଇଛି। ମାତ୍ର ୪୦ ହଜାର ଜନସଂଖ୍ୟା ବିଶିଷ୍ଟ ରାଜଧାନୀ ପାଇଁ ପ୍ରସ୍ତୁତ ହୋଇଥିବା ମାଷ୍ଟରପ୍ଲାନର ଭୁବନେଶ୍ୱର ଏବେ ୧୨ଲକ୍ଷ ଲୋକଙ୍କ ଜୀବନ ଜୀବିକାର ଆବାସସ୍ଥଳୀ। ଏହା ଏବେ ମହାନଗରୀରେ ପରିଣତ ହୋଇଛି ଏବଂ ଏହାର କଳେବର ବିଭିନ୍ନ ପରିବର୍ତ୍ତନ ମଧ୍ୟ ଦେଇ ଗତି କରୁଛି। ସ୍ୱାଧିନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ ରାଜଧାନୀର ଭିତ୍ତିପ୍ରସ୍ତର ସ୍ଥାପନ ବେଳେ ଏହା ଏକ ଆଦର୍ଶ ନଗରୀରେ ପରିଣତ ହେବ ବୋଲି କହିଥିଲେ। ସମୟ ଗଡ଼ି ଚାଲିବା ସହିତ ଭୁବନେଶ୍ୱର ଏନଏସିର ରୂପ ବଦଳି ଏହା ମ୍ୟୁନିସିପାଲଟି ଓ ପରେ ମହାନଗର ନିଗମରେ ପରିଣତ ହୋଇଛି। ୭୬ ବର୍ଷରେ ରାଜଧାନୀ ଭୁବନେଶ୍ୱର ପଦାର୍ପଣ କରିଥିଲାବେଳେ ଏହି ଅବସରରେ ରାଜଧାନୀର ନକ୍ସାରେ ବ୍ୟାପକ ପରିବର୍ତ୍ତନ ଘଟିଛି। ବହୁ ସଫଳତା ଓ ବିଫଳତା ମଧ୍ୟ ଦେଇ ଏହି ସହର ଆଗକୁ ମାଡ଼ି ଚାଲିଛି କହିଲେ ଅତ୍ୟୁକ୍ତି ହେବନାହିଁ। ରାଜ୍ୟ ସରକାର ୧୯୮୨ରେ ବିଡ଼ିଏ ଗଠନ କରିଥିଲେ। ଇତିମଧ୍ୟରେ ଓଡ଼ିଶାର ପ୍ରଥମ ସହର ଭାବରେ ଭୁବନେଶ୍ୱରରେ ପିପି ସ୍କିମ କାର୍ଯ୍ୟକାରୀ ହେଉଛି। ଭୁବନେଶ୍ୱର ଉପକଣ୍ଠରେ ମୋଟ ୫୮ଟି ରାଜସ୍ୱ ଗ୍ରାମରେ ୪୫ ଟାଉନ ପ୍ଲାନିଂ ସ୍କିମ କରି ଏହାକୁ ସହରୀକରଣ ଢ଼ାଞ୍ଚାରେ ପରିଣତ କରିବା ପାଇଁ ଲକ୍ଷ୍ୟ ରହିଛି। ଭୁବନେଶ୍ୱର ମହାନଗର ନିଗମର ସବୁଠାରୁ ବଡ଼ ଶପଥ ଥିଲା ଦେଶର ଏକ ନମ୍ବର ସ୍ମାର୍ଟ ସିଟି ମାନ୍ୟତା ଏହାପାଇଁ ବିଏମ୍‌ସି ସବୁଆଡୁ ପ୍ରଶଂସା ମଧ୍ୟ ପାଇଛି। ଭୁବନେଶ୍ୱର ସ୍ମାର୍ଟ ସିଟିକୁ ସିଟିଜ୍ ଆୱାର୍ଡ଼ ମିଳିଛି। ମନ୍ଦିରମାଳିନୀ ସହର ଦେଶର ଏକ ନମ୍ବର ସ୍ମାର୍ଟ ସିଟିରେ ପରିଣତ ହୋଇଛି। ୧୯୪୮ ମସିହାରୁ ବିଜ୍ଞପିତ ଅଞ୍ଚଳ ପରିଷଦରୁ ଯାତ୍ରା ଆରମ୍ଭ କରି ୧୯୭୯ ମୁନ୍‌ସିପାଲଟି ମାନ୍ୟତା ପାଇଥିଲା। ପରେ ୧୯୯୪ରେ ମିଳିଥିଲା ମହାନଗର ନିଗମ ଟ୍ୟାଗ। ୧୯୪୮ ମସିହା ଅପ୍ରେଲ ୧୩ରେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ ଭୁବନେଶ୍ୱରରେ ରାଜ୍ୟର ନୂଆ ରାଜଧାନୀର ଭିତ୍ତିପ୍ରସ୍ତର ସ୍ଥାପନା କରିଥିଲେ। ଜର୍ମାନ ଆର୍କିଟେକ୍ଟ ରଓଟୋ କୋନିଙ୍ଗବର୍ଜର ମୁଖ୍ୟ ବିନ୍ଧାଣୀ ସାଜି ଭୁବନେଶ୍ୱରର ଡିଜାଇନ୍ ପ୍ରସ୍ତୁତ କରିଥିଲେ। ସେତେବେଳେ ଭୁବନେଶ୍ୱରର ଜନସଂଖ୍ୟା ଥିଲା ମାତ୍ର ୨୦ ହଜାର। ତେବେ ୨୦୧୧ ଜନଗଣନା ଅନୁଯାୟୀ ଭୁବନେଶ୍ୱରର ଜନସଂଖ୍ୟା ବୃଦ୍ଧି ପାଇ ୮ଲକ୍ଷ ୪୦ ହଜାର ୬୪୩ ପହଞ୍ଚିଥିଲା। ମାତ୍ର ବର୍ତ୍ତମାନ ସୁଦ୍ଧା ଭୁବନେଶ୍ୱରର ଜନସଂଖ୍ୟା ପାଖାପାଖି ୧୫ ଲକ୍ଷ ଟପିଥିବା ଅନୁମାନ କରାଯାଉଛି।

ନୂଆ ରାଜଧାନୀ ପ୍ରତିଷ୍ଠା ପାଇଁ ଦୁଇକୋଟି ଟଙ୍କା ଦରକାର ପଡ଼ିଥିଲା। ସେତେବେଳର ମୁଖ୍ୟମନ୍ତ୍ରୀ ଡକ୍ଟର ମହତାବଙ୍କ ପାଇଁ ଏହାଥିଲା ବହୁତ ବଡ଼ ସମସ୍ୟାର କଥା। ଏହି ସମୟରେ କେନ୍ଦ୍ରର ତତ୍କାଳୀନ ଅର୍ଥ ବିଭାଗ ମୁଖ୍ୟ ଥିଲେ ଲିୟାକତ୍ ଅଲ୍ଲୀ ସେ ଥିଲେ ମୁସଲିମ ଲିଗର ରାଜନେତା। ତାଙ୍କୁ ଯେତେବେଳେ ମହତାବ ଭେଟି ଅର୍ଥ ମଞ୍ଜୁର ପାଇଁ ସହାୟତା ମାଗିଲେ ସେ ସିଧା ମନା କରିଦେଲେ। ତେବେ ରାଜନୀତିରେ ବେଶ ଚତୁର ଚାଣକ୍ୟ ଡକ୍ଟର ମହତାବ ତାଙ୍କର ଟ୍ରମ୍ପ କାର୍ଡ଼ ଖେଳିଥିଲେ। ସେ କହିଥିଲେ ଓଡ଼ିଶା ଏକ ହିନ୍ଦୁ ପ୍ରଦେଶ। ଜଣେ ମୁସଲମାନ ନେତାଙ୍କ ଦ୍ୱାରା ଏହା ଅବହେଳିତ ହେଉଛି ବୋଲି ଭାବନା ଯଦି ଜନସମାଜକୁ ଯିବ ଏହା ଆଦୌ ଗ୍ରହଣୀୟ ହେବନାହିଁ। ତତ୍କାଳ ଅର୍ଥମନ୍ତ୍ରୀ ଲିୟାକତ୍ ଅର୍ଥ ମଞ୍ଜୁର କଲେ। ସ୍ୱାଧୀନ ଭାରତରେ ଭୁବନେଶ୍ୱର ହିଁ ଏକମାତ୍ର ରାଜ୍ୟ ଯାହାକୁ ପ୍ରତିଷ୍ଠା କରିବା ପାଇଁ କେନ୍ଦ୍ର ଅର୍ଥ ମଞ୍ଜୁର କରିଥିଲେ। ଅନ୍ୟ ସମସ୍ତ ରାଜ୍ୟ ପ୍ରତିଷ୍ଠା ପାଇଁ କେନ୍ଦ୍ର ନିକଟରୁ ଧାର ସୂତ୍ରରେ ଅର୍ଥ ଆଣି ପରେ ଶୁଝିଛନ୍ତି।

୧୯୪୩ ମସିହା କଟକ ରେଭେନ୍ସା କଲେଜ କ୍ୟାମ୍ପସରେ ଉତ୍କଳ ବିଶ୍ୱବିଦ୍ୟାଳୟ ଆରମ୍ଭ ହୋଇଥିବାବେଳେ ପରେ ଏହା ଭୁବନେଶ୍ୱରକୁ ଉଠି ଆସିଥିଲା। ୧୯୫୮ ମସିହା ଜାନୁଆରୀ ୧ ତାରିଖରେ ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦ ଉତ୍କଳ ବିଶ୍ୱବିଦ୍ୟାଳୟର ନୂତନ କ୍ୟାମ୍ପସ ଶିଳାନ୍ୟାସ କଲେ। ୧୯୬୩ ଜାନୁଆରୀ ୨ ତାରିଖରେ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରୀଷ୍ଣନ୍ ଏହାର ଉଦ୍‌ଘାଟନ କରିଥିଲେ। ନୂଆ ରାଜଧାନୀ ହେବାପରେ ଭୁବନେଶ୍ୱରରେ ବିଧାନସଭା ଚାଲିଲା ଯାହାକି ପୂର୍ବରୁ କଟକ ରେଭେନ୍ସା କଲେଜର ଆସେମ୍ବ୍ଲିହଲରେ ବିଧାନସଭା ଚାଲିଥିଲା। ପ୍ରଥମେ ୟୁନିଟ-୨ ଅଞ୍ଚଳରେ ବିଧାନ ସୌଧ ନିର୍ମାଣ ହେଲା। ସେଠାରେ କିଛିଦିନ ବିଧାନ ସଭା ଚାଲିବା ପରେ ନୂଆ ବିଧାନ ସଭା ବିଲଡିଂ ନିର୍ମାଣ ହେଲା। ୧୬.୪୮ ବର୍ଗକିଲୋମିଟରର ଅଞ୍ଚଳ ଓ ୨୦ ହଜାର ଜନସଂଖ୍ୟାଙ୍କୁ ନେଇ ଗୃହନିର୍ମାଣ ଓ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ଡକ୍ଟର ଓଟୋ.ଏଚ୍.କନସିବର୍ଗ ରାଜଧାନୀର ପରିକଳ୍ପନା କରିଥିଲେ। କଳ୍ପନା ଛକରୁ ରାଜଭବନ ଓ ଶିଶୁଭବନରୁ ସତ୍ୟନଗର ଯାଏ ସୀମିତ ଥିଲା ରାଜଧାନୀର ସରହଦ୍। ସ୍ୱାଧୀନ ଭାରତର ପ୍ରଥମ ଯୋଜନାବଦ୍ଧ ସହ ଥିଲା ଭୁବନେଶ୍ୱର। ଯଦିଓ ଏହି ତାଲିକାରେ ଜାମସେଦପୁର ଓ ଚଣ୍ଡୀଗଡ଼ ବି ଥିଲା ହେଲେ ଭୁବନେଶ୍ୱର ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଥିଲା।

ପୂର୍ବ ଯୋଜନା ମୁତାବକ ମହତାବ ଟ୍ରେନ୍‌ରେ ବୁଦ୍ଧେଶ୍ୱରୀ ଷ୍ଟେସନ ଆସିଲେ। ଆଉ ସେଇଠୁ ଗୋକୁଳାନନ୍ଦ ଜେନାଙ୍କ ଶଗଡ଼ ଗାଡ଼ିରେ ବଡ଼ଗଡ଼ ସ୍ଥିତ ପତିତପାବନ ଦିଅଁଙ୍କ ପାଖରେ ପହଞ୍ଚିଲେ। ଯେଉଁଠି ପୂର୍ବରୁ ଭୁବନେଶ୍ୱରବାସୀଙ୍କ ସମେତ ଭିଙ୍ଗାରପୁର ଜମିଦାର ଚୌଧୁରୀ ନୀଳକଣ୍ଠ ଦାସ, ଚୌଧୁରୀ ଗଙ୍ଗାଧର ଦାସ, ବାଲିଅନ୍ତାର ଗାନ୍ଧୀ କୁହାଯାଉଥିବା ଦାଶରଥି ମହାନ୍ତି, ମହାଦେବ ମହାନ୍ତି, ଜୟକୃଷ୍ଣ ସାହୁ, ବଡ଼ଗଡ଼ର ସୁରେନ୍ଦ୍ର ସୁନ୍ଦରାୟ ଉପସ୍ଥିତ ଥିଲେ। (ଅବଶିଷ୍ଟାଂଶ ପୃଷ୍ଠା-୭ରେ)




### ମହୁଲ ଫୁଲ

**ସ୍ମିତା. ଜି. ମହାପାତ୍ର**



ବଣ ମୂଳକର ଫୁଲଟିଏ ସିଏ
ମହୁଲ ଫୁଲ ତା'ନାମ
ସଜରୁ ବାସିଯାଏ ବାସ ଭରିଥାଏ
ଏଇତ ତାର ସୁନାମ

ବସନ୍ତ ଆସିଲେ ପେନ୍ଥା ପେନ୍ଥା ହୋଇ
ଫୁଟଇ ମହୁଲ ଫୁଲ
ଗ୍ରାମ ପରିବେଶେ ପାଏ ସେ ଆଦର
ସିଏ ତ ଅମୂଲ ମୂଲ...

ବଡ ଦ୍ରୁମେ ସିଏ ସାନ ଫୁଲଟିଏ
ଝରିପଡ଼େ ମଳୟରେ...
କେହି ତାକୁ ହାତେ ତୋଳୁ ବା ନ
ତୋଳୁ
ଧରାଦିଏ ସରାଗରେ..

ଚମ୍ପା ଗୋରୀ ସିଏ ଭାରି ଲାଜକୁଳି
ଟପ ଟପ ଯାଏ ଝରି...
ବାସନାରେ ତାର ମହକେ ପବନ
କିଏ ଅଛି ତାର ସରି..

ଫୁଲଟିଏ ସିଏ ମଧୁର ସୁଆଦେ
ନିଅଇ ପରାଣ ମୋହି..

କିଏ କରେ ପିଠା କିଏ ବା ଚଟଣି
ନିଶା ପୁଣି କରେ କେହି.
କା ପାଇଁ ସେ ବାସ କାହା ପାଇଁ ନିଶା
ଗରିବ ପାଇଁ ଭରସା.

ବାଳୁତ ଟିଏ ବି ଗୋଟାଏ ତାହାକୁ
ମନେ ଥାଏ କେତେ ଆଶା..
ମହୁଲ ଫୁଲଟି କରଇ ମିନତି
ଯଦି ଅଛି ତାରେ ପ୍ରୀତି
ନିଶାଠୁ ଦୁରେଇ ରହିବ ସଭିଏଁ
କରି ନିଜର ଉନ୍ନତି...

+ ବାରିପଦା
ମୋ:୮୪୮୦୯୧୧୯୨୭

### ଏଇ ତ ମୋର ସୌଭାଗ୍ୟ... !

**ଡମ୍ବରୁଧର ବେହେରା**



ଇଚ୍ଛା ନାହିଁ ମୋତେ ବିଖ୍ୟାତ ହେବାକୁ
ତୁମେ ମୋତେ ଚିହ୍ନ ଯଥେଷ୍ଟ ମୋର
ଭଲ ମାନେ ଭଲ ଭାବରେ ଜାଣନ୍ତି
ଖରାପ ତା'ଠାରୁ ବେଶୀ...
ଜୀବନ ଦର୍ଶନ
ବୁଝିବା ଯେ କଷ୍ଟ
ସନ୍ଧ୍ୟା ସରେ ନାହିଁ
ସରିଯାଏ ବର୍ଷ...


ଅଜବ ପ୍ରକାର
ଏ ଜୀବନ ଖେଳ
ହାରିଗଲେ ଲୋକେ
ପଛରେ ପଡନ୍ତି
ଜିତିଗଲେ ପୁଣି
ଆଗରେ...

ଭାବିଲେ ଏ କଥା
ଘୁରିଯାଏ ମଥା
ବିନା କାରଣରେ ଅଯଥା
ହୃଦୟକୁ ହୁଏ ବ୍ୟଥା...
ସମୁଦ୍ର ଶିଖାଏ
ଆଗେ ବଢ଼ି ଚାଲ
ପାହାଡ ଶିଖାଏ ଧୈର୍ଯ୍ୟ
ଇଚ୍ଛା ନାହିଁ ମୋର
ବିଖ୍ୟାତ ହେବାକୁ
ତୁମେ ଚିହ୍ନ ମୋତେ
ଯଥେଷ୍ଟ ମୋର... !!

ଜବାହାର ନବୋଦୟ ବିଦ୍ୟାଳୟ
ସୁରଳ (ଗଞ୍ଜାମ)

### ବଜାର

**ସୁଧାଂଶୁ ଶେଖର ଦ୍ୱିବେଦୀ**



କୋଉଠି ବିକା ହେଉଛି ଦିନ
କୋଉଠି ବିକା ହେଉଛି ସମୟ
ଦରଦାମ ଠିକ ହେଲେ
ବିକ୍ରି ହୋଇଯିବ ମନୁଷ୍ୟ।

ବେଇମାନ ବହୁମୂଲ୍ୟ ହୋଇଛି
ବିକାହୁଏ ସବୁ ଜିନିଷ
ଟଙ୍କେ ଦାମରେ ବିକା ଚାଲିଛି
ରାଜନୀତି ଓ ରାଜନେତା।

ହାକିମ ଯାଏ ବିକା ହେଉଛି
ଅର୍ଦ୍ଦଳିଙ୍କର ବି ଅଛି ସ୍ଥାନ
ଥାନା ଚୌକି ଯାଏ ବିକ୍ରି ହେଉଛି
ବିପତ୍ତିରେ ଭୋକ ପେଟ ଗରିବ।

+ ବିସି-୭୪,ସଲଟ ଲେକ,
କଲକାତା-୬୪
ମୋ-୯୬୮୧୩୭୩୫୧୨

### ବିଶ୍ୱ ଛେନାପୋଡ଼ ଦିବସ

**ବିନୟ କୁମାର ସାମଲ**



ବିଶ୍ୱ ଛେନାପୋଡ଼ ଦିବସ ପାଳୁଛି
ତାରିଖ ଅପ୍ରେଲ ଏଗାର,
ଏ ମିଠା ଦରବ ଆମର ଗରବ
ଗୌରବ ଓଡ଼ିଶା ରାଜ୍ୟର।

ଆସ ଭାଇ ଆଜି ପାଳିବା ଦିବସ
ଛେନାପୋଡ଼ ଆସ ଖାଇବା,
ସୁଦର୍ଶନ ସାହୁ ଆଦ୍ୟେ ତିଆରିଲେ
ତାଙ୍କ ଗୁଣ ଟିକେ ଗାଇବା।

ନୟାଗଡ଼ ଜିଲ୍ଲା ଦଶପଲ୍ଲା ଛେନା
ପୋଡ଼ ଉତ୍ପତ୍ତିର ସ୍ଥଳଟି
ସୁଦର୍ଶନ ଜନ୍ମ ଦିବସେ ପାଳନ
ଖାଇଲେ ବଢ଼ଇ ବଳଟି।

ସନ ଉଣେଇଶ ପଇଞ୍ଚଳିଶିରୁ
ନୟାଗଡ଼ ଜିଲ୍ଲା ପ୍ରସ୍ତୁତି,
ଧିରେ ଧିରେ ସାରା ରାଇଜେ ଆମର
ପ୍ରସ୍ତୁତି ଲଭିଛି ବିସ୍ତୃତି।

ସ୍ୱାଦିଷ୍ଟ ସୁମିଷ୍ଟ ଲାଳସା ବଢାଏ
ବିଶ୍ୱ ଖେଳାଇଛି ଚହଳ।

ଯେ ଥରେ ଖାଇଛି ଭୂଲିକି ପାରିଛି
ପୁଣି ଖାଇବାକୁ ବ୍ୟାକୁଳ।

ରୋଗୀ ଭୋଗୀ ଠାରୁ ରାଜା
ମହାରାଜା
ଖାଇବାକୁ କିଏ ନଚାହେ ?
ଦେଖିଲା ମାତ୍ରକେ ଜିହ୍ୱା ଲାଳସାଟା
ଆପେ ବଢ଼ି ବଢ଼ି ତ ଯାଏ।

ଏବିଶ୍ୱ ପ୍ରସିଦ୍ଧ ମିଠା ଦରବକୁ
ଆମର କେନ୍ଦ୍ର ସରକାର,
ତୁରନ୍ତ ଜି ଆଇ ମାନ୍ୟତା ଦିଅନ୍ତୁ
ଦାବୀ ଆମ ଓଡ଼ିଶାର।

+ ଗ୍ରାମ/ପୋ ବେଢ଼ାପଡ଼ା ଢ଼େଙ୍କାନାଳ

# ବିଭିନ୍ନ ଦାବଶି ନେଇ ଡିଆରସିଏସକୁ ନାକାବନ୍ଦି କଲା ଲ୍ୟାମ୍ପସ କର୍ମଚାରୀ ସଂଘ

ଜୟପୁର,୧୨।୦୪(ନି.ପ୍ର): ଜୟପୁର ସ୍ଥିତ ଡିଆରସିଏସଙ୍କୁ ବିଭିନ୍ନ ଦାବି ନେଇ ଦୀର୍ଘ ୪ ଘଂଟା ଧରି ନାକାବନ୍ଦି କରିଥିଲା ଅବିଭକ୍ତ କୋରାପୁଟ ଜିଲା ଲ୍ୟାମ୍ପସ (ସମବାୟ) କର୍ମଚାରି ସଂଘ । ସଂଘର ସଭାପତି ଦିଗାମ୍ବର ନାୟକ ଙ୍କ ନେତୃତ୍ୱରେ ଶତାଧିକ ଲ୍ୟାମ୍ପସ କର୍ମଚାରି ମାନେ ଡିଆରସିଏସ ଦାୟିତ୍ୱରେ ଥିବା ଏଆରସିଏସ ପ୍ରତିଚା ଜେନାଙ୍କୁ ନାକା ବନ୍ଦି କରିଥିଲା । ତୁରନ୍ତ ଲ୍ୟାମ୍ପସ କର୍ମଚାରିଙ୍କ ପ୍ରତି ହୋଇଥିବା ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତୋଳ କରିଥିଲା । ରବି ଧାନ ମଣ୍ଡିରେ ନାମ ପଞ୍ଜି କରଣ, ନବି କରଣର ହୋଉଥିବାରୁ କୁନ୍ଦୁରା, ଉମୁରି ଓ କାକରିଗୁମ୍ମାର ଏମଡି ଓ ଡାଡାଏଂଟ୍ରି ଅପରେଟରଙ୍କୁ କାର୍ଯ୍ୟର ନିଲମ୍ବନ କରାଯାଇଥିଲା । ଯାହାକୁ ସଂଘ ନିନ୍ଦା କରି ନାକା କରିଥିଲା । ଲ୍ୟାମ୍ପର ପରିଚାଳନା କମିଟି ହିଁ କର୍ମଚାରିଙ୍କ ନିଲମ୍ବନ କରିପାରିବ । କିନ୍ତୁ ଡିଆରସିଏସ କୁ ଆଇନ ବଳରେ ନିଲମ୍ବନ କରିଛନ୍ତି । ସେ ନିଯୁକ୍ତ ଦେଇ ନାହାଁନ୍ତି ନିଲମ୍ବନ କେମିତି କରିବେ ବୋଲି ସଂଘ ପ୍ରଶ୍ନ କରିଥିଲା । ନିଜ ଚାକିରି ବଂଚାଇବା ପାଇ ତଳିଆ କର୍ମଚାରି ଙ୍କୁ ନିଲମ୍ବନ କରିଛନ୍ତି । ଶେଷରେ କୁନ୍ଦୁରା ଓ କାକରିଗୁମ୍ମାରଏମଡି ଓ ଡାଟା ଏଣ୍ଟ୍ରିରି ଅପରେଟର ମାନଙ୍କ ନିଲମ୍ବନ କୁ ପ୍ରତ୍ୟାହାର କରିଛନ୍ତି । ଉମୁରି ଏମଡି ଓ ଟାଡା ଏଂଟ୍ରି ଅପରେଟରଙ୍କ ତଦନ୍ତ ଚାଲିଛି । ୭ ଦିନ ଭିତରେ ସେମାନଙ୍କର ମଧ ପ୍ରତ୍ୟାହାର କରାଯିବ ବୋଲି ଡିଆରସିଏସ ଜେନା ପ୍ରତିଶ୍ରୁତି ଦେଲେ । ଏହା ସହ ୭ ଦଫା ଦାବି ଲ୍ୟାମ୍ପସ କର୍ମଚାରିଙ୍କ ପଦୋନ୍ନତି, ସରବିସ ବୁକ ଖୋଲିବା, ଅବିଭକ୍ତ କୋରାପୁଟ ଜିଲାର ସମସ୍ତ ଲ୍ୟାମ୍ପସରେ କାର୍ଯ୍ୟରତ ସମସ୍ତ କର୍ମଚାରିଙ୍କ ନିମନ୍ତେ ସ୍ୱାସ୍ଥ୍ୟ ବୀମା ୫ ଲକ୍ଷ ଟଙ୍କା ଓ ଜୀବନ ବୀମା ପାଂଚ ଲକ୍ଷ ଟଙ୍କା କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କର ଲାଭାଂଶ ରୁ ପ୍ରଦାନ କରାଯାଉ ଆଦି ଦାବି ରହିଛି । କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କରେ ଖାଲି ପଡିଥିବା ପଦବୀ ଏଚଆର ପୋଲିସି ଆଧାରରେ ଶତକଡା ୩୦ ପ୍ରତିଶତ କର୍ମଚାରିଙ୍କୁ ଅଗ୍ରାଧିକାର ଭିତିରେ ପଦୋନ୍ନତି ଦିଆଯାଉ ଓ ଏଥି ନିମନ୍ତେ କର୍ମଚାରି ମାନଙ୍କ ଗ୍ରେଡେସନ ତାଲିକା ତୁରନ୍ତ ପ୍ରଦାନ କରାଯାଉ, ଲ୍ୟାମ୍ପସର କର୍ମଚାରି ମାନଙ୍କୁ ଷଷ୍ଠ ବେତନ ଆଧାରରେ ୧୯୬ ପ୍ରତିଶତ ମହଙ୍ଗା ଭତା ତଥା ସପ୍ତମ ବେତନ ତୁରନ୍ତ ଲାଗୁ କରିବା ଆଦି ଦାବି ରହିଛି । ୭ ଦିନ ଭିତରେ ଦାବି ପୁରଣ ନହେଲେ ଆଗାମୀ ୧୯ ତାରିଖରେ ଅବିଭକ୍ତ କୋରାପୁଟ ଜିଲାର ୫୫ ଲ୍ୟାମ୍ପରେ ତାଲା ପଡିବା ସହ ଋଣ ଲଗାଣ, ଆଦାୟ, ସାର ବିହନ ବଂଟନ ସବୁ କାର୍ଯ୍ୟକୁ ଠପ କରାଯିବ ବୋଲି ସଂଘର ସଭାପତି ଦିଗାମ୍ବର ନାୟକ ଏକ ସାମ୍ବାଦିକ ସମ୍ମିଳନିରେ ସୁଚନା ଦେଇଛନ୍ତି । ତୁରନ୍ତ ଯଦି ଦାବି ପୁରଣ ନହେବେ ତେବେ ଲ୍ୟାମ୍ପ କାର୍ଯ୍ୟ ଋଣ ଲଗାଣ ସାର ବିହନ ବଂଟନ ଚାଷୀ ପଞ୍ଜିକରଣ ଆନ ଲାଇନ କାର୍ଯ୍ୟ ବନ୍ଦ କରି ଦିଆଯିବ । ଏଥି ପାଇଁ ସମିତି ତଥା ଚାଷୀଙ୍କର ଯାହା କ୍ଷୟକ୍ଷତି ହେବ ସେଥି ପାଇ ବିଭାଗୀୟ ଅଧିକାରି ଦାୟି ରହିବେ ବୋଲି ଚେତାବନି ଦିଆଯାଇଛି ।

## ମାତୃତ୍ୱ ପାଇଁ ସୁପରିଚାଳନା ପାଇଁ କନ୍ଧମାଳ ଜିଲ୍ଲା ପୁରସ୍କୃତ

କନ୍ଧମାଳ,୧୨।୦୪(ନି.ପ୍ର): ମଙ୍ଗଳବାର ଦିନ ଭୁବନେଶ୍ୱର ରେ ଆୟୋଜିତ ରାଜ୍ୟ ସ୍ତରୀୟ ‘ଜାତୀୟ ନିରାପଦ ମାତୃତ୍ୱ’ ଦିବସ ପାଳନ ଅବସର ରେ କନ୍ଧମାଳ ଜିଲ୍ଲା ବର୍ଷ ୨୦୨୨-୨୩ ପାଇଁ ଜିଲ୍ଲା ରେ ମାତୃ ସ୍ୱାସ୍ଥ୍ୟ ସେବା ର ସୁପରିଚାଳନା ତଥା ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପୁରସ୍କୃତ କରାଯାଇଛି କ୍ଷକନ୍ଧମାଳ ଜିଲ୍ଲା ର ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ପରିବାର ଓ କଲ୍ୟାଣ), ଡ ପ୍ରସନ୍ନ କୁମାର ତ୍ରିପାଠୀ ଓ ଉପ ପରିଚାଳକ (ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ) ଆଶିଷ କୁମାର ମହାନ୍ତି ଏହି ଅବସର ରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶାର ସ୍ୱତନ୍ତ୍ର ସଚିବ ଶ୍ରୀମତୀ ସାଲୀନୀ ପଣ୍ଡିତ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ ର ନିର୍ଦ୍ଦେଶିକା ଡ. ବୃନ୍ଦା ଡିଙ୍କ ଦ୍ୱାରା ସମ୍ମାନିତ ହେଇଥିଲେ।

# ପୁଲିସ ଅଧିକାରୀ ସ୍ତରରେ ଅଦଳବଦଳ

କୋରେଇ,୧୨।୦୪(ନି.ପ୍ର): ଯାଜପୁର ଜିଲ୍ଲା ପୁଲିସ ସ୍ତରରେ ଅଦଳବଦଳ କରାଯାଇଛି । ମୋଟ ୧୫ ଜଣ ମଧ୍ୟରୁ ୧୦ ଜଣ ସବଇନ୍ସପେକ୍ଟର (ଏସଆଇ) ଓ ୫ ଜଣ ଆସିଷ୍ଟାଣ୍ଡ ସବଇନ୍ସପେକ୍ଟର (ଏଏସଆଇ)ଙ୍କୁ ସଦରମହକୁମା ଓ ବିଭିନ୍ନ ଥାନାରୁ ଅନ୍ୟ ଥାନାକୁ ବଦଳ କରାଯାଇଛି । ଏନେଇ ସେମାବାର ରାତ୍ରୀରେ ଡିଓ ନମ୍ବର ୭୧୧ରେ ବିଜ୍ଞପ୍ତି ପ୍ରକାଶ କରିଛନ୍ତି ଯାଜପୁର ଆରକ୍ଷ ଅଧିକ୍ଷକ ବିନୀତ ଅଗ୍ରୱାଲ । ବିଜ୍ଞପ୍ତି ଅନୁଯାୟୀ ସଦର ମହକୁମା (ହେଡକ୍ୱାଟର) ରୁ ସବଇନ୍ସପେକ୍ଟର (ଏସଆଇ) ତୃପ୍ତିମୟୀ ରାଉତଙ୍କୁ ଯାଜପୁର ଟାଉନ ଥାନା, ଲକ୍ଷ୍ମୀପ୍ରୀୟା ଦାସଙ୍କୁ ବରୀ ରାମଚନ୍ଦ୍ରପୁର ଥାନା, ଅନୀତା ଜେନାଙ୍କୁ ଧର୍ମଶାଳା ଥାନା, ପ୍ରହଲ୍ଲାଦ ବାରିକଙ୍କୁ ଯାଜପୁର ଥାନା, ସଂଗ୍ରାମ କେଶରୀ ରାଉତଙ୍କୁ ବୈରୀ ଥାନା, ଚିତ ରଂଜନ ବଳବନ୍ତ ରାୟଙ୍କୁ ଜଖପୁରା ଥାନା, ବୈରୀ ଥାନାର ସୁବ୍ରତ କୁମାର ସାହୁଙ୍କୁ ବିଂଝାରପୁର ଥାନା, ବିଂଝାରପୁର ଥାନାର ଅସିତ ରଂଜନ ବଳବନ୍ତରାୟଙ୍କୁ ଧର୍ମଶାଳା ଥାନା, ଧର୍ମଶାଳା ଥାନାର ସ୍ମୃତି ମଂଜରୀ ବଡଜେନାଙ୍କୁ ପାଣିକୋଇଲି ଥାନା, ଧର୍ମଶାଳା ଥାନାର ରାଧାନାଥ ଦାସଙ୍କୁ ଯାଜପୁରରୋଡ ଥାନାକୁ ବଦଳି କରାଯାଇଛି । ସେହିପରି ଆସିଷ୍ଟାଣ୍ଡ ସବଇନ୍ସପେକ୍ଟର (ଏଏସଆଇ) ସଦରମହକୁମାରୁ ଯଦୁମଣି ନାୟକଙ୍କୁ ଦାନଗଦି ବିଟ ହାଉସ, ଦେବେନ୍ଦ୍ର କୁମାର ବେହେରାଙ୍କୁ ଦଶରଥପୁର ଥାନା, ସନାତନ ବେହେରାଙ୍କୁ ବ୍ରହ୍ମବରଦା ଥାନା, ରଶ୍ମିତାରାଣୀ ଦିକ୍ଷୀତଙ୍କୁ ଅଳକୁଣ୍ଡ ଥାନା ଦଶରଥପୁର ଥାନାର ଶୈଳେନ୍ଦ୍ର କୁମାର ପାଣିଗ୍ରାହୀଙ୍କୁ ଏସଡିପିଓ ଅଫିସ ଯାଜପୁରକୁ ବଦଳି କରାଯାଇଛି ।

# ନବସେତୁ ମାସିକ ପତ୍ରିକା ତରଫରୁ ମହାତ୍ମା ଜ୍ୟୋତିବା ରାଓ ଫୁଲେଙ୍କ ଜନ୍ମତିଥି ପାଳନ

ବଲାଙ୍ଗୀର,୧୨।୦୪(ନି.ପ୍ର): ବଲାଙ୍ଗୀର ରାଜେନ୍ଦ୍ରପଡା ସ୍ଥିତ ଓବିସି ମଂଚ କାର୍ଯ୍ୟାଳୟ କନଫରେନ୍ସ ହଲ୍ଠାରେ ନବସେତୁ ମାସିକ ପତ୍ରିକା ତରଫରୁ ମହାତ୍ମା ଜ୍ୟୋତିବା ରାଓ ଫୁଲେଙ୍କ ଜନ୍ମତିଥି ପାଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ସଭା ପରିଚାଳନା କରିଥିବା ବେଳେ ମହାତ୍ମା ଫୁଲେଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ଟଙ୍କଧର ଗଡତ୍ୟା । ପରେ ଆଲୋଚନାଚକ୍ରରେ ରାଷ୍ଟ୍ରୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ବାଲି ଚରଣ ବାରିକ, ଚାଷୀ ନେତା ତଥା ସାମ୍ବାଦିକ ସତ୍ୟ ବନଛୋର, ଛାତ୍ର ନେତା ଉତମ ଖମାରୀ, ଅଲ୍ ଇଣ୍ଡିଆ ଓବିସି ରେଳ କର୍ମଚାରୀ ସଂଘର ସହ ସମ୍ପାଦକ ଉମେଶ ବିଶ୍ୱାଳ, ଅବସରପ୍ରାପ୍ତ ପ୍ରଶାସନିକ ସେବା ଅଧିକାରୀ କାନ୍ତିଲାଲ ମୁଗ୍ରୀ, ମୂଳ ନିବାସୀ ନେତା ସୁରେନ୍ଦ୍ର କୁମ୍ଭାର, କବି ଅର୍ଜୁନ ମୁଗ୍ରୀ, ଓବିସି ନେତା ତଥା ରାଜ୍ୟ ତ୍ରୁମାଲ ପରିଷଦର ସଭ୍ୟ ଗୌତମ ମେସ୍ରା, ଅଲ୍ ଇଣ୍ଡିଆ ରେଲୱେ ଏସ୍ସି ଏସ୍ଟି କର୍ମଚାରୀ ସଂଘର ସଦସ୍ୟ ସୁଶିଲ ଛତ୍ରିଆ ଅଂଶଗ୍ରହଣ କରି ନିଜର ମତାମତ ଉପସ୍ଥାପନା କରିଥିଲେ। ଆଗାମୀ ଦିନରେ ଶିକ୍ଷାକୁ ଗୁରୁତ୍ୱ ଦେବାକୁ ବକ୍ତାମାନେ ମତ ରଖିଥିଲେ। ମହାତ୍ମା ଫୁଲେଙ୍କ ଜୀବନ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କଲେ ଜଣେ ସୁନାଗରିକ ହୋଇ ଦେଶରେ ଉନ୍ନତି ସାଧନ କରିପାରିବ ବୋଲି ଆଲୋଚନାଚକ୍ରରେ ଶ୍ରୀ ଗଡତ୍ୟା ମତ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଜଗନ୍ନାଥ ପ୍ରସାଦ ମାହାଣା, ଜେନା ସା, ଅଶ୍ୱିନୀ ପଟେଲ, ଲମ୍ବୋଧର ବିଶ୍ୱାଳ, ସୁଶାନ୍ତ କୁମାର କଲତା, ସରୋଜ କୁମାର ମେସ୍ରା, ପାଣ୍ଡବ ବିଶ୍ୱାଳ, ହେମସାଗର ରଣା, ସୋମନାଥ ଗଡତ୍ୟା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

# କପାତୁଟି ପଂଚାୟତର ଭାଲୁଗୁଡ଼ା ଜଙ୍ଗଲରୁ ୨ କୁଇଂଟାଲ ଗଞ୍ଜେଇ ଜବତ

ମାଲକାନଗିରି,୧୨।୦୪(ନି.ପ୍ର): ଚିତ୍ରକୋଣ୍ଡା ଥାନା ଅଧିକାରୀଙ୍କ ନେତୃତ୍ୱରେ ଏକ ପୁଲିସ ଟିମ୍ କପାତୁଟି ପଂଚାୟତର ଭାଲୁଗୁଡ଼ା ଜଙ୍ଗଲରେ ଗଞ୍ଜେଇ ଥିବା ଖବର ପାଇଁ ଚଢ଼ଉ କରିଥିଲା। ଦୂରରୁ ପୁଲିସକୁ ଦେଖି ଗଞ୍ଜେଇ ଚୋରା ଚାଲାଣକାରୀ ଅନ୍ଧାରର ସୁଯୋଗ ନେଇ ଗଞ୍ଜେଇ ଛାଡ଼ି ଜଙ୍ଗଲ ଭିତରକୁ ପଳାୟନ କରିଥିଲେ। ପୁଲିସ ଘଟଣାସ୍ଥଳରୁ ଜରି ବସ୍ତାରେ ଭର୍ତି ହୋଇଥିବା ଗଞ୍ଜେଇ ଜବତ କରି ଚିତ୍ରକୋଣ୍ଡା ଥାନାକୁ ଆଣିଥିଲା। ସେସବୁ ଗଞ୍ଜେଇକୁ ଓଜନ କରାଯିବା ପରେ ତାହା ୨କୁଇଂଟାଲ ୫୦୦ କେଜି ଥିବା ବେଳେ ଓ ତାହାର ଆନୁମାନିକ ମୂଲ୍ୟ ଦୁଇ କୋଟି ପଚାଶ ଲକ୍ଷ ହେବ ବୋଲି ଆକଳନ କରାଯାଇଛି !ଏହି ଚୋରା ଚାଲାଣ ରେ କୌଣସି ଆସାମୀ ଧରା ପଡିନଥିବା ଚିତ୍ରକୋଣ୍ଡା ଆଇ ଆଇ ସି ମୁକୁନ୍ଦ ମେଲକା ସୂଚନା ଦେଇଛନ୍ତି। ଆସାମୀମାନେ ଗଞ୍ଜେଇ ଚାଲାଣ କରିବା ପୂର୍ବରୁ ପୁଲିସ ପହଂଚିବା ଦେଖି ଆସାମୀ ଘଟଣାସ୍ଥଳରୁ ଅନ୍ଧାର ଓ ଜଙ୍ଗଲର ସୁବିଧା ନେଇ ଫେରାର ହୋଇ ଯାଇଥିଲେ। ବର୍ତମାନ ଚିତ୍ରକୋଣ୍ଡା ପୁଲିସ କାହାର ଗଞ୍ଜେଇ ଓ କେଉଁମାନେ ଏଥିରେ ସମ୍ପୃକ୍ତ ଅଛନ୍ତି, ତାହା ଉପରେ ଅଧିକା ଛାନଭିନ୍ ଆରମ୍ଭ କରିଛି।

# କୋରିୟର କମ୍ପାନୀର ତ୍ରୁଟପୂର୍ଣ୍ଣ କାର୍ଯ୍ୟ ଯୋଗୁ ଶବ ବଦଳିଗଲା

ସାଲେପୁର,୧୨।୦୪(ନି.ପ୍ର): କୋରିୟର କମ୍ପାନୀର ଭୁଲକାର୍ଯ୍ୟ ଯୋଗୁ ଶବ ବଦଳିଗଲା। ଫଳରେ ଉଭୟ ପରିବାର ଲୋକେ ହଇରାଣ ହରକତ ହୋଇଛନ୍ତି । ଘଟଣାରୁ ଜଣାପଡିଛି ମୁମ୍ବାଇ ବିମାନଘାଟିରେ ଶବର ବାକ୍ସ ଉପରେ ଲାଗିଥିବା ଷ୍ଟିକର ବଦଳିଯିବା ଯୋଗୁ ରାଜସ୍ଥାନର ଜୟପୁରକୁ ଯିବାକୁ ଥିବା ଶବଟି ଭୁବନେଶ୍ୱର ବିମାନବନ୍ଦରରେ ପହଂଚିଥିଲା । ଅପରପକ୍ଷରେ ଭୁବନେଶ୍ୱର ବିମାନବନ୍ଦରକୁ ଆସିବାକୁଥିବା ଥିବା ଶବଟି ଜୟପୁର ବିମାନ ବନ୍ଦରକୁ ଚାଲିଯାଇଥିଲା । ଯାହାଫଳରେ ଏଭଳି ଓଲଟପାଲଟ କରିଥିବା କୋରିୟର ସର୍ଭିସ ସଂସ୍ଥା ଉପରେ ଦୋଷ ଲଦିଥିବା କହିଛନ୍ତି । ନେମାଳକୁ ଆସିଥିବା ଅଣଓଡିଆ ଶବଟିକୁ ଚିହ୍ନି ନପାରି ପରିବାର ଲୋକେ ଶବକୁ ଦାହ କରିଦେଇଥିଲେ । ତେବେ ଓଡିଆ ବ୍ୟକ୍ତିଙ୍କ ଶବ ଜୟପୁରରେ ପହଂଚିବା କ୍ଷଣି ପରିବାରର ଲୋକେ ତାଙ୍କର ଶବ ନୁହେଁ ବୋଲି ଜାଣି ଶବକୁ ଦାହନକରି ଓଡିଆ ପରିବାର ସହ ଯୋଗାଯୋଗ କରିଥିଲେ । ଦୁଇ ପରିବାର ମଧ୍ୟରେ ଯୋଗାଯୋଗ ହେବା ପରେ ଅଣଓଡିଆଙ୍କ ଚିତାଭସ୍ମକୁ ତାଙ୍କ ପରିବାରକୁ ଦେବାଲାଗି ନିଷ୍ପତି ହେବା ସହ ଜୟପୁର ସହରରୁ ଓଡିଆଙ୍କ ଶବ ନେମାଳ ଆଣିବା ପାଇଁ ବ୍ୟବସ୍ଥା ହୋଇଛି । ସୂଚନାଯୋଗ୍ୟ ଯେ ନିଶ୍ଚିନ୍ତକୋଇଲି ବ୍ଲକ ତଥା ନେମାଳ ଥାନା ଅନ୍ତର୍ଗତ ତିଳକଣା ପଂଚାୟତ କୁଆଁଶୋଳ ଗ୍ରାମର ବିଳାସ ଚନ୍ଦ୍ର ଭୂୟାଁ (୫୨) ମୁମ୍ବାଇର ଏକ କାର୍ କଂପାନୀରେ ଦୀର୍ଘ ବର୍ଷ ଧରି କାମକରୁଥିଲେ । ବ୍ରେନ୍ ଷ୍ଟ୍ରୋକ୍ ହେବାରୁ ତାଙ୍କର ସେଠାରେ ମୃତ୍ୟୁ ହୋଇଥିଲା । ତାଙ୍କ ପରିବାର ପକ୍ଷରୁ ମୁମ୍ବାଇରୁ ମୃତ ବିଳାସଙ୍କ ଶବକୁ ଓଡିଶା ଅଣାଯିବାର ବ୍ୟବସ୍ଥା ହୋଇଥିଲା । ତେବେ ରାଜସ୍ଥାନରୁ ଓଡିଆଙ୍କ ଶବକୁ ଅଣାଯାଇ ପୁରୀ ସ୍ୱର୍ଗଦ୍ୱାରରେ ସଂସ୍କାର କରାଯିବା ପାଇଁ ଆଲୋଚନା ହେଉଥିଲା ବେଳେ ରାଜସ୍ଥାନର ବ୍ୟକ୍ତିଙ୍କୁ ଶବଦାହ କରାଯାଇଥିବା ଶ୍ମଶାନରୁ ଚିତାଭସ୍ମ ନେବା ପାଇଁ ଚିନ୍ତା କରିଛନ୍ତି । ତେବେ ଏହି ଘଟଣା ସମଗ୍ର ଅଂଚଳରେ ଚର୍ଚ୍ଚାର ବିଷୟ ହୋଇଛି ।

# ନୂଆପଡ଼ା ଜିଲ୍ଲାରେ ବାଘ ଆତଙ୍କ ଥମିବାର ନାଁ ନେଉନାହିଁ : ବାଛୁରୀକୁ ଆକ୍ରମଣ କରି ଘାଇଲା କଲା ବାଘୁଣୀ

ନୂଆପଡ଼ା,୧୨।୦୪(ନି.ପ୍ର): ନୂଆପଡ଼ା ବ୍ଲକ ଆମାନାରା ପଂଚାୟତ ଅଧିନ ତରିଆମହୁଆଭଟା ଗାଁରେ ବାଘୁଣୀ ଆତଙ୍କ ଥମିବାର ନାଁ ନେଉନି। ମଙ୍ଗଳବାର ଭୋର ସକାଳୁ ଗାଁରେ ବାଘୁଣୀ ପଶି ବାଛୁରୀକୁ ଆକ୍ରମଣ କରି ଘାଇଲା କରିଛି । ସୋମବାର ବିଳମ୍ବିତ ରାତିରେ ମୁଷରଙ୍ଗୀ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲରୁ ବାଘୁଣୀ ଖାଦ୍ୟ ଅନ୍ୱେଷଣରେ ତରିଆମହୁଆଭଟା ଗାଁରେ ପଶିଥିଲା। ଆଜି ଭୋର ସକାଳୁ ଏକ ବାଛୁରୀ ମହୁଲ ଫୁଲ ଖାଇବାକୁ ଗାଁର ପୋଖରୀ ନିକଟକୁ ଚାଲି ଯାଇଥିଲା । ଏତିକି ବେଳେ ବାଘୁଣୀ ଶିକାର ପାଇଁ ବାଛୁରୀକୁ ଆକ୍ରମଣ କରିଥିଲା। ଏଭଳି ବାଛୁରୀକୁ ବାଘୁଣୀ ପଞ୍ଝା ମାରି ଟାଣି ନେବାକୁ ଉଦ୍ୟମ କରିଥିଲା । ବାଘ ଆକ୍ରମଣର ଶିକାର ହୋଇ ବାଛୁରୀ ରଡି ଛାଡିଥିଲା । ଏହି ଚିତ୍କାର ଶୁଣି ଗାଁ ଲୋକେ ଠେଙ୍ଗା, ବାଡ଼ି ଧରି ବାଘୁଣୀକୁ ଘଉଡାଇ ଥିଲେ। ଏତିକି ବେଳେ ବାଛୁରୀକୁ ଲହୁଲୁହାଣ କରି ବାଘୁଣୀ ଜଙ୍ଗଲକୁ ଚାଲି ଯାଇଥିଲା । ଏବେ ବାଛୁରୀର ତଣ୍ଟିରେ ବାଘ ପଞ୍ଝା ମାରିଥିବାରୁ ବାଛୁରୀଟି ଗୁରୁତର ଆହତ ହୋଇଛି । ମଧ୍ୟାହ୍ନରେ ପ୍ରାଣୀ ସମ୍ପଦ ବିଭାଗ କର୍ମଚାରୀ ଗାଁରେ ପହଂଚି ବାଛୁରୀକୁ ଚିକିତ୍ସା କରିଛନ୍ତି।

# ଫୁଲବାଣୀରେ ଲୋକାର୍ପିତ ହେଲା ରକ୍ତ ସଂଗ୍ରହ ଯାନ : ରକ୍ତ ଭଣ୍ଡାରକୁ ୫୨ ବର୍ଷ ପରେ ସ୍ୱତନ୍ତ୍ର ଯାନ ଆସିଲା

କନ୍ଧମାଳି,୧୨।୦୪(ନି.ପ୍ର): ଦିର୍ଘ ଦିନ ପରେ ଫୁଲବାଣୀ ରକ୍ତଭଣ୍ଡାରକୁ ଏକ ରକ୍ତ ସଂଗ୍ରହ ଯାନ ପ୍ରଦାନ କରାଯାଇଛି । ଏମସିଏଲ ପକ୍ଷରୁ ପ୍ରଦାନ କରାଯାଇଥିବା ଏହି ରକ୍ତ ସଂଗ୍ରହ ଯାନକୁ ମୁଖ୍ୟ ମନ୍ତ୍ରୀ ଅନୁଷ୍ଠାନିକ ବାବରେ ଉଦଘାଟନ କରିବା ପରେ ଜିଲ୍ଲାକୁ ଆସିଥିବା ଏହି ବସ୍ ଟିକୁ ଆଜି କନ୍ଧମାଳ ସାଂସଦ ଡଃ.ଅଚ୍ୟୁତ ସାମନ୍ତ ଲୋକାର୍ପଣ କରିଥିଲେ । ଏହି ଅବସରରେ ସେଠାରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର,କନ୍ଧମାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ,ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ମନୋରଞ୍ଜନ ଉପାଧ୍ୟାୟ,ଜିଲ୍ଲା ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶକ ମନୋରଞ୍ଜନ ସାହୁ ଏବଂ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ସାଂସଦ ଏବଂ ବିଧାୟକ ସବୁଜ ପତାକା ଦେଖାଇ ଏହି ଗାଡିର ଶୁଭାରମ୍ଭ କରିଥିଲେ । ଫୁଲବାଣୀରେ ୧୯୭୨ ମସିହାଠାରୁ ରକ୍ତ ଭଣ୍ଡାର ଆରମ୍ଭ ହୋଇଥିବା ବେଳେ ଦିର୍ଘ ପ୍ରାୟ ୫୨ ବର୍ଷ ହେଲା ଏଠାରେ କୌଣସି ନିଜସ୍ୱ ଗାଡି ନ ଥିବା ଯୋଗୁଁ ରକ୍ତ ସଂଗ୍ରହ କାର୍ଯ୍ୟରେ ଘୋର ଅସୁବିଦାର ସମ୍ମୁଖିନ ହେବାକୁ ପଡୁଥିଲା । ଯେ କୌଣସି ଶିବିରକୁ ଯିବାବେଳେ ନିଜସ୍ୱ ଗାଡି ନଥିବା ସ୍ଥଳେ ବିଳମ୍ବ ମଧ୍ୟ ହେଉଥିଲା । ବର୍ତମାନ ଏମସିଏଲ ପକ୍ଷରୁ ପ୍ରଦାନ କରାଯାଇଥିବା ଏହିରକ୍ତ ସଂଗ୍ରହ ଯାନରେ ଶୀତତାପ ନିୟନ୍ତ୍ରଣର ବ୍ୟବସ୍ଥା ଥିବା ସହିତ ଏଥିରେ ଦୁଇଟି କାଉଚ୍ ରହିଛି ତେଣୁ ଏଥିରେ ଏକା ସଙ୍ଗରେ ଦୁଇ ଜଣ ରକ୍ତଦାତାଙ୍କ ରକ୍ତ ସଂଗ୍ରହ କରାଯାଇ ପାରିବ । ଏହା ଛଡା ଏଥିରେ ରକ୍ତ ବ୍ୟାଗ ରଖିବାକୁ ସ୍ୱତନ୍ତ୍ର ଫ୍ରିଜ୍,ଅନ୍ୟାନ୍ୟ ଆବଶ୍ୟକୀୟ ଜିନିଷ ରଖିବାକୁ ମଧ୍ୟ ଯଥେଷ୍ଟ ସ୍ଥାନ ରହିଛି । ଏହା ଛଡା ଏଥିରେ ଯେ କୌଣସି ସ୍ଥାନରେ ମଧ୍ୟ ଶିବିର କରିବା ଭଳି ବ୍ୟବସ୍ଥା ରହିଛି । ଏହି ଯାନ ଆସିବା ପରେ ରକ୍ତଦାନ ଶିବିର ଆୟୋଜନରେ ଅଧିକ ଅସୁବିଧା ହେବ ନାହିଁ ବୋଲି ସାଂସଦ ଡ.ଅଚ୍ୟୁତ ସାମନ୍ତ କହିଛନ୍ତି ।

# କୋଭିଡ ଆକ୍ରନ୍ତଙ୍କୁ କିପରି ଚିକିତ୍ସା କରାଯିବ ସେ ନେଇ ଏକ ମକ ଡ୍ରିଲ ଅନୁଷ୍ଠିତ

ମାଲକାନଗିରି,୧୨।୦୪(ନି.ପ୍ର): ଗତ ଦୁଇବର୍ଷର ବ୍ୟବଧାନ ପରେ ପୁଣି ଦେଶ ଓ ରାଜ୍ୟରେ କୋଭିଡ ସଂକ୍ରମଣ ସଂଖ୍ୟା ବଢିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ମାଲକାନଗିରି ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି। ମଙ୍ଗଳବାର ଜିଲ୍ଲା କୋଭିଡ ହସ୍ପିଟାଲ ପରିସରରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୋଭିଡ ସଂକ୍ରମଣ ରୋକିବା ଓ କୋଭିଡ ଆକ୍ରନ୍ତଙ୍କୁ କିପରି ଚିକିତ୍ସା କରାଯିବ ସେ ନେଇ ଏକ ମକ ଡ୍ରିଲର ଆୟୋଜନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ମକ ଡ୍ରିଲକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। କୋରନା ସଂକ୍ରମିତଙ୍କୁ ଚିହ୍ନଟ କରିବା ଠାରୁ ଆରମ୍ଭ କରି ସ୍ୱତନ୍ତ୍ର ଆମ୍ବୁଲାନ୍ସରେ କୋଭିଡ ହସ୍ପିଟାଲରେ ଭର୍ତି କରିବା,ଗୁରୁତର ରୋଗୀଙ୍କୁ ଆଇସିୟୁ , ଏଚ ଡି ୟୁରେ କିପରି ଚିକିତ୍ସା ଯୋଗାଇଦେବା ଆଦି ସ୍ୱାସ୍ଥ୍ୟ ସେବା ସମ୍ପର୍କରେ ଏହି ମକ ଡ୍ରିଲରେ ପ୍ରଦର୍ଶନ କରାଯାଇଥିଲା। ଏହି ମକ୍ ଡ୍ରିଲ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଫୁଲକୁମାର ନନ୍ଦ,ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅନୀଲ କୁମାର ମିଶ୍ର, କୋଭିଡ ହସ୍ପିଟାଲ ମେଡିକାଲ ଅଫିସର ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର,ଡାକ୍ତର ସୁବ୍ରତ କୁମାର ଜେନା,ଡାକ୍ତର ଧନେଶ୍ୱର ମହାପାତ୍ର,କୋଭିଡ ହସ୍ପିଟାଲ ମ୍ୟାନେଜର ପ୍ରକାଶ କୁମାର ସାହୁ,ଜିଲ୍ଲା ହସ୍ପିଟାଲ ମ୍ୟାନେଜର ଶୁଶାନ୍ତ ବିଶ୍ୱାଳ, ମାର୍ଟିନ ସଂଗୀତା ନାୟକ ପ୍ରମୁଖ କୋଭିଡ଼ ଷ୍ଟାଫ ଉପସ୍ଥିତ ଥିଲେ। ଜିଲ୍ଲା କୋଭିଡ ହସ୍ପିଟାଲ ରେ ପ୍ରଥମ ପର୍ଯ୍ୟାୟରେ ୧୦ଟି ବେଡ୍,ଆୟୁସୁ ଅନ୍ୟନ ଚିକିତ୍ସା ବ୍ୟବସ୍ଥା କରା ଯାଇଛି ।ଜିଲ୍ଲାରେ ପ୍ରତିଦିନ ୨୦୦ରୁ ଉର୍ଦ୍ଧ୍ୱ ଥଣ୍ଡା,କାଶ, ଜ୍ୱର ରୋଗୀଙ୍କର କୋଭିଡ ଟେଷ୍ଟ କରାଯାଉଛି, ଆଜି ପର୍ଯ୍ୟନ୍ତ ଜିଲ୍ଲାରେ ଗୋଟିଏ ବି କୋଭିଡ ପିଜେଟିଭ କେସ ଚିହ୍ନଟ ହୋଇନାହିଁ।

# ପୋଷଣ ପକ୍ଷ ଉଦଯାପନୀ ସମାରୋହ : ଶ୍ରୀଅନ୍ନ ‘ମାଣ୍ଡିଆ’କୁ ନବାନ୍ନ ଭକ୍ଷଣରେ ସ୍ଥାନିତ କରିବାକୁ ଗୁରୁତ୍ୱାରୋପ

ସୁବର୍ଣ୍ଣପୁର,୧୨।୦୪(ନି.ପ୍ର): ମାର୍ଚ୍ଚ ୨୦ ଠାରୁ ଏପ୍ରିଲ ୩ ତାରିଖ ପର୍ଯ୍ୟନ୍ତ ପୋଷଣ ପକ୍ଷ ପାଳନ ଅନୁଷ୍ଠିତ କରାଯାଇ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ବହୁବିଧ କାର୍ଯ୍ୟକ୍ରମ ମାନ ଗ୍ରହଣ କରାଯାଇଛି । ଏହି ପରିପେକ୍ଷୀ ଆଜି ଜ୍ଲିଲ୍ଲାରେ ପୋଷଣପକ୍ଷ ପାଳନର ଉଦଯାପନୀ ସମାରୋହ ଜିଲ୍ଲାପାଳ ସୁବର୍ଣ୍ଣପୁରଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ସୂର୍ଯ୍ୟ ନାରାୟଣ ଦାଶ ଯୋଗଦାନ କରି ପୋଷକ ତତ୍ୱ ପୂର୍ଣ୍ଣ ଖାଦ୍ୟ ଶ୍ରୀଅର୍ଣ୍ଣ ମାଣ୍ଡିଆକୁ ନବାର୍ଣ୍ଣ ଭକ୍ଷଣରେ ସାମିଲ କରିବାକୁ ଗୁରୁତ୍ୱାରୋପ କରିଛନ୍ତି। ଏହି ଅବସରରେ ଅନୁଷ୍ଠିତ ସମାରୋହରେ ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ନିଶି ପୁନମ ମିଞ୍ଜ, ଭାରପ୍ରାପ୍ତ ଉପ ଜିଲ୍ଲାପାଳ ସୋନପୁର ଖଦାଲ ପାତ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ମିଶନ ଶକ୍ତି ଫ୍ରାନସିସ ବାର୍ଲା, ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ, ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ର ଅଧିକାରୀ କେଶବ ଚନ୍ଦ୍ର ମେହେର ପ୍ରମୁଖ ଯୋଗଦେଇ ଦେଇଥିଲେ । ଶ୍ରୀଅର୍ଣ୍ଣ ମାଣ୍ଡିଆରେ ପ୍ରସ୍ତୁତ ଖାଦ୍ୟ ଶିଶୁ ଏବଂ ଗର୍ଭବତୀ ମାମାନଙ୍କର ଶାରୀରିକ ଓ ମାନସିକ ବିକାଶରେ ବିଶେଷ ସହାୟକ ହେଉଥିବା ଅତିଥି ବୃନ୍ଦ ମତବ୍ୟକ୍ତ କରିଥିବାବେଳେ ଶ୍ରୀଅର୍ଣ୍ଣ ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ କୁ ଜ୍ଲିଲ୍ଲା ର ପ୍ରତ୍ୟକ ସ୍ତର ରେ ବ୍ୟବହାର କରିବାପାଇଁ ଅନୁରୋଧ କରି ମାଣ୍ଡିଆ ଚାଷ କୁ ଜ୍ଲିଲ୍ଲା ରେ ଯେପରି ଆଗକୁ ନିଆଯାଇ ପାରିବ ଅତିଥିବୃନ୍ଦ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ପୋଷକ ତତ୍ୱ ସମିଳିତ milet (ମାଣ୍ଡିଆ ) ଜାତୀୟ ପଦାର୍ଥ ମାଣ୍ଡିଆ ଦ୍ୱାରା ପ୍ରସ୍ତୁତ ବିଭିନ୍ନପ୍ରକାର ଖାଦ୍ୟ ପସରାର ପ୍ରଦର୍ଶନୀ ଜିଲ୍ଲାର ୬ ଟି ବ୍ଲକ ର ଶିଶୁିକାଶ ପ୍ରକଳ୍ପ ଅଧୀନରେ ଥିବା ଅଙ୍ଗନୱାଡି କର୍ମୀ, ସହକର୍ମୀ ତଥା ମାଁ ଙ୍କ ଦ୍ୱାରା ପ୍ରଦର୍ଶନ କରାଯାଇଥିଲା । ଏହି ଚାଷ ପ୍ରତି ଅଧିକରୁ ଅଧିକ ଚାଷୀ ଯେପରି ଏହି ଚାଷ ପ୍ରତି ଆଗ୍ରହ ରଖିବେ ସେଥିପାଇଁ ଗ୍ରାମାଂଚଳରେ ଥିବା କୃଷି ଆଧିକାରୀ,ଆଶା ଓ ଅଙ୍ଗନବାଡି କର୍ମୀ ଜନସାଧାରଣଙ୍କୁ ସଚେତନତା କରାଇବାକୁ ପରାମର୍ଶ ଦେଇଛନ୍ତି ମୁଖ୍ୟ ଅତିଥି ଶ୍ରୀ ଦାଶ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ରେଣୁବାଳା ଦାଶ ଙ୍କ ପୌରାହିତ୍ୟ ରେ ଅନୁଷ୍ଠିତ କାର୍ଯକ୍ରମରେ ନିବେଦିତା ସରାଫ ସିଡ଼ିପିଓ ସୋନପୁର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମ ଅଧିକାରୀ ଶ୍ରୀମତୀ ଅନିତା ଗୁରୁ ପୋଷଣପକ୍ଷ ପାଳନ ରେ ଅନୁଷ୍ଠିତ ବିଭିନ୍ନ ସ୍ତରରେ କରାଯାଇଥିବା କାର୍ଯ୍ୟକ୍ରମ ର ବିଷୟବସ୍ତୁ ଉପରେ ପୁଙ୍ଖାନୁପୁଙ୍ଖ ଉପସ୍ଥାପନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ରେ ପୋଷଣ ଜିଲ୍ଲା ପ୍ରକଳ୍ପ ସଂଯୋଜକ ସଂଜୀବ କୁମାର ମିଶ୍ର, ପୋଷଣ ଜିଲ୍ଲା ମୋହନ କୁମାର ମେହେର, ସମସ୍ତ ସି ଡି ପି ଓ , ସୁପରଭାଇଜର, ଅଙ୍ଗନବାଡି କର୍ମୀ ଉପସ୍ଥିତ ଥିଲେ । ପକ୍ଷ ପାଳନ ପରିପ୍ରେକ୍ଷୀରେ ଅନୁଷ୍ଠିତ ପ୍ରବନ୍ଧ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ ପ୍ରଥମସ୍ଥାନ -ବର୍ଷା ସାହୁ, ସାଗରପାଲି ଗଙ୍ଗାଧର ମେହେର ଉଚ୍ଚ ବିଦ୍ୟାଳୟ ଦିତ୍ୱୀୟ ସ୍ଥାନ ଅନ୍ୟାଷା ଦିକ୍ଷୀତ, ଏସ ଏସ ଭି ଏମ, ସୋନପୁର ଓ ତୃତୀୟସ୍ଥାନ ରେ ସିମରନ ଶୁଭ୍ର ପୂଝାରି ଓ ସୁସ୍ଥ ସବଳ ଓ ସମ୍ପୂର୍ଣ ଟୀକା ନେଇଥିବା ଶିଶୁ ବିନକୋ -ଅପର୍ଣ୍ଣା ରାଣୀ ପାଣ୍ଡେ ବୀରମହାରାଜପୁର -ପ୍ରଭାସ ମେହେର ଡୁଙ୍ଗୁରିପାଲି - ଆମୟରା ଆଶିଷ ବିଶି, ସୋନପୁର -ସ୍ୱାସ୍ତିକ କୁମାର ଦାସ, ଉଲୁଣ୍ଡା -ଆୟାଂଶ ରଣା, ତରଭା -ଅର୍ପିତା ସେଠିଙ୍କୁ ପୁରସ୍କୃତ କରାଯାଇଥିଲା ।

# ପଛୁଆ ବର୍ଗର ସମାଜିକ ଓ ଅର୍ଥନୈତିକ ସର୍ଭେ ନେଇ ତାଲିମ ଶିବିର

ଜୟପୁର,୧୨।୦୪(ନି.ପ୍ର): ପଛୁଆ ବର୍ଗର ସମାଜିକ ଓ ଅର୍ଥନୈତିକ ସର୍ଭେ ନେଇ ତାଲିମ ଶିବିର ଅନୁଷ୍ଠିତ ହୋଇଛି । ଜୟପୁର ବ୍ଲକ ସଭାଗୃହରେ ଗଣନାକାରୀ ଓ ପରିଦର୍ଶକଙ୍କୁ ତାଲିମ ଦିଆଯାଇଛି । ଜୟପୁର ଏବିଡିଓ ମନୋଜ ନାୟକ ତାଲିମ ପ୍ରଦାନ କରିଥିଲେ । ୧୨୪ ଜଣ ଅଙ୍ଗନବାଡୀ କର୍ମି ଓ ଆଇସିଡିଏସ ସୁପରଭାଇଜର ଗଣନାକାରୀ ଓ ପରିଦର୍ଶକ ଭାବେ ତାଲିମ ନେଇଥିଲେ । ୧୧ ଓ ୨୦ ତାରିଖ ଦୁଇଟି ଦଫାରେ ତାଲିମ ଦିଆଯିବ । ତାଲିମ ନେବା ପରେ ମେ୧ ରୁ ୨୭ ତାରିଖ ଯାଏ ସର୍ଭେ ହେବ । ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ଥିବା ସ୍କୁଲ କିମ୍ବା ଅଙ୍ଗନବାଡୀ କେନ୍ଦ୍ର ରେ ସେଂଟର କରାଯାଇଛି । ଏନେଇ ଲୋକଙ୍କୁ ସଚେତନ କରାଯିବା ସହ ପଛୁଆ ବର୍ଗ ପରିବାରର କୈଣସି ବ୍ୟକ୍ତି ବିଶେଷ ଯାଇ ସେଂଟରରେ ପରିବାର ସମସ୍ତଙ୍କ ତଥ୍ୟ ପ୍ରଦାନ କରିବେ ବୋଲି ବ୍ଲକ ପ୍ରଶାସନ ତରଫରୁ ସୂଚନା ଦିଆଯାଇଛି ।

# ପୌଷ୍ୟ ସନ୍ତାନ ଗ୍ରହଣ ନିୟମାବଳୀ ବିଷୟରେ ତାଲିମ ଶିବିର

ବଲାଙ୍ଗୀର,୧୨।୦୪(ନି.ପ୍ର): ଜିଲ୍ଲା ପଂଚାୟତ ସାଧନ କେନ୍ଦ୍ର ବଲାଙ୍ଗିର ର ସଭାଗୃହ ଠାରେ ଗ୍ରାମ ମଙ୍ଗଳ ପାଠାଗାର ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ପୌଷ୍ୟ ସନ୍ତାନ ଗ୍ରହଣ ସଂସ୍ଥାର ସମସ୍ତ କର୍ମଚାରୀ ତଥା କମିଟିର ସଭ୍ୟମାନଙ୍କର ଏକ ଦିନିଆ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର କର୍ମୀ ଶିବ ପ୍ରସାଦ ସାହୁଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଲକ୍ଷ୍ମୀ ସିଂହ, ସମ୍ମାନିତ ଅତିଥି ଭାବରେ ଶିଶୁ ମଙ୍ଗଳ କମିଟିର ଏସ୍.ଲତାଶ୍ରୀ, ଚୁଡାମଣି ପଣ୍ଡା, ଅରୁଣ କୁମାର ଖୁଆସ, କ୍ଷମାନିଧି ମେହେର, ଭୁବନେଶ୍ୱର ସାମଲ, ଗୋପାଲ ସାମଲ ଯୋଗଦାନ କରିଥିଲେ । ଉକ୍ତ ତାଲିମ କାର୍ଯ୍ୟକ୍ରମରେ ତାଲିମ ଦାତା ଭାବରେ ନନ୍ଦି କିଶୋର ଷାଣ୍ଢ, ସୁଧାଂଶୁ ଶେଖର କୁମ୍ଭାର ଏବଂ ବସୁନ୍ଧରା ସାମଲ ଯୋଗଦାନ କରିଥିଲେ । ସ୍ୱତନ୍ତ୍ର ପୌଷ୍ୟ ସନ୍ତାନ ଗ୍ରହଣ ସଂସ୍ଥାର କର୍ମଚାରୀ ଦେବାଶିଷ ପଟେଲ, ପୁଷ୍ପାଞ୍ଜଳି ସୁନା, ରେଷ୍ମନା କୁମ୍ଭାର, ପଦ୍ମିନି ପଧାନ, ଆହ୍ଲାଦିନି ସେଠ, ପ୍ରମିଳା କୁଅଁର, ଭାଗ୍ୟବତି ସାହୁ, ପଦ୍ମାବତୀ ନାଏକ ଏବଂ ଗନ୍ଧବୀ ବେହେରା ତାଲିମ ଗ୍ରହଣ କରିଥିଲେ । ଠାକୁର ଭୋଇ , ଶୁଭେନ୍ଦୁ ମେହେର ସହଯୋଗ କରିଥିଲେ ଏବଂ ପୁଷ୍ପାଞ୍ଜଳି ସୁନା ଧନ୍ୟବାଦ ଅର୍ପଣ କରିଥିଲେ।

# କଙ୍ଗା ପଂଚାୟତରେ ଯାଦବ ସମ୍ମିଳନୀ

ଜୟପୁର,୧୨।୦୪(ନି.ପ୍ର): କୋରାପୁଟ ଜିଲ୍ଲା ଯାଦବ ମହାସଭାର ଏକ ବୈଠକ ଜୟପୁର ବ୍ଲକ ଅନ୍ତର୍ଗତ କଙ୍ଗା ପଂଚାୟତର କଟିଆଗୁଡା ଠାରେ ସାଧାରଣ ସମ୍ପାଦକ ରାଜେନ୍ଦ୍ର କୁମାର ଗୌଡ଼ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଉପ ସଭାପତି କବିରାଜ ପରମେଶ୍ୱର ପାତ୍ର ଯୋଗ ଦେଇ ଏପ୍ରିଲ ୧୬ ରବିବାରର ଗୌଡ଼ ଅଧିକାର ସମାବେଶରେ ଯୋଗ ଦେବାକୁ ଅନୁରୋଧ ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ । ଦଶହରା ପଡ଼ିଆରେ ହେବାକୁ ରହିଥିବା ଏହି ସମାବେଶ ସ୍ଥଳକୁ ଏକ ପଦଯାତ୍ରାରେ ପାୱାର ହାଉସ ଠାରୁ ବାହାରି ମୁଖ୍ୟରାସ୍ତା ଦେଇ ଟ୍ରାଫିକ ଛକ ପରେ ପରବେଢାରେ ପ୍ରବେଶ ନିଷ୍ପତି ହୋଇଥିଲା । ସମାବେଶକୁ ଆସୁଥିବା ସମସ୍ତ ଗାଡି ଗ୍ଲୋକାଲ ହସ୍ପିଟାଲରେ ପ୍ରଥମେ ପହଂଚିବା ସ୍ଥିର ହୋଇଥିଲା । ସେଠାରେ ସମସ୍ତେ ମିଶି ଶୋଭାଯାତ୍ରାରେ ଚାଲି ଚାଲି ଦଶହରା ପଡ଼ିଆରେ ପହଂଚିବା ନିଷ୍ପତି ନିଆଯାଇଥିଲା । ବାବୁଲା ଗୌଡ଼ଙ୍କ ଆହ୍ୱାନ କ୍ରମେ ଆୟୋଜିତ ଏହି ବୈଠକକୁ ପଦଲମ ଗୌଡ଼ ସଂଯୋଜନା କରିଥିଲେ । ବୈଠକରେ ପଦ୍ମନ ଗୌଡ଼, କୈଳାଶ ଗୌଡ଼, ହରିହର ଗୌଡ଼, ରାମନାଥ ଗୌଡ଼, ଗୁପ୍ତ, ଦୈତାରୀ, ସଦା, ଚନ୍ଦ୍ର, ମୋହନ, ତ୍ରିପତି, ଅର୍ଜୁନ, କମଳ, ହରିଶ୍ଚନ୍ଦ୍ର ଗୌଡ଼ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ରାଜଧାନୀର ପ୍ରତିଷ୍ଠା : ହରେକୃଷ୍ଣ ମହତାବଙ୍କ...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ମହତାବ ସମସ୍ତ ସଭାଜନଙ୍କୁ ଆହ୍ୱାନ ଦେଇ ଭୁବନେଶ୍ୱରରେ ରାଜଧାନୀ ପ୍ରତିଷ୍ଠା କରିବାର ପ୍ରସ୍ତାବ ଦେଲେ। ଆଉ ସମର୍ଥନ କରିବାକୁ ନିବେଦନ କଲେ। ପତିତପାବନଙ୍କ ପାଖରେ ସାକ୍ଷି ରଖି ପୁରା ରାଜଧାନୀବାସୀ ମହତାବଙ୍କ ପଛରେ ଅଛୁ ବୋଲି ନାରା ଦେଇଥିଲେ। ପରେ ଅରୁଆ ଡାଲମା, ଖଟା ଖାଇ ରାଜଧାନୀ ଭୁବନେଶ୍ୱରରେ ପ୍ରତିଷ୍ଠା ହେବାର ମୂଳଦୁଆ ପଡ଼ିଲା। ଆସନ୍ତୁ ନୂଆ ରାଜଧାନୀ ଗଠନରେ ଆମେ ସମସ୍ତେ ସବୁ ଭେଦଭାବ ଭୁଲି ସହାୟତା ଓ ସହଯୋଗର ହାତ ବଢ଼ାଇବା। କଟକର କଳେବରକୁ ଲୋକସଂଖ୍ୟା ନ ସୁହାଇବାରୁ ମହତାବ ନୂଆ ରାଜଧାନୀ ପାଇଁ ଚିନ୍ତା କଲେ। ଜମି ପାଇଁ ଟଙ୍କା ନଦେବାକୁ ପଡ଼ିବ ବୋଲି ଭୁବନେଶ୍ୱରକୁ ହିଁ ତାଲିକାରେ ସବୁଠୁ ଆଗରେ ରଖାଗଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଆମେରିକା ସୈନିକ ଭୁବନେଶ୍ୱରକୁ ଗୁରୁତ୍ୱ ଦେଇଥିବାରୁ ଏଠାରେ ଏୟାର ଷ୍ଟ୍ରିପ୍ ନିର୍ମାଣ ହୋଇସାରିଥିଲା ଓ ଟ୍ରେନ ଚଳାଚଳର ସୁବିଧା ଥିଲା ଯାହାପାଇଁ ପଡ଼ୋଶୀ ରାଜ୍ୟ ପାଇଁ ଯୋଗାଯୋଗର ସୁବିଧା ବଡ଼ ଯୁକ୍ତି ରଖିଥିଲା। ଏହା ବ୍ୟତୀତ ଖୋର୍ଦ୍ଧା ଜିଲ୍ଲା ବୀର ପାଇକଙ୍କ ଗଡ଼ କୁହାଯାଉଥିଲା। ତେଣୁ ସବୁ ଦୃଷ୍ଟିରୁ ଭୁବନେଶ୍ୱର ହିଁ ରାଜଧାନୀ ପ୍ରତିଷ୍ଠା ପାଇଁ ଆଗରେ ରହିଥିଲା। ଏହାଭିତରେ ବଦଳିଛି ଭୂଗୋଳ, ଜଳବାୟୁ ଆଉ ଲୋକଙ୍କ ଜୀବନଶୈଳୀ। ରାଜ୍ୟ ଭିତରୁ ନୁହେଁ ବାହାର ରାଜ୍ୟରୁ ବି ଲୋକେ ଆସି ଏଠି ବସା ବାନ୍ଧିଛନ୍ତି। ସହଜ ସ୍ୱାସ୍ଥ୍ୟସେବା, ଶିକ୍ଷା, ଗମନାଗମନ ବ୍ୟବସ୍ଥାର ସହଜଲଭ୍ୟତା ଆଦି ଲୋକଙ୍କୁ ରାଜଧାନୀ ମୁହାଁ କରିଛି। ରାଜଧାନୀର ପ୍ରତିଷ୍ଠା ଦିବସ ପାଇଁ ସମଗ୍ର ଓଡ଼ିଶାବାସୀଙ୍କ ତରଫରୁ ରାଜଧାନୀ ବାସିନ୍ଦା ମାନଙ୍କୁ ଅଭିନନ୍ଦନ ଓ ଶୁଭକାମନା ଜଣାଉଛି।

ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ

# ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ବେଖାତିର : ୧୪୪ ଧାରା ସତ୍ତ୍ୱେ ବ୍ୟାପକ ଚୋରାବାଲି ଉତ୍ତୋଳନ



ଜଳେଶ୍ୱର, ୧୨/୦୪ (ନି.ପ୍ର): ବାଲେଶ୍ୱର ଜିଲାପାଳଙ୍କ ନିର୍ଦ୍ଦେଶରେ ସୁବର୍ଣ୍ଣରେଖା ନଦୀର ୧୫ଟି ବାଲି ସୈରାତରେ ୧୪୪ ଧାରା ଜାରି ହୋଇଥିବା ସତ୍ତ୍ୱେ ପ୍ରତିଦିନ ବ୍ୟାପକ ଚୋରାବାଲି ଦିବାରାତ୍ର ପରିବହନ ହେଉଛି । ଏହା ସତ୍ତ୍ୱେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ଆଜି କେତେକ ସଚେତନ ବ୍ୟକ୍ତି ଜିଲାପାଳଙ୍କୁ ଫୋନ ଯୋଗ ଅବଗତ କରାଇଛନ୍ତି । ସୁବର୍ଣ୍ଣରେଖା ନଦୀବାଲି ଉତ୍ତୋଳନ ନେଇ ଏନ୍‌ଜିଟିର ଛାଟ ଯୋଗୁଁ ବାଲି ଉତ୍ତୋଳନ ଉପରେ ରୋକ ଲଗାଯାଇଛି । ଖଣି, ପରିବେଶ, ପ୍ରଦୂଷଣ ଓ ଜଂଗଲ ଇତ୍ୟାଦିର ସଦୋପଯୋଗ ଲାଗି ଡିଏସ୍‌ଆର୍ ଗଠିତ ହୋଇଛି । ଏହା ଫଳରେ ଉପରୋକ୍ତ ବିଭାଗରେ ସ୍ୱଚ୍ଛତା ଆସିବା ବ୍ୟବସ୍ଥା ହୋଇଥିବା ବେଳେ ବାସ୍ତବରେ ତାହା ହେଉନାହିଁ । ସମସ୍ତ ନିତି ନିୟମକୁ ଉଲଙ୍ଘନ କରି ବାଲି ମାଫିଆ ରାଜସ୍ୱ ଫାଙ୍କି ଦେଇ କୋଟି କୋଟି ଟଙ୍କା ରୋଜଗାର କରୁଛନ୍ତି । ଏ ସବୁର ଚୋରା ଚାଲାଣ ବନ୍ଦ ଲାଗି ରାଜସ୍ୱ ବିଭାଗ ପକ୍ଷରୁ ଜିଲାପାଳଙ୍କ ନିର୍ଦ୍ଦେଶରେ ନାଲିପୋତାକା ପୋତି ୧୪୪ ଧାରା ଜରି କରିବା ସହିତ ମାଇକ୍‌ରେ ପ୍ରଚାର କରାଯାଇଥିଲା । ଏସବୁ କଟକଣାକୁ ବାଲି ମାଫିଆମାନେ ବେଖାତିର କରି ବିଭିନ୍ନ ସ୍ଥାନକୁ ଚୋରାଚାଲାଣ କରି ମାଲେମାଲ ହେଉଛନ୍ତି । ବେହେରାସାହି, ଗୁଆ ଗଡିଆ ଓ ପ୍ରହରାଜପୁରରୁ ସର୍ବାଧିକ ବାଲି ଚାଲାଣ ହେଉଥିବା ଅଭିଯୋଗ ହୋଇଛି । ସୁବର୍ଣ୍ଣରେଖା ସେତୁ ଦେଇ ବ୍ୟାପକ ବାଲି ପଶ୍ଚିମବଂଗକୁ ମଧ୍ୟ ଚାଲାଣ ହେଉଛି । ବହୁ ସଂଖ୍ୟାରେ ନମ୍ବର ବିହିନ ଟ୍ରାକ୍ଟର ବାଲି ପରିବହନ କରୁଥିବା ଦେଖିବାକୁ ମିଳିଛି । ଚନ୍ଦନେଶ୍ୱର ଚଡକ ମେଳା ଲାଗି ଜିଲା ପ୍ରଶାସନ ଓ ସ୍ଥାନୀୟ ପ୍ରଶାସନ ବ୍ୟସ୍ତ ଥିବା ବେଳେ ବାଲି ମାଫିଆମାନେ ବ୍ୟାପକ ଚୋରାଚାଲାଣ ଚଳାଇ ରଖିଛନ୍ତି । ପ୍ରକାଶଯୋଗ୍ୟ ପ୍ରଶାସନକୁ ଚକମା ଦେବା ଲାଗି ରାସ୍ତାର ବିଭିନ୍ନ ଛକ ଓ ତହସିଲ ସମ୍ମୁଖରେ ଦଲାଲ ମାନେ ଛଦ୍ମବେଶରେ ପଇଁତରାମାରି ବାଲି ଚୋରାଚାଲାଣକାରୀଙ୍କୁ ସୂଚନା ଦେଉଛନ୍ତି । ଫଳରେ କାଁ-ଭାଁ ପ୍ରଶାସନ ଚଢାଉବେଳେ ଖାଲି ହାତରେ ଫେରିବାକୁ ପଡୁଛି । ଏ ସଂପର୍କରେ ଜିଲାପାଳଙ୍କ ମତମତ ଲୋଡିବାରୁ ସେ କହିଲେ ୧୪୪ ଧାରା ଫାଙ୍କି ବାଲି ଚାଲାଣ କରୁଥିବା ମାଫିଆଙ୍କ ଉପରେ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଗ୍ରହଣ କରାଯିବ । ମାର୍ଚ୍ଚମାସରେ ଜିଲା ପ୍ରଶାସନ ବ୍ୟସ୍ତ ରହିବା, ଚନ୍ଦନେଶ୍ୱର ମେଳାଲାଗି ପୁଲିସ୍ ସ୍କ୍ୟୁର୍ଡ ବ୍ୟସ୍ତ ଥିବାର ସୁଯୋଗ ନେଇ ବାଲି ଚୋରି କରୁଥିବା ରାକେଟ ସକ୍ରିୟ ହୋଇଛନ୍ତି କିନ୍ତୁ ଆସନ୍ତା ଦିନରେ କଠୋର ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ



ଭଦ୍ରକ, ୧୨/୦୪ (ନି.ପ୍ର): ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଚରମ୍ପାର ବାର୍ଷିକ ଉତ୍ସବ ମହାସମାରୋହ ପାଳିତ ହୋଇଯାଇଛି । ଉକ୍ତ ଉତ୍ସବରେ ଉଦ୍‌ଘାଟକ ଭଦ୍ରକର ସାଂସଦ ମଞ୍ଜୁଲତା ମଣ୍ଡଳ, ମୁଖ୍ୟ ଅତିଥିଭାବେ ବିଧାୟକ ସଞ୍ଜିବ କୁମାର ମଲ୍ଲିକ, ସମ୍ମାନିତ ଅତିଥିଭାବେ ପଞ୍ଚାୟତ ସମିତି ଅଧକ୍ଷା ଉର୍ମିଳା ନାୟକ, ଜିଲ୍ଲା ପରିଷଦ ସଭ୍ୟା ପୂର୍ଣ୍ଣଶଶୀ ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ଶୁଶ୍ରୀ ବିଦ୍ୟୁତ ଲତା ନାୟକ, ସମାଜସେବୀ ରୋଟାରିଆନ ଶିଶିର ମିଶ୍ର ଏବଂ ଶ୍ରୀଅରବିନ୍ଦ ସବାସମିତିର ପ୍ରତିଷ୍ଠାତା ଶ୍ରୀଯୁକ୍ତ ଧରମ ସିଂ ଯୋଗଦାନ କରି ଶ୍ରୀ ଅରବିନ୍ଦ ଓ ଶ୍ରୀମାଙ୍କ ଆଦର୍ଶକୁ ପାଥେୟ କରି ପ୍ରତିଷ୍ଠା ହୋଇଥିବା ଏହି ଶିକ୍ଷାନୁଷ୍ଠାନର ଗାରିମା ଅତୁଳନୀୟ ବୋଲି କହି ଏହାର ବହୁ ଛାତ୍ରଛାତ୍ରୀ ଏବେ ଦେଶ ବିଦେଶରେ ସୁନାମ ଅର୍ଜନ କରିଥିବାର ସୂଚାଇଥିଲେ । ଅନୁଷ୍ଠାନର ସଭାପତି ଡ. ଗୋଲକ ବିହାରି ସାହୁ ସଭା ପରିଚାଳନା କରିଥିଲେ, ସଂପାଦକ ସୁଶିଲ ପଟ୍ଟନାୟକ ବାର୍ଷିକ ବିବରଣୀ ପାଠକରିଥିଲେ ଓ ଦିଲ୍ଲିପ ଆରଣ ଧନ୍ୟବାଦ ଅର୍ପଣ କରିଥିଲ । ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧକ୍ଷ ମହେନ୍ଦ୍ର ଯତି, ଉର୍ମିଳା ଚୌଧୁରୀ, କେତକୀ ମହାପାତ୍ର, ଲକ୍ଷ୍ମୀନାରାୟଣ ଦାସ, ଗୋପାଳ ପଣ୍ଡା, ପ୍ରଦୀପ କୁମାର ଜେନା, ମନୋରମା ମହାନ୍ତି, କୁଳମଣି ମିଶ୍ର, କଳ୍ପନା ମହାନ୍ତି, ଅଞ୍ଜୁବାଳା ଦାସ, ଅକ୍ଷୟ କେତନ ଦାସ ପ୍ରମୂଖ କାର୍ଯ୍ୟକ୍ରମର ପରିଚାଳନାର ସହଯୋଗ କରିଥିଲେ । ଏହି ଅବସରରେ ବିଧାୟକଙ୍କୁ ଜନ୍ମଦିନର ଶୁଭେଚ୍ଛା ଜ୍ଞାପନ କରାଯାଇଥିବାବେଳେ ସେ ଓ ସାଂସଦ ଶ୍ରୀମତୀ ମଣ୍ଡଳ ଅନୁଷ୍ଠାନକୁ ଆଗାମୀ ଦିନରେ ସହାୟତା ରାଶି ଯୋଗାଇଦେବାର ପ୍ରତିଶ୍ରୁତି ଦେଇଥିଲେ। ଶେଷରେ ପ୍ରଶାନ୍ତ ପଟ୍ଟନାୟକ (ଆଲି) ଙ୍କ ଦ୍ୱାରା ପରିଚାଳିତ ସାଂସ୍କୃତିକ କାର୍ଯ୍ୟକ୍ରମ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା ।

## ବିଜେପିର ସାମାଜିକ ନ୍ୟାୟ ସପ୍ତାହ ପାଳିତ : ମାଗଣା ସ୍ୱାସ୍ଥ୍ୟ ଶିବିର

ଜଳେଶ୍ୱର, ୧୨/୦୪ (ନି.ପ୍ର): ସମଗ୍ର ଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନରେ ସାମାଜିକ ନ୍ୟାୟ ସପ୍ତାହ ପାଳନ ହେଉଥିବା ବେଳେ ଜଳେଶ୍ୱର ବିଜେପି ପକ୍ଷରୁ ସର୍ଦ୍ଦାରବନ୍ଧ ପଂଚାୟତ କାର୍ଯ୍ୟାଳୟରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇ ଯାଇଛି । ମୁଖ୍ୟ ଅତିଥିଭାବେ ସାଂସଦ ପ୍ରତାପ ଷଡଙ୍ଗୀ ଯୋଗ ଦେଇ ପ୍ରତ୍ୟେକେ ମାଗଣା ସ୍ୱାସ୍ଥ୍ୟସେବା ପାଇବା ଉଚିତ୍ ବୋଲି କହିଥିଲେ । ଏଥିରେ ଦାନ୍ତ, ପ୍ରସୂତି, ଚର୍ମ, ଭେଷଜ, ଅସ୍ଥି, ଶଲ୍ୟ ଆୟୁର୍ବେଦୀୟ ଓ ହେମିଓପାଥି ଡାକ୍ତରଙ୍କ ଦ୍ୱାରା ୨୦୦ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଆଦିବାସୀ ଅଧ୍ୟୁସୀତ ରାଇବଣିଆ ଉପାନ୍ତ ସର୍ଦ୍ଦାରବନ୍ଧ ଅଂଚଳରେ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ସଂପୂର୍ଣ୍ଣରୂପେ ଯୋଗାଇ ଦିଆଯାଇ ପାରୁନଥିବାରୁ ବିଜେପିର ପ୍ରୟାସରେ ଏପରି ଏକ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଥିବାର କୁହାଯାଇଛି । ଏଥିରେ ଜିଲା ଉପସଭାପତି ପ୍ରବିର କୁମାର ପ୍ରଧାନ, ସାଂସଦନ ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ, ନଗର ସାଂସଦ ପ୍ରତିନିଧି ଫାଲଗୁନୀ ପାଣିଗ୍ରାହୀ, ତରୁଣ ପଟ୍ଟନାୟକ, ରାଷ୍ଟ୍ରିୟ ପରିଷଦ ସଦସ୍ୟ ସମୀର କୁମାର ପାତ୍ର, ସଦସ୍ୟ ଗଣେଶ ସରେନ୍, ନାଏବ ସରପଂଚ ସୁକୁମାର ହାଁସଦା, ମନୋଜ ପଦାର, ରବିନ୍ଦ୍ର ହେମ୍ବ୍ରମ, ମୁକୁନ୍ଦ ଜେନା, ବିପ୍ଳବ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ ।

# ଝାରସୁଗୁଡା ଉପନିର୍ବାଚନ ପାଇଁ ଆଜି ପ୍ରକାଶ ପାଇବ ବିଜ୍ଞପ୍ତି

ଭୁବନେଶ୍ୱର, ୧୨/୦୪ (ନି.ପ୍ର): ଝାରସୁଗୁଡାରେ ଉପ-ନିର୍ବାଚନ ପାଇଁ ଆସନ୍ତାକାଲି (ଏପ୍ରିଲ ୧୩)ରେ ବିଜ୍ଞପ୍ତି ପ୍ରକାଶ ପାଇବ। ଆସନ୍ତା ମେ' ୧୦ ତାରିଖରେ ଝାରସୁଗୁଡାରେ ଉପ-ନିର୍ବାଚନ ହେବ। ଏନେଇ ଗତ ମାର୍ଚ୍ଚ ୨୯ ତାରିଖରେ ନିର୍ବାଚନ ଆୟୋଗ ଘୋଷଣା କରିଥିଲେ। ପୂର୍ବତନ ମନ୍ତ୍ରୀ ନବ କିଶୋର ଦାସଙ୍କ ମୃତ୍ୟୁ ପରେ ଏହି ଆସନ ଖାଲି ପଡିଛି। ଉପନିର୍ବାଚନ ପାଇଁ ବିଜେଡି ସ୍ୱର୍ଗତ ନବ ଦାସଙ୍କ ଝିଅ ଦୀପାଳି ଦାସଙ୍କୁ ପ୍ରାର୍ଥୀ ଘୋଷଣା କରିଥିବା ବେଳେ କଂଗ୍ରେସ ପ୍ରାର୍ଥୀ ହୋଇଛନ୍ତି ତରୁଣ ପାଣ୍ଡେ। ଅନ୍ୟପକ୍ଷରେ ବିଜେପି ଏପର୍ଯ୍ୟନ୍ତ ପ୍ରାର୍ଥୀ ଘୋଷଣା କରିନାହିଁ। ନିର୍ବାଚନ ଆୟୋଗଙ୍କ ଉପନିର୍ବାଚନ ଘୋଷଣା ଅନୁସାରେ ଅପ୍ରେଲ ୧୩ ତାରିଖ (ଗୁରୁବାର) ଗେଜେଟ୍ ନୋଟିଫିକେସନ୍, ଅପ୍ରେଲ ୨୦ ତାରିଖ (ଗୁରୁବାର) ନାମାଙ୍କନ ପତ୍ର ଦାଖଲର ଶେଷ ତାରିଖ, ଅପ୍ରେଲ ୨୧ ତାରିଖ (ଶୁକ୍ରବାର) ନାମାଙ୍କନ ପତ୍ର ଯାଂଚ, ଅପ୍ରେଲ ୨୪ ତାରିଖ (ସୋମବାର) ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ, ମଇ ୧୦ ତାରିଖ (ବୁଧବାର) ମତଦାନ ଦିବସ, ମଇ ୧୩ ତାରିଖ (ଶନିବାର) ଭୋଟ ଗଣତି ଓ ମଇ ୧୫ ତାରିଖ ଦିନ ସମସ୍ତ ନିର୍ବାଚନ ପ୍ରକ୍ରିୟା ଶେଷ ହେବ। ଝାରସୁଗୁଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ସମୁଦାୟ ଭୋଟରଙ୍କ ସଂଖ୍ୟା ହେଉଛି ୨୨୧୦୭୦ । ସେଥି ମଧ୍ୟରୁ ୧୧୦୩୨୦ ଜଣ ପୁରୁଷ ଓ ୧୧୦୬୮୭ ଜଣ ମହିଳା ଓ ୬୩ ଜଣ ତୃତୀୟ ଲିଙ୍ଗ ଭୋଟର ଅଛନ୍ତି । ୨୫୨୬ ଜଣ ଦିବ୍ୟାଙ୍ଗ ଭୋଟର ଅଛନ୍ତି ଓ ୮୦ ବର୍ଷରୁ ଉର୍ଦ୍ଧ୍ୱର୍ ୪୦୭୪ ଜଣ ବରିଷ୍ଠ ଭୋଟର ଅଛନ୍ତି ।

# ଅଧୀକ୍ଷଣ ଯନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେ ଧାରଣାରୁ ନିବୃତ୍ତ ହେଲେ ପୂର୍ବ ଅବସରପ୍ରାପ୍ତ କର୍ମଚାରୀ

ବାଲେଶ୍ୱର, ୧୨/୦୪ (ନି.ପ୍ର): ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି କାର୍ଯ୍ୟଧାରା ଯୋଗୁଁ ଇପିଏଫ ପେନସନରୁ ବଞ୍ଚିତ ହୋଇ ମଙ୍ଗଳବାରଠାରୁ ପୂର୍ତ୍ତ ବିଭାଗ ସମ୍ମୁଖରେ ଧାରଣା ଦେଇଥିବା ଅବସରପ୍ରାପ୍ତ କର୍ମଚାରୀ ଓ ମୃତ କର୍ମଚାରୀଙ୍କ ପତ୍ନୀ ଅଧୀକ୍ଷଣ ଯନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନରୁ ଓହରିଛନ୍ତି। ଅବସର ଗ୍ରହଣ କରିଥିବା କର୍ମଚାରୀଙ୍କ ଆବଶ୍ୟକୀୟ ରେକର୍ଡ଼ ପତ୍ର ପୂର୍ତ୍ତ ବିଭାଗ-୧ ପକ୍ଷରୁ ଭବିଷ୍ୟନିଧି କାର୍ଯ୍ୟାଳୟକୁ ପଠାଯାଉ ନଥିବା ଯୋଗୁଁ ସେମାନଙ୍କ ପେନସନ ପେପର ପ୍ରସ୍ତୁତ ହୋଇପାରୁ ନଥିଲା। ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀଙ୍କ ଉଦାସୀନତାର ପ୍ରତିବାଦରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଏହି ଧାରଣା ଆରମ୍ଭ ହୋଇଥିଲା। ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଆନ୍ଦୋଳନକୁ ସମର୍ଥନ ଜଣାଇ ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ସିଭିଲ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ଜିଲ୍ଲା ବରିଷ୍ଠ ନାଗରିକ ମଂଚର ସମ୍ପାଦକ ଦାମୋଦର ନାୟକ, ଏଆଇଟିୟୁସିର ଜିଲ୍ଲା ସମ୍ପାଦକ ଶ୍ୟାମସୁନ୍ଦର ଜେନା, ଇପିଏଫ ପେନସନର୍ସ ଆସୋସିଏସନର ଜିଲ୍ଲା ସମ୍ପାଦକ ବିଷ୍ଣୁପ୍ରସାଦ ମହାନ୍ତି, ସମାଜସେବୀ ସୁଦର୍ଶନ ଜେନା ଓ ସୁରେନ୍ଦ୍ର ପଣ୍ଡା ପ୍ରମୁଖ ଗଣ ଧାରଣାରେ ସାମିଲ ହୋଇଥିଲେ। ତେବେ ବୁଧବାର ପୂର୍ତ୍ତ ଡିଭିଜନ-୧ର ଅଧିକ୍ଷଣ ଯନ୍ତ୍ରୀ ଇଂ. ରାମଚନ୍ଦ୍ର ସେଠୀଙ୍କ ସହ ଉପସ୍ଥିତ ଶ୍ରମିକନେତା ଆଲୋଚନା କରିଥିଲେ। ଅବସରପ୍ରାପ୍ତ କର୍ମଚାରୀମାନଙ୍କର ପେନସନ ବାବଦୀୟ ଆବଶ୍ୟକୀୟ ତଥ୍ୟ ଏକମାସ ମଧ୍ୟରେ ଇପିଏଫ୍ କମିଶନରଙ୍କୁ ପ୍ରଦାନ କରିବେ ବୋଲି ଇଂ ଶ୍ରୀ ସେଠୀ ପ୍ରତିଶ୍ରୁତି ଦେବା ପରେ ଅବସରପ୍ରାପ୍ତ କର୍ମଚାରୀମାନେ ଆନ୍ଦୋଳନକୁ ଏକମାସ ପାଇଁ ସ୍ଥଗିତ ରଖିଛନ୍ତି। ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟର ମୁଖ୍ୟ କିରାଣୀ ଓ ଆକାଉଣ୍ଟାଣ୍ଟ ଧାରଣାସ୍ଥଳରେ ପହଞ୍ଚି ଆନ୍ଦୋଳନ ପ୍ରତ୍ୟାହାର ପାଇଁ ନିବେଦନ କରିଥିଲେ।

## ସ୍ୱର୍ଗତ ଗଦାଧର ଗିରିଙ୍କ ୮୬ତମ ଜୟନ୍ତୀରେ ଜ୍ୟୋତି ଯାତ୍ରା

ଜଳେଶ୍ୱର, ୧୨/୦୪ (ନି.ପ୍ର): ଜଳେଶ୍ୱରର ତତ୍‌କାଳୀନ ବିଧାୟକ ସ୍ୱର୍ଗତ ଗଦାଧର ଗିରିଙ୍କ ୮୬ତମ ଜନ୍ମ ଜୟନ୍ତୀରେ ଗଦାଧର ଗିରି ପ୍ରତିମୂର୍ତ୍ତି ସୁରକ୍ଷା କମିଟି ଓ ଗ୍ରାମାଞ୍ଚର ବରିଷ୍ଠ ନାଗରିକ ପରିଷଦର ମିଳିତ ଆନୁକୂଲ୍ୟରେ ଦିବସବ୍ୟାପି ଜ୍ୟୋତି ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଉତ୍ତର ବାଲେଶ୍ୱରର ୧୪ଟି ସ୍ଥାନରେ ସ୍ୱର୍ଗତ ଗିରିଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହୋଇଥିବାରୁ ପ୍ରତ୍ୟେକସ୍ଥାନକୁ ଏହି ଜ୍ୟୋତି ଯାଇଥିଲା । ପ୍ରଥମେ ଶାଳିକୋଠା ରାଣି ପୋଖରୀ ହୁଡାରେ ଥିବା ପୂର୍ଣ୍ଣଅବୟବ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ଆୟୋଜିତ ସଭାରେ ବରିଷ୍ଠ ନାଗରିକ ପରିଷଦର ସଂପାଦକ ପ୍ରଫେସର ସୁଧାଂଶୁ ସେଖର ପ୍ରଧାନ ଅଧ୍ୟକ୍ଷତା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡ. ଅଜିତ୍ କୁମାର ମହାନ୍ତି, ଗଣେଶ ପରିଡା, ଶଶିକାନ୍ତ ପ୍ରଧାନ, ସୁକାନ୍ତି ବେଜ, ସ୍ୱର୍ଗତ ଗିରିଙ୍କ ସହଧର୍ମିଣୀ ଲବଙ୍ଗଲତା ଗିରି, ଜଳଧର ଭଂଜ, କିଶୋରି ପାତ୍ର, ତପନ ଦେ, କାହ୍ନୁଚରଣ ପାତ୍ର, ଗୌରାଙ୍ଗ ରାଉତ, ବିଜୟ ନନ୍ଦୀ, ସ୍ୱର୍ଗତ ଗିରିଙ୍କ ପୁଅ ପ୍ରଦୀପ ଗିରି ବକ୍ତବ୍ୟ ରଖିଥିଲେ । ସେହିପରି ଛମୌଜ, ଡାଙ୍ଗର ପଦା, ସୁବର୍ଣ୍ଣରେଖା ମହାବିଦ୍ୟାଳୟ, ବିଷ୍ଣୁପୁର, କାଳିପଦା, ଦେ ଭୋଗ, ନିଖିରା, ରେମୁ, ସୁନାରୋଇ, ପଂଚୁପାଲି, ଡଗରା, କାଳୀକ ଓ ଶେଷରେ ଜଳେଶ୍ୱର ମହିଳା ମହାବିଦ୍ୟାଳୟରେ ଥିବା ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

### ପ୍ରଶଂସା ଆଳରେ ରାଜସ୍ଥାନ....

ପ୍ରଧାନମନ୍ତ୍ରୀ । ଗେହଲଟଙ୍କୁ ପ୍ରଶଂସା କଲେ ଓ ନିଜ ବନ୍ଧୁ ବୋଲି କହିଥିଲେ । ପରେ ତେରଛା ବାଣ ମାରି ମୋଦି କହିଥିଲେ ରାଜନୈତିକ ସଙ୍କଟ ସତ୍ତ୍ୱେ କାର୍ଯ୍ୟକ୍ରମରେ ଯୋଗ ଦେଇଥିବାରୁ ଧନ୍ୟବାଦ । ସବୁ ବିବାଦ ଭିତରେ ବିକାଶମୂଳକ କାର୍ଯ୍ୟପାଇଁ ସମୟ ବାହାର କରିଛନ୍ତି । ସେପଟେ ରେଳବାଇ ମନ୍ତ୍ରୀ ଓ ବୋର୍ଡ ଅଧକ୍ଷ ଉଭୟ ରାଜସ୍ଥାନ । ତେଣୁ ଆପଣଙ୍କ ଦୁଇ ହାତରେ ଲଡ୍ଡୁ ରହିଥିବା କହି କଟାକ୍ଷ କରିଥିଲେ ପ୍ରଧାନମନ୍ତ୍ରୀ ।

# ଆଜିଠାରୁ ତିନିଦିନିଆ ରାଜଧାନୀ ପ୍ରତିଷ୍ଠା ଉତ୍ସବ

ଭୁବନେଶ୍ୱର, ୧୨/୦୪ (ନି.ପ୍ର): ୭୫ତମ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଆସନ୍ତାକାଲି (ଗୁରୁବାର) ଠାରୁ ୩ ଦିନିଆ ଉତ୍ସବ ପାଳନ କରାଯିବ। ତିନି ଦିନ ଧରି ଆୟୋଜିତ ଏହି ଉତ୍ସବର ପ୍ରଥମ ଦିନ ଅର୍ଥାତ୍ ଗୁରୁବାର ସକାଳେ ବିଧାନସଭା ସୌଧ ସମ୍ମୁଖରେ ଥିବା ରାଜଧାନୀ ପ୍ରତିଷ୍ଠା ଫଳକରେ ପୁଷ୍ପଗୁଚ୍ଛ ଅର୍ପଣ କରାଯିବ। ଏହି କାର୍ଯ୍ୟକ୍ରମରେ ବିଧାନସଭା ବାଚସ୍ପତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ବିଶିଷ୍ଟ ବ୍ୟକ୍ତିଙ୍କୁ ରାଜଧାନୀ ଗୌରବ ସମ୍ମାନ ପ୍ରଦାନ, ବିଦ୍ୟାଳୟର ଛାତ୍ର-ଛାତ୍ରୀମାନଙ୍କ ଦ୍ୱାରା ପ୍ୟାରେଡ ପରିବେଷଣ, ଉତ୍ସବ ଅବସରରେ ଏକ କଫିଟେବୁଲ ପୁସ୍ତକ ପ୍ରକାଶିତ ହେବ। ସେହିପରି ଅପ୍ରେଲ ୧୩ ରୁ ୧୫ ତାରିଖ ପର୍ଯ୍ୟନ୍ତ ଉତ୍କଳ ମଣ୍ଡପ ଠାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବି.ଏମ୍.ସିର ପ୍ରତ୍ୟେକ ୱାର୍ଡ଼ସ୍ତରରେ ମଧ୍ୟ ଉତ୍ସବ ପାଳନ କରାଯିବ । ୱାର୍ଡ ସଫେଇ ଠାରୁ ଆରମ୍ଭ କରି ନୃତ୍ୟ, ସଙ୍ଗୀତ, ରଙ୍ଗୋଲୀ, ଚିତ୍ରାଙ୍କନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ବିଭିନ୍ନ ୱାର୍ଡରେ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ବ୍ୟକ୍ତି ବିଶେଷଙ୍କୁ ପୁରସ୍କୃତ କରାଯିବ । ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଶିଳାନ୍ୟାସ ଓ ଉଦ୍ଘାଟନ କରାଯିବ । କେଶରୀ ଟକିଜ୍, ଏଜି ଛକ ଏବଂ ମାଷ୍ଟରକ୍ୟାଂଟିନ୍ ଛକରେ ୩ଟି ସୁଦୃଶ୍ୟ ସ୍ୱାଗତ ତୋରଣ ଲଗାଯିବ। ଉତ୍ସବ ସ୍ଥଳରେ ଅତିଥି ମାନଙ୍କର ବସିବା ପାଇଁ ବ୍ୟାପକ ବ୍ୟବସ୍ଥା, ଗାଲିଚା ବିଛେଇ ଓ ବ୍ୟାରିକେଡିଂ ବ୍ୟବସ୍ଥା, ଉତ୍ସବସ୍ଥଳ ସମେତ ବିଭିନ୍ନ ସରକାରୀ ଓ ବେସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟର କୋଠାବାଡ଼ି ଆଲୋକୀକରଣ, ଭୁବନେଶ୍ୱର ମହାନଗର ନିଗମ କାର୍ଯ୍ୟାଳୟ କୋଠା ଏବଂ ଜୟଦେବ ଭବନ ଠାରେ ଭୁବନେଶ୍ୱରର ଐତିହ୍ୟ, ବର୍ତ୍ତମାନ ଏବଂ ସଫଳତାକୁ ନେଇ ପ୍ରଦର୍ଶନୀ ଆୟୋଜନ, ରକ୍ତଦାନ ଶିବିର, ସମସ୍ତ କାର୍ଯ୍ୟକ୍ରମ ସ୍ଥଳରେ ଅଗ୍ନିଶମ ସେବା ଓ, ଆମ୍ବୁଲାନ୍ସ ସେବା ବ୍ୟବସ୍ଥା, ଉତ୍ସବ ଏବଂ ପରେଡ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ର-ଛାତ୍ରୀଙ୍କ ନିମନ୍ତେ ଯାତାୟତ ପାଇଁ ବସ୍, ଟ୍ରାଫିକ୍ ନିୟନ୍ତ୍ରଣ, ପାନୀୟଜଳ, ସହରରେ ଥିବା ପ୍ରମୁଖ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯିବ।

# ମେରାଇନ୍ ଡ୍ରାଇଭ୍‌ରେ ବେଦାନ୍ତର ଜମି ଅଧିଗ୍ରହଣ ବେଆଇନ୍ : ସୁପ୍ରିମକୋର୍ଟ

ଭୁବନେଶ୍ୱର, ୧୨/୦୪ (ନି.ପ୍ର): ପୁରୀ-କୋଣାର୍କ ମେରାଇନ୍ ଡ୍ରାଇଭ୍‌ର ବେଲଦଳ ଅଂଚଳରେ ପ୍ରସ୍ତାବିତ ବେଦାନ୍ତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ମାମଲାରେ ଓଡ଼ିଶା ହାଇକୋର୍ଟଙ୍କ ରାୟକୁ କାଏମ ରଖିଛନ୍ତି ସୁପ୍ରିମକୋର୍ଟ। ବେଦାନ୍ତର ୧୦ ହଜାର ଏକର ଜମି ଅଧିଗ୍ରହଣକୁ ବେଆଇନ କହିଲେ ସୁପ୍ରିମକୋର୍ଟ। ଏଥିସହ ବେଦାନ୍ତକୁ ୫ ଲକ୍ଷ ଟଙ୍କା ଜରିମାନା କରାଯିବା ସହ ରାଜ୍ୟ ସରକାରଙ୍କୁ ଭର୍ତ୍ସନା କରିଛନ୍ତି କୋର୍ଟ। ସରକାରଙ୍କ ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ସୁପ୍ରିମକୋର୍ଟର ଜଷ୍ଟିସ ଏମଆର ଶାହା ଏବଂ ଜଷ୍ଟିସ କେ ମୁରାରୀଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରି ଏହି ରାୟ ପ୍ରକାଶ କରିଛନ୍ତି। ଏନେଇ ଜମିହରା ଚାଷୀଙ୍କ ପକ୍ଷରୁ ଲଢୁଥିବା ଓକିଲ ଆଦିତ୍ୟ ଦାସ ସୂଚନା ଦେଇଛନ୍ତି। ସରକାରଙ୍କ ଜମି ଅଧିଗ୍ରହଣକୁ ୨୦୧୦ ନଭେମ୍ବର ୧୬ରେ ବେଆଇନ କହିଥିଲେ ହାଇକୋର୍ଟ। ଏଥିସହ ଚାଷୀଙ୍କ ଜମି ଫେରାଇବାକୁ କହିଥିଲେ। ଏହି ରାୟକୁ ଚାଲେଂଜ କରି ସୁପ୍ରିମକୋର୍ଟ ଯାଇଥିଲେ ଅନୀଲ ଅଗ୍ରୱାଲ ଫାଉଣ୍ଡେସନ ଓ ରାଜ୍ୟ ସରକାର।

# ବିଦ୍ୟାଳୟ ଯିବା ପାଇଁ ଅପେକ୍ଷା କରିଛନ୍ତି ଭାନୁମତୀ, ବିନ୍ଦୁ ଓ ଅଜିତ



ଉଦଳା, ୧୨/୦୪ (ନି.ପ୍ର): କପ୍ତିପଦା ବ୍ଲକର କୋଳିଅଳମ ପଂଚାୟତ ଅନ୍ତର୍ଗତ କଲୋନିସାହିର ଭାନୁମତୀ, ବିନ୍ଦୁ ଓ ଅଜିତ ବିଦ୍ୟାଳୟକୁ ଯିବା ପାଇଁ ଅପେକ୍ଷା କରିବସିଛନ୍ତି । ଅଭିବାବହକ ମାନଙ୍କର କହିବାନୁସାରେ ଆଧାରକାର୍ଡ଼ ନଥିବା ଯୋଗୁଁ ଏହି ପିଲାମାନଙ୍କୁ ବିଦ୍ୟାଳୟରେ ଆଡ଼ମିସନ ନନେଇ ଫେରାଇ ଦିଆଯାଇଥିଲା । ଏହି ୩ ଜଣ ଯାକ ପିଲା ଅଙ୍ଗନୱାଡ଼ି ପାସ ପରେ ଆଉ ବିଦ୍ୟାଳୟରେ ନାମ ଲେଖାଇ ନାହାଁନ୍ତି । ଉମାକାନ୍ତ ନାୟକଙ୍କ କନ୍ୟା ଭାନୁମତୀ ଙ୍କୁ ବର୍ତମାନ ବୟସ ୮ ବର୍ଷ ହୋଇଥିବା ବେଳେ, ସୁରେନ୍ଦ୍ର ସିଂଙ୍କ କନ୍ୟା ବିନ୍ଦୁ ଓ ଅରବିନ୍ଦ ସିଂଙ୍କ ପୁତ୍ର ଅଜିତଙ୍କୁ ବର୍ତମାନ ବୟସ ୭ ବର୍ଷ ଛୁଇଁଲା । ପ୍ରଥମରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତା ମୂଳକ ଶିକ୍ଷା ସରକାର ଘୋଷଣା କରିଛନ୍ତି । ତେଣୁ ଏହି ସବୁ ପିଲା ମାନଙ୍କୁ ନାମ ଲେଖାଇବା ପାଇଁ ବିଦ୍ୟାଳୟ ପକ୍ଷରୁ ଡ଼ାକରା ଆସିବ ବୋଲି ଅନୁମାନ କରାଯାଉଛି । ସେଥିପାଇଁ ଉଭୟ ଅବିଭାବହକ ଓ ଛାତ୍ର ଛାତ୍ରୀ ଅପେକ୍ଷା କରି ବସିଛନ୍ତି ।

# ଭଦ୍ରକ ଜିଲ୍ଲା ପଞ୍ଚାୟତ ସମ୍ବଳ କେନ୍ଦ୍ର ଉଦ୍‌ଘାଟିତ

ଭଦ୍ରକ, ୧୨/୦୪ (ନି.ପ୍ର): ଭଦ୍ରକ୍ ଜିଲ୍ଲା ପରିଷଦ ଆନୁକୂଲ୍ୟରେ ଋନ୍ଦବାଲି ବାଇପାସ୍ ରାସ୍ତା ପାର୍ଶ୍ୱରେ ନବ ନିର୍ମିତ ଭଦ୍ରକ ଜିଲ୍ଲା ପଞ୍ଚାୟତ ସମ୍ବଳ କେନ୍ଦ୍ର ଆଜି ଉଦ୍‌ଘାଟିତ ହେଇଯାଇଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲ୍ଲା ଯୋଜନା ବୋର୍ଡ଼ର ଅଧକ୍ଷ ତଥା ଋନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ଭଦ୍ରକ ଲୋକ ସଭା ସାଂସଦ ମଞ୍ଜୁଲତା ମଣ୍ଡଳ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ କୁମାର ସାମଲ, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଧାମନଗର ବିଧାୟକ ସୂରଜ ସୂର୍ଯ୍ୟବଂଶୀ, ଭଦ୍ରକ ଜିଲ୍ଲା ପରିଷଦର ଅଧକ୍ଷ ପ୍ରଫୁଲ୍ଲ କୁମାର ଜେନା, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରତାପ ପ୍ରୀତୀମୟ, ପୂର୍ବତନ ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଭଦ୍ରକ ବି.ଡ଼ି.ଓ ସୀତାକାନ୍ତ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ସୂଚନା ଯୋଗ୍ୟ କି ପ୍ରତି ଜିଲ୍ଲାରେ ନିର୍ମିତ ହେଉଥିବା ଏହି ସମ୍ବଳ କେନ୍ଦ୍ର ବିଭିନ୍ନ ସମୟରେ ଜନ ପ୍ରତିନିଧି ମାନଙ୍କ ପାଇଁ ଅନୁଷ୍ଠିତ ହେଉଥିବା ତାଲିମ୍ ପ୍ରଦାନ ଏବଂ ବିଭିନ୍ନ ବୈଠକ କାର୍ଯ୍ୟକ୍ରମ ପାଇଁ ବ୍ୟବହୃତ ହେବ।


OFFICE OF THE EXECUTIVE ENGINEER
BALASORE (ROADS & BUILDINGS ) DIVISION-II
AT/PO- BHASKARGANJ , BALASORE

CONTACT NO :- 06782-263149
E Mail ID :- eepwdbls2@gmail.com

SHORT TENDER CALL NOTICE

BID INVITATION NO. EE (R and B) BLS-II- 02/ 2023-24

No. 3953 dt. 03-04-23

| | | | |
|---|---|---|---|
| 1 | The Executive Engineer , Balasore (R & B) Division-II , Balasore on behalf of the Governor of Odisha invites Percentage rate bids to be received in **ONLINE MODE** only for Roads & Buildings works . | | |
| 2 | No. of Work | : | 14 Nos. |
| 3 | Nature of work : | : | Building & road work s of Balasore (R&B) Division-II |
| 4 | Class of Contractor : | : | **"D" ,"C" & "B" Class of Contractor** |
| 5 | Approx. value of work | : | Rs.6.42 Lakhs to 44.27 Lakhs |
| 6 | Tender Cost. : . | : | Rs.4000.00 & Rs.6000.00 per work |
| 7 | Availability of Bid Documents in the website : | : | From 10.00 Hours of dt. 13.04.2023 to 16:00 hours of dt 21.04.2023 |
| 8 | Date of Opening of Bid : | : | Dt. 21.04.2023 at 16.30 Hours. |
| 9 | Other details can be seen in the Bidding documents from the website : https://tendersorissa.gov.in. | | |

OIPR : 34155/11/0003/2324

Executive Engineer,
Balasore (R&B) Division-II

ଗୁରୁବାର, ଏପ୍ରିଲ ୧୩, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ପ୍ରଧାନ ଶିକ୍ଷକ ମୁରଲୀ ନାୟକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବାଲେଶ୍ୱର, ୧୨/୦୪ (ନି.ପ୍ର): ଗୁଡୁପାହି ହରପ୍ରସାଦ ୟୁପି ସ୍କୁଲର ପ୍ରଧାନ ଶିକ୍ଷକ ତଥା ରାଜ୍ୟ ଏଲିମେଣ୍ଟାରୀ ବିଇଡି ସଂଘର ମହାସଚିବ ମୁରଲୀଧର ନାୟକଙ୍କୁ ମଙ୍ଗଳବାର ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଦ୍ୟାଳୟ ପରିସରରେ ତପନ କୁମାର ବର୍ମନଙ୍କ ସଭାପତିତ୍ୱରେ ତଥା ସିଆରସିସି ତ୍ରିଲୋଚନ ପରିଡ଼ାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ କବି ପ୍ରଶାନ୍ତ ଦାସ, ରାଜ୍ୟ ସଂଘର ସଭାପତି ଲକ୍ଷ୍ମଣ କୁମାର ମହାନ୍ତି, ଗୁଡୁ ପଞ୍ଚାୟତର ପୂର୍ବତନ ସରପଞ୍ଚ ଭୋଳାନାଥ ପାତ୍ର, ସମାଜ ବାଲେଶ୍ୱର ଡେସ୍କ ଇନଚାର୍ଜ ଶଶୀରଂଜନ ମଲିକ, ବିଇଡି ସଂଘ ରାଜ୍ୟ ସମ୍ପାଦକ ସନ୍ତୋଷ କୁମାର ମିଶ୍ର, ବଳରାମ ପତି, ସତ୍ୟବ୍ରତ ରାଉତ, ରଣଜିତ ମହନ୍ତ, ଅବସରପ୍ରାପ୍ତ ଏବିଇଓ ବିକର୍ତ୍ତନ ନାୟକ, ସୁନୀଲ କୁମାର ମଣ୍ଡଳ, ସହ-ସମ୍ପାଦିକା ସତ୍ୟଭାମା ମୁଦୁଲି, ସଦର ବ୍ଲକ ଏବିଇଓ ରାମଚନ୍ଦ୍ର ବେହେରା, ଗୁଡୁ ପଞ୍ଚାୟତ ନାଏବ ସରପଞ୍ଚ ଗୁରୁପଦ ବର୍ମନ, ଗୁଡୁପାହି ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ଦେ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷକତା ଓ ଶିକ୍ଷକ ନେତା ଭାବେ ପ୍ରଧାନ ଶିକ୍ଷକ ଶ୍ରୀ ନାୟକଙ୍କ କାର୍ଯ୍ୟଧାରା ସମ୍ପର୍କରେ ଆଲୋକପାତ କରିଥିଲେ। ଜଣେ ଆଦର୍ଶ ଶିକ୍ଷକ ଭାବେ ଶିକ୍ଷାଦାନଠାରୁ ଆରମ୍ଭ କରି ବିଦ୍ୟାଳୟର ଉନ୍ନତି ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମସ୍ୟା ସମାଧାନରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇ ଆସୁଥିଲେ। ଏହି ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ, ଛାତ୍ରଛାତ୍ରୀ ତାଙ୍କୁ ସବୁଦିନ ମନେ ରଖିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଜିଲା ସଂଘର କୈଳାସ ଚନ୍ଦ୍ର ସାହୁ, ବିଶ୍ୱନାଥ ରଣା, ଅମର କୁମାର ପଣ୍ଡା, ଅରୁଣ କୁମାର ପାତ୍ର, ବିଷ୍ଣୁ ଚରଣ ମଲିକ, ସମାଜସେବୀ ରାଜଶେ ଗିରି, ମନ୍ମଥ ମିଶ୍ର, ପ୍ରେମାନନ୍ଦ ପିରି, ମାନସ ରଂଜନ ନାୟକ, ଆରତୀ କର, ହରିହର ଜେନା, ମୀନତି ମଲିକ, ବିଦ୍ୟାଳୟ ଏସଏମସି ସଭାପତି ବୀରେଶ କୁମାର ବର୍ମନ, ଦୀପକ କୁମାର ମାନ୍ନା, ନିର୍ମଳ କୁମାର ଘଡ଼େଇ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ।ଏହି ଅବସରରେ ଅଭିଭାବକ, ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଶିକ୍ଷକ ସଂଘର କାର୍ଯ୍ୟକର୍ତ୍ତାମାନେ ଶ୍ରୀ ନାୟକଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ।

# ଅଷ୍ଟମ ବୈଶାଖୀ ମହୋତ୍ସବ ଉଦ୍‌ଘାଟିତ



ବାଲେଶ୍ୱର, ୧୨/୦୪ (ନି.ପ୍ର): ଈଶାଣୀ ଲବଣ ସତ୍ୟାଗ୍ରହ ସ୍ମାରକୀ ଷ୍ଟାଡିୟମ୍‌ରେ ବୈଶାଖୀ ମହୋତ୍ସବର ଅଷ୍ଟମ ସଂସ୍କରଣକୁ ଜିଲାପାଳ ଦତାତ୍ରୟ ଭାଓସାହେବ ଶିନ୍ଦେ ଉଦଘାଟନ କରିଥିଲେ। ଉତ୍ସବ କମିଟି ସଭାପତି ଆଇନଜୀବୀ ଅଶୋକ କୁମାର ସେନାପତିଙ୍କ ଅଧ୍ୟକ୍ଷତାରେ ତଥା କାର୍ଯ୍ୟକାରୀ ସଭାପତି କବି ଶ୍ରୀଦେବଙ୍କ ସଂଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ କବି ପ୍ରଶାନ୍ତ ଦାସ ଯୋଗଦେଇ ଏଭଳି ମହୋତ୍ସବ ଗ୍ରାମାଞ୍ଚଳ ଲୋକମାନଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି କରିପାରିବ ବୋଲି ମତବ୍ୟକ୍ତ କରିଥିଲେ। ଉଦଘାଟନ ସଂଧ୍ୟାରେ ସାଧାରଣ ସଂପାଦକ ଭାଗବତ ସାହୁ ବିବରଣୀ ପାଠ କରିଥିବା ବେଳେ ଉପ-ସଭାପତି ସନାତନ ବେହେରା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଓଡ଼ିଶା ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପୁରୀର ଗୋଟିପୁଅ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ସେହିଭଳି ବୈଶାଖୀ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବ 'ରେବତୀ'ର ସଂପାଦିକା ସମାଜସେବୀ ସୁବାସିନୀ ଜେନା ଯୋଗଦେଇ ବ୍ୟାସକବି ଫକୀରମୋହନଙ୍କ ଜନ୍ମମାଟିରେ ହିଁ କେବଳ ସଂହତିର ସ୍ୱପ୍ନ ଦେଖି ଗ୍ରାମାଞ୍ଚଳରେ ମୈତ୍ରୀ ସୃଷ୍ଟି କରାଯାଇପାରେ ବୋଲି ମତ ପ୍ରକାଶ କରିଥିଲେ। ଏହି ଦ୍ୱିତୀୟ ସନ୍ଧ୍ୟାର ନାରୀମାନଙ୍କୁ ଉତ୍ସର୍ଗିତ ମଂଚକୁ ବୈଶାଖୀ ମହୋତ୍ସବର ଉପ-ସଭାନେତ୍ରୀ ସାରିକା କର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ଭାବେ ପୌରାଧ୍ୟକ୍ଷା ସବିତା ସାହୁ ଯୋଗଦେଇ କଳା ସଂସ୍କୃତି ଉଜ୍ଜୀତ ରଖିବାରେ ଉତ୍ସବ କମିଟି ଦୀର୍ଘ ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ। ସଦର ବ୍ଲକ ଅଧ୍ୟକ୍ଷା ସୁନୀତା ବେହେରା, ଜିଲା ପରିଷଦ ସଦସ୍ୟା ସୋନାଲି ବିଶ୍ୱାଳ, ବୈଦ୍ୟୁତିକ ଗଣମାଧ୍ୟମ ସାମ୍ବାଦିକା ସୁମନା ପରିଡ଼ା ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ସଦସ୍ୟା ମମତା ଦାସ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବଣମଲ୍ଲିଙ୍କୁ ଦୁନିଆ ଆଗରେ ପରିଚୟ ସୃଷ୍ଟି ଦେବାରେ ଆମ୍ବଗଡିଆ ବିକାଶ ପରିଷଦର ମୂଳଲକ୍ଷ୍ୟ




ବସ୍ତା, ୧୨/୦୪ (ନି.ପ୍ର): ସଦରବ୍ଲକ ମହକୁମା ହଳଦୀପଦା ରାଇସୁଆ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ପ୍ରଧାନ ଗୁରୁଜୀ ରତିକାନ୍ତ ଚୌଧୁରୀ ଙ୍କ ତତ୍ତ୍ୱାବଧାନରେ ବୁଧବାର ଆମ୍ବଗାଡ଼ିଆ ଭଗବାନପୁର ବିକାଶ ପରିଷଦ ପକ୍ଷରୁ ନୃତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଏହି ଉତ୍ସବ ରେ ବିକାଶ ପରିଷଦ ର ସଭାପତି ଶ୍ରୀ ଯୁକ୍ତ ଅନ୍ତର୍ଯ୍ୟାମୀ ମହାପାତ୍ର ଙ୍କ ସଭାପତିତ୍ୱ ରେ ମୁଖ୍ୟଅତିଥି ପିଞ୍ଛା ବଣିଆ ବୈଦିକ ଗୁରୁକୁଳ ଆଶ୍ରମ ର ସଂଚାଳକ - ଆଚାର୍ଯ୍ୟ ବିଜୟ ଜୀ, ମୁଖ୍ୟବକ୍ତା ଓଡ଼ିଆ ଜାଗରଣ ଯାତ୍ରା ଓଡ଼ିଶା ର ଆବାହକ - ଦେବେନ୍ଦ୍ର ଆଚାର୍ଯ୍ୟ , ସମ୍ମାନିତ ଅଭିନେତା ପୁନ ଦାଦା , ଅନ୍ୟତମ ଅତିଥି ଗଛ ମଣିଷ - ରବୀନ୍ଦ୍ର ବେହେରା ଓ ଚୈତନ୍ୟ ସାହୁ ,ବିବେକାନନ୍ଦ ଶିକ୍ଷା କେନ୍ଦ୍ର ର ସଭାପତି ଶ୍ରୀଯୁକ୍ତ ଶୀତିକଣ୍ଠ ସାହୁ ଓ ସମ୍ପାଦକ ଶ୍ରୀ ଯୁକ୍ତ କ୍ଷୀତିଶ କୁମାର ଜେନା ଯୋଗଦେଇଥିଲେ ଏହି କାର୍ଯ୍ୟକ୍ରମ ରେ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ର ବହୁ ପ୍ରତିଭା ଧାରୀ , ଆକର୍ଷଣୀୟ ଉଚ୍ଚକୋଟୀର ନୃତ୍ୟଶିଳ୍ପୀ ଛାତ୍ରୀ ସୁଶ୍ରୀ ଅର୍ଚ୍ଚିତା ସାହୁ ଙ୍କୁ ପୁଷ୍ପଗୋଛ ମାନପତ୍ର ଉପଢୌକନ ଦିଆଯାଇଥିଲା ।ପ୍ରକାଶଥାଉକି ହରିଶ୍ଚନ୍ଦ୍ର ପ୍ରଧାନ ଓ ମାତା ମାଧୁରୀ ପ୍ରଧାନ ଙ୍କ ପୁତ୍ରୀ ସୁଶ୍ରୀ ଅର୍ଚ୍ଚିତା ପ୍ରଧାନ ଦୂରଦର୍ଶନ ଡ଼୍ୟାନ୍ସ ଡ଼୍ୟାନ୍ସରେ ପ୍ରଥମସ୍ଥାନ ଅଧିକାରକରି ଅଞ୍ଚଳପାଇଁ ସୁନାମ ଅର୍ଜନକରିଛନ୍ତି ତାଙ୍କ ସଫଳତା ପାଇଁ ବିଭିନ୍ନ ସ୍ଥାନରୁ ଶୁଭେଚ୍ଛାର ସୁଅ ଛୁଟିଛି । ଉତ୍ସବ ପ୍ରାରମ୍ଭ ରେ ଶିକ୍ଷାକେନ୍ଦ୍ର ପରିସରରେ ବୃକ୍ଷ ରୋପଣ କରିଥିଲେ। କାର୍ଯ୍ୟକ୍ରମ ମୃତୁଞ୍ଜୟ ମଲ୍ଲିକ . ସବିତା ମଲ୍ଲିକ ସମେତ ଶିକ୍ଷାକେନ୍ଦ୍ର ର ଅନ୍ୟାନ୍ୟ ଶିକ୍ଷକ ଓ କର୍ମଚାରୀ ସହିତ ବିକାଶ ପରିଷଦ ର ସମ୍ପାଦକ କୁଳ ମହାନ୍ତ କାର୍ଯ୍ୟକ୍ରମ ରେ ସହାୟତା କରିଥିଲେ । ଶିକ୍ଷା କେନ୍ଦ୍ର ର ସହ ଶିକ୍ଷକ ସତ୍ୟବାନ୍ ଗିରି ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲାମାନଙ୍କୁ ପ୍ରସ୍ତୁତ ରହିବା ପାଇଁ ଦିଆଯାଇଛି ନିର୍ଦ୍ଦେଶ : ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୧୨/୦୪ (ନି.ପ୍ର): ରାଜ୍ୟରେ ପ୍ରଚଣ୍ଡ ଖରା ଓ ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ଜିଲ୍ଲା ମାନଙ୍କୁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର ଶ୍ରୀ ମିଶ୍ର ସାମ୍ବାଦିକ ମାନଙ୍କ ସହ ଆଲୋଚନା ବେଳେ କହିଛନ୍ତି ଯେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲାମାନଙ୍କୁ ପ୍ରସ୍ତୁତ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଡାକ୍ତରଖାନାରେ କୁଲର, ଏସି ପ୍ରସ୍ତୁତ ରଖିବା ପାଇଁ ନିର୍ଦ୍ଦେଶ ଦିଆ ଯାଇଥିବା ବେଳେ ଜରୁରୀକାଳୀନ ଔଷଧ ସହ ଆବଶ୍ୟକ ସ୍ଥଳେ ଆମ୍ବୁଲାନ୍ସ ପ୍ରସ୍ତୁତ ରଖିବାକୁ ବି କୁହାଯାଇଛି। ପ୍ରତି ଜିଲ୍ଲାରେ କଲ୍ ସେଣ୍ଟରରୁ ତଥ୍ୟ ସଂଗ୍ରହ କରାଯାଉଛି। ପ୍ରତି ଜିଲ୍ଲାରେ ଜିଲ୍ଲାପାଳଙ୍କ ସହାୟତାରେ ଲୋକଙ୍କୁ ସଚେତନ କରାଯିବ। ବର୍ତ୍ତମାନ କେହି ବି ଅଂଶୁଘାତର ଶିକାର ହୋଇନାହାନ୍ତି। ଆଗାମୀ ଚାରି ଦିନ ପ୍ରବଳ ଗୀଷ୍ମ ପ୍ରବାହ ରହିବ। ଏଥିପାଇଁ ଆମକୁ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି । କରୋନାକୁ ନେଇ ସେ ଆତଙ୍କିତ ନ ହେବାକୁ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି ଯେ କରୋନାର ୪ର୍ଥ ଲହରରେ ପିକ୍ ହୋଇନଥିଲା।

## ନହଞ୍ଜିରା ଠାରେ ପ୍ରତିଷ୍ଠା ହେବ ନାବରା ସେବା ସମବାୟ ସମିତି



ବସ୍ତା, ୧୨/୦୪ (ନି.ପ୍ର): ବସ୍ତା ବ୍ଲକ ନାବରା ପଞ୍ଚାୟତର ନହଞ୍ଜିରା ଠାରେ ପ୍ରତିଷ୍ଠା ହେବ ନାବରା ସେବା ସମବାୟ ସମିତି । ଏହି ଅବସରରେ ନାବରା ପଞ୍ଚାୟତ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ନାବରା ସେବା ସମବାୟ ସମିତି ଗଠନ ପାଇଁ ଗତ ମାର୍ଚ୍ଚ ମାସରେ ଏ ଆର ସି ଏସ ଙ୍କ ନିକଟରେ ପଞ୍ଚୟତ ର ସରପଞ୍ଚ ନିବେଦନ କରିଥିଲେ । ଏହି ଆବେଦନକୁ ଭିତ୍ତି କରି ଏଆରସିଏସ ନୂତନ ସମବାୟ ସମିତି ଗଠନ ପାଇଁ ଅନୁମତି ପ୍ରଦାନ କରିଥିଲେ । ତାହାରି ରେଜିଷ୍ଟ୍ରେସନ ନଂ ୧୭ /ବାଲେଶ୍ୱର/୨୦୨୩ ନିୟମ ଅନୁଯାୟୀ ଅନୁମୋଦନ କରିଛନ୍ତି। ଏଥିରେ ନାବରା ପଞ୍ଚୟତ ର ୧୩ ଟି ଗାଁ ନାବରା, ନହଞ୍ଜିରା, ମଠକୁଙ୍କୁଡି, ସିତାଡିହା, ବେଲୁହା, ରସୁଲପୁର, ପାର କଙ୍କୁଡି, ସିମୁଳିଆ, ଜମାଳପୁର, ବ୍ରହ୍ମପୁର, ତ୍ରୈଲୋକି, ସିଂ ପୁର, ଚକ ସିଂ ପୁର ପ୍ରଭୃତି ଗାଁ ଉପକୃତ ହୋଇପାରିବେ ।ଏହି ସମବାୟ ସମିତି ଗଠନ ପାଇଁ ନାଇକୁଡି ଏବଂ ରଘୁନାଥପୁର ସେବା ସମବାୟ ସମିତିରୁ ଭାଗ ହୋଇ ଏହି ସମବାୟ ସମିତିରେ ଯୋଗ ହୋଇଛି । ଏହି ଅବସରରେ ଅନୁଷ୍ଠିତ ବୈଠକରେ ପଞ୍ଚାୟତର ସରପଞ୍ଚ ନଗେନ୍ଦ୍ର କୁମାର ସିଂହ ସଭାପତିତ୍ୱ କରିଥିଲେ। ଅନ୍ୟ ମାନଙ୍କ ବୋର୍ଡ଼ ମେମ୍ବର ସଭାପତି ସୁକାନ୍ତ ନନ୍ଦୀ, ଉପ ସଭାପତି ସନ୍ଧ୍ୟା ରାଣୀ ସାମଲ, ସଦସ୍ୟ ଗାୟତ୍ରୀ ଗାଆଣ, ରବିନ୍ଦ୍ର ଜେନା, ବିଷ୍ଣୁପଦ ଜେନା, ହରିଶ୍ଚନ୍ଦ୍ର ସେନାପତି, ଜୟନ୍ତୀ ନନ୍ଦୀ, ବନ୍ଦନା ପାତ୍ର, ହିରା ହେମ୍ବ୍ରମ, ସଞ୍ଜିତା ଦାସ, ଭାନୁ ସେନାପତି, ସୁଦର୍ଶନ ସାହୁ, ମାଳତୀ ପାତ୍ର ବିନିତା ଅଣ୍ଡିଆ, ସଞ୍ଜୟ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ବିବିସିସି ପକ୍ଷରୁ ମୃତଚାଷୀଙ୍କ ପରିବାରକୁ ୫ଲକ୍ଷର ବୀମାରାଶି ପ୍ରଦାନ

ବାଲେଶ୍ୱର, ୧୨/୦୪ (ନି.ପ୍ର): ଦୁର୍ଘଟଣାରେ ମୃତ ରସାଲପୁର ପ୍ରାଥମିକ କୃଷି ସମବାୟ ସମିତିର ଚାଷୀ ସ୍ୱର୍ଗତ ନରେନ୍ଦ୍ର ବେହେରାଙ୍କ ପରିବାରକୁ କିଷାନ କ୍ରେଡିଟ କାର୍ଡ଼ ଯୋଜନାରେ ବୀମାରାଶି ପ୍ରଦାନ କରାଯାଇଛି। ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱର୍ଗତ ବେହେରାଙ୍କ ବିଧବା ପତ୍ନୀ ଭାନୁମତି ବେହେରାଙ୍କୁ ବୁଧବାର ଏହି ବୀମାରାଶି ପ୍ରଦାନ କରାଯାଇଛି। ବ୍ୟାଙ୍କ ପରିଚାଳନା ପରିଷଦ ସଭାପତି ଗଣେଶ ପ୍ରସାଦ ମହାପାତ୍ର ୫ ଲକ୍ଷ ଟଙ୍କାର ଚେକ ଶ୍ରୀମତୀ ବେହେରାଙ୍କୁ ପ୍ରଦାନ କରିଥିଲେ। ବୀମା ଅର୍ଥ ପ୍ରଦାନ ବେଳେ ବ୍ୟାଙ୍କ ସମ୍ପାଦକ ଅଶୋକ କୁମାର ଦାସ, ମୁଖ୍ୟ ଶାଖା ପରିଚାଳକ ଅଶୋକ କୁମାର ମିଶ୍ର, ନିର୍ଦ୍ଦେଶକ ଆଶିଷ କୁମାର ଦାସ ଓ ଦେବୀ କୁମାର ଦେଙ୍କ ସମେତ ରସାଳପୁର ସମବାୟ ସମିତି ସମ୍ପାଦକ ଅସିତ କୁମାର ଦାସ ଏବଂ ନିର୍ଦ୍ଦେଶକ ଚିତ୍ତରଂଜନ ପାଣିଗ୍ରାହୀ ଉପସ୍ଥିତ ଥିଲେ। ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ନରେନ୍ଦ୍ର ବେହେରାଙ୍କର ୧୦ ମାସ ପୂର୍ବରୁ ମୃତ୍ୟୁ ହୋଇଯାଇଥିଲା। ସେ କିଷାନ କ୍ରେଡିଟ କାର୍ଡ଼ ହିତାଧିକାରୀ ହୋଇଥିବା ଯୋଗୁଁ ତାଙ୍କ ପରିବାରକୁ ଏହି ବୀମାଅର୍ଥ ପ୍ରଦାନ କରାଯାଇଥିବା ସମିତି ସମ୍ପାଦକ ଶ୍ରୀ ଦାସ ସୂଚନା ଦେଇଛନ୍ତି।

# ପୌରପାଳିକାର ୧୧୮ ଜଣ ଭୂମିହୀନଙ୍କୁ ଜାଗା ମିଶନରେ ମିଳିବ ବାସଗୃହ



ଜଳେଶ୍ୱର, ୧୨/୦୪ (ନି.ପ୍ର): ଜଳେଶ୍ୱର ପୌରପରିଷଦର ୧୭ଟି ୱାର୍ଡରେ ବିଭିନ୍ନ କାରଣରୁ ସରକାରୀ ସ୍ଥାନରେ ଥିବା ବାସଗୃହ ହରାଇଥିବା ଭୂମିହିନଙ୍କୁ ଜାଗା ମିଶରେ ବାସଗୃହ ଯୋଗାଇବାର ବ୍ୟବସ୍ଥା ହୋଇଥିବା କୁହାଯାଇଛି । ପୌରପାଳିକାର ୧୫ନଂ ୱାର୍ଡ ନହଞ୍ଜିରାଠାରେ ଏମାନଙ୍କୁ ଥଇଥାନ ଲାଗି ୩୨୫ ବର୍ଗଫୁଟ ସ୍ଥାନରେ ଏବଂ ଦୁଇଲକ୍ଷ ଟଙ୍କା ବ୍ୟୟରେ ବାସଗୃହ ଯୋଗାଣ ସଂପର୍କରେ ପୌରପାଳ ପ୍ରତୀପ ପ୍ରଧାନ ଓ ପୌରଅଧିକାରୀ ଅଜୟ ମହାପାତ୍ର ସୂଚନା ଦେଇଛନ୍ତି । ଗତ ମାର୍ଚ୍ଚ ୩୧ରେ ପୌରପାଳିକା କାର୍ଯ୍ୟାଳୟରେ ଲଟେରୀ ମାଧ୍ୟମରେ ୭୯ଜଣ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଥିଲା । ଗତ ୨ ଦିନ ତଳେ ଅନ୍ୟ ୩୯ଜଣଙ୍କୁ ଲଟେରୀ ମଧ୍ୟମରେ ଚୟନ କରାଯାଇଛି । ସେମାନଙ୍କ ଲାଗି ଏହି କଲୋନୀରେ ସମୁହ ଖେଳ ପଡିଆ, ପାର୍କ, ପାଇଖାନା, ପିଇବାପାଣି, ରାସ୍ତାର ବ୍ୟବସ୍ଥା ହୋଇଛି । ପ୍ରଥମ ପର୍ଯ୍ୟାୟରେ ଏହି ୧୧୮ଜଣଙ୍କୁ ସେଠାରେ ରଖାଯିବାର ବ୍ୟବସ୍ଥା ହୋଇଛି । ପୌରପାଳିକାର ରେଳ ଓଭରବ୍ରିଜ୍ ନିର୍ମାଣ, ୩ୟ ରେଳ ଲାଇନ୍ ନିର୍ମାଣ ଓ ଅନ୍ୟ କେତେକ ସ୍ଥାନରୁ ଉଚ୍ଛେଦ ହୋଇଥିବା ବ୍ୟକ୍ତି ମାନଙ୍କୁ ଏଠାରେ ଥଇଥାନ କରାଯିବାର ସିଦ୍ଧାନ୍ତ ହୋଇଛି । ଏଥିରେ ପୌରପାଳ ଶ୍ରୀ ପ୍ରଧାନ, ପୌର ଅଧିକାରୀ ଶ୍ରୀ ମହାପାତ୍ର, ସିଇଓ ଚନ୍ଦ୍ରକାନ୍ତି ରାଉତ, ସିଏମଏମ୍ ଦେବାଶିଷ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

## କଷାଫଳ କୁଞ୍ଜ ମେଳା ଉଦ୍‌ଯାପିତ ଓ ପୁରସ୍କାର ବିତରଣ ଉତ୍ସବ




ଲଙ୍ଗଳେଶ୍ୱର, ୧୨/୦୪ (ନି.ପ୍ର): ସଦର ବ୍ଲକ କଷାଫଳ ପଞ୍ଚାୟତର ପଣ୍ଡା ଛକ ଠାରେ ପାଳିତ ହେଉଥିବା କୁଞ୍ଜ ମେଳା ମଙ୍ଗଳବାର ରାତିରେ ଉଦଯାପିତ ହୋଇଯାଇଛି।୧୦୦ ବର୍ଷ ପୂର୍ବରୁ ଏହି ଠାରେ କୁଞ୍ଜ ମେଳା ଅନୁଷ୍ଠିତ ହୋଇଆସୁଆଛି। କଷାଫଳ ଗ୍ରାମୀଣ କୁଞ୍ଜ ମେଳା ବିକାଶ ପରିଷଦ କମିଟି ପକ୍ଷରୁ ଦୀର୍ଘ ୧୮ ଦିନ ଧରି ଚାଲିଥିବା ମେଳା ଉଦଯାପିତ ଦିବସରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗି ମାନଙ୍କୁ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେଉଥିଲା। ସମାଜସେବୀ ବରୁଣ ପଣ୍ଡା ଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସଦର ବିଧାୟକ ସ୍ୱରୂପ ଦାସ, ମୁଖ୍ୟ ବକ୍ତା ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ରବିରଞ୍ଜନ ତ୍ରିପାଠୀ,ସଦର ବ୍ଲକ ବିଜେଡି ସଭାପତି ବସନ୍ତ ପଣ୍ଡା , ସାମ୍ବାଦିକା ପ୍ରତିମା ଜେନା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପୂର୍ବତନ ସରପଞ୍ଚ ଶିବାନନ୍ଦ ପାତ୍ର ଅତିଥି ପରିଚୟ ପ୍ରଦାନ , ଶ୍ରୀପତି ଗିରି ଧନ୍ୟବାଦ ଅର୍ପଣ କରିଥିଲେ ସବ୍ୟସାଚୀ ପଣ୍ଡା, ଦିନବନ୍ଧୁ ମହାନ୍ତି, ଦିଲ୍ଲୀପ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା।

# ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ସଭା


ବାଲେଶ୍ୱର, ୧୨/୦୪ (ନି.ପ୍ର): ବରିଷ୍ଠ ନାଗରିକ ମଞ୍ଚର ତ୍ରୟୋମାସିକ ସାଧାରଣ ସଭା ସଭାପତି ବୈଦ୍ୟନାଥ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ନୃତ୍ୟ ସଙ୍ଗୀତ କଳା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ମଞ୍ଚର ସାଧାରଣ ସଂପାଦକ ଲକ୍ଷ୍ମୀଧର ବେହେରା ସଭାର ବିଭିନ୍ନ କାର୍ଯ୍ୟକ୍ରମ ଉପସ୍ଥାପନ ସମସ୍ତଙ୍କୁ ସାଙ୍ଗକୁ ଆସନ୍ନ ମହାବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ଶୁଭେଚ୍ଛା ଜଣାଇଥିଲେ। ସଭାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ବରିଷ୍ଠ ନାଗରିକଙ୍କ କଲ୍ୟାଣ କଳ୍ପେ ଉଦ୍ଦିଷ୍ଟ ବିଭିନ୍ନ ସାମାଜିକ, ଅର୍ଥନୈତିକ ଯୋଜନା ଯଥା - ବାର୍ଦ୍ଧକ୍ୟ ଭତ୍ତା ବୃଦ୍ଧି, ଦୂରଦୂରାନ୍ତ ଯାତ୍ରା ପାଇଁ ରେଳଯାତ୍ରୀ ଭଡ଼ାରେ ରିହାତି, ପ୍ରତି ଜିଲାରେ ଅସହାୟ ଓ ନିଃସ୍ୱ ବୃଦ୍ଧବୃଦ୍ଧାଙ୍କ ଥଇଥାନ ପାଇଁ ସରକାରୀ ବୃଦ୍ଧାଶ୍ରମ ନିର୍ମାଣ, ବୟୋବୃଦ୍ଧମାନଙ୍କ ସ୍ୱାସ୍ଥ୍ୟସେବା ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱତନ୍ତ୍ର ଜେରିଆଟ୍ରିକ୍ ୱାର୍ଡ଼ ସ୍ଥାପନ ସମ୍ପର୍କରେ ଆଲୋଚନା ହୋଇଥିଲା। ସେହିଭଳି ବରିଷ୍ଠ ନାଗରିକମାନଙ୍କର ଅବସର ବିନୋଦନ ପାଇଁ ଜିଲାର ବିଭିନ୍ନ ଧାର୍ମିକ ଓ ପର୍ଯ୍ୟଟନ ସ୍ଥଳୀକୁ ପରିଭ୍ରମଣ କରିବା, ମଞ୍ଚର ବାର୍ଷିକ ମୁଖପତ୍ର 'ସାୟାହ୍ନ' ପ୍ରକାଶନ ପାଇଁ ଲେଖା ପଠାଇବା ସମ୍ପର୍କରେ ଉପସ୍ଥିତ ସଦସ୍ୟମାନଙ୍କୁ ଅବଗତ କରାଯାଇଥିଲା। ଏହା ବ୍ୟତୀତ ସହର ଉପକଣ୍ଠ ଗଣେଶ୍ୱରପୁର ଠାରେ ପ୍ରସ୍ତାବିତ ବସଷ୍ଟାଣ୍ଡ ନିର୍ମାଣ ଲାଗି ଉଦ୍ଦିଷ୍ଟ ଜମିରେ ପ୍ରଶାସନ ପକ୍ଷରୁ ବହୁତଳ ବିଶିଷ୍ଟ ବ୍ୟବସାୟିକ ବିଲ୍ଡିଂ ନିର୍ମାଣ ନେଇ ପ୍ରଶାସନର ନିଷ୍ପତ୍ତିକୁ ଏହି ବୈଠକରେ ଦୃଢ଼ ବିରୋଧ କରାଯାଇଥିଲା। ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପ୍ରଶାସନ ଏଥିରୁ ନିବୃତ୍ତ ହେବାକୁ ଉପସ୍ଥିତ ସଦସ୍ୟମାନେ ଦାବି କରିଥିଲେ। ମଞ୍ଚର ସମ୍ପାଦକ ଦାମୋଦର ନାୟକ, ରେଣୁବାଳା ଦାସ, ବାସନ୍ତୀ କର, ଦୀନବନ୍ଧୁ ଲେଙ୍କା, ଅଧ୍ୟାପକ ବିନୋଦ ନାୟକ, ବେଣୁଧର ସାହୁ, ସୁରେନ୍ଦ୍ର ପଣ୍ଡା, ଅନିଲ୍ କୁମାର ପଣ୍ଡା, ତ୍ରିଦୀବ ନାୟକଙ୍କ ସମେତ ଉପ-ସଭାପତି ସୀତାରାମ ପ୍ରଧାନ, ଗୋପୀନାଥ ଦାସ, ଡ. ପଦ୍ମଲୋଚନ ପାତ୍ର, ଡ. ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ଡ. କ୍ଷୀତିଶ୍ୱର ଦାଶ, ଅଧ୍ୟାପକ ଶତ୍ରୁଘ୍ନ ମଲ୍ଲିକ ପ୍ରମୁଖ ଏଥିରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ସମ୍ପାଦକ ଦାମୋଦର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିକ୍ଷା ବିଭାଗର ରାଜ୍ୟ ସ୍ତରୀୟ ଆଲୋଚନା ଚକ୍ର ଏବଂ ବିଦାୟକାଳୀନ ସଭା




ଉଦଳା, ୧୨/୦୪ (ନି.ପ୍ର): କପ୍ତିପଦାସ୍ଥିତ ନୂଆସାହି ମହାବିଦ୍ୟାଳୟରେ ଅଧ୍ୟକ୍ଷା ଡ଼କ୍ଟର ଲିପିକା ବେହେରାଙ୍କ ସଭାପତିତ୍ୱରେ ଶିକ୍ଷା ବିଭାଗ ଦ୍ୱାରା ଉଚ୍ଚ ଶିକ୍ଷାରେ ନାକ୍‌ର ଭୂମିକା ବିଷୟବସ୍ତୁ ଉପରେ ରାଜ୍ୟସ୍ତରୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଉକ୍ତ ଆଲୋଚାନଚକ୍ରରେ କଳିଙ୍ଗ ବି.ଏଡ଼. ମହାବିଦ୍ୟାଳୟ, କନ୍ଧମାଳର ଆସିଷ୍ଟାଂଟ ପ୍ରଫେସର ସୁଶାନ୍ତ କୁମାର ରଣା ରିସର୍ସ ପର୍ସନ ଭାବେ ଯୋଗ ଦେଇ ଶିକ୍ଷାର୍ଥୀ ମାନଙ୍କୁ ଅନୁଷ୍ଠାନରେ ପାଠ ପଢ଼ା ସହିତ ଅନୁଷ୍ଠାନର ବିକାଶରେ ନିଜକୁ ସମର୍ପିତ କରିବା ଆବଶ୍ୟକ ବୋଲି ଆହ୍ୱାନ ଦେଇଥିଲେ । ଏଥିସହିତ ଅନୁଷ୍ଠାନ ପାଇଁ ନାକ୍‌ର ଭୂମିକା ସମ୍ପର୍କରେ ଶିକ୍ଷାର୍ଥୀ ମାନଙ୍କୁ ଉପଦେଶ ଦେଇଥିଲେ । ଉକ୍ତ ଆଲୋଚନାଚକ୍ରରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନୂଆସାହିର ଅଧ୍ୟକ୍ଷ ଡ଼କ୍ଟର ଚନ୍ଦ୍ର କୁମାର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିକ୍ଷାର୍ଥୀ ମାନଙ୍କୁ ନାକ୍‌ର ଉଦ୍ଦେଶ୍ୟ ଏବଂ ଗୁରୁତ୍ୱ ସମ୍ବନ୍ଧରେ ଆଲୋଚନା କରିଥିଲେ । ପ୍ରାରମ୍ଭରେ ବିଭାଗୀୟ ମୁଖ୍ୟ ଡ଼କ୍ଟର ଶାନ୍ତ ସୁନ୍ଦର ଆଚାର୍ଯ୍ୟ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଆଲୋଚନାଚକ୍ରର ଉଦ୍ଦେଶ୍ୟକୁ ପୁଙ୍ଖାନୁପୁଙ୍ଖ ଭାବରେ ପ୍ରଦାନ କରିଥିଲେ । ସଭାପତି ଡ଼କ୍ଟର ବେହେରା ତାଙ୍କ ବକ୍ତବ୍ୟରେଅନୁଷ୍ଠାନ ପାଇଁ ଶିକ୍ଷାର୍ଥୀ ମାନେ ହେଉଛନ୍ତି ଅମୂଲ୍ୟ ସମ୍ପଦ ବୋଲି ବ୍ୟକ୍ତ କରିଥିଲେ । ଆଲୋଚନାଚକ୍ରରେ ଶିକ୍ଷାର୍ଥୀ ପଙ୍କିତା ପାତ୍ର, ସସ୍ମିତା ମହାନ୍ତି, ନାଗି ସିଙ୍କୁ, ଜ୍ୟୋତିସ୍ମିତା ନିଜର ସନ୍ଦର୍ଭ ପାଠ କରିଥିଲେ । ବିଭାଗୀୟ ଅଧ୍ୟାପିକା ଆଲୋଚନାଚକ୍ରର ଶେଷ ସ୍ୱର୍ଶ ପ୍ରଦାନ କରିଥିଲେ । ଉକ୍ତ ଆଲୋଚନା ଚକ୍ରକୁ ବିଭାଗର ଡ଼େମନଷ୍ଟ୍ରେଟର ଭାନୁମତି ରାଉତ ସହିତ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିବା ସହିତ ସାଫଲ୍ୟ ମଣ୍ଡିତ କରିଥିଲେ । ଦ୍ୱିତୀୟ ଦିବସରେ ବିଭାଗର ଶେଷ ବର୍ଷର ଶିକ୍ଷାର୍ଥୀ ମାନଙ୍କୁ ବିଦାୟଦେବା ପରିପ୍ରେକ୍ଷୀରେ ଏକ ବିଦାୟକାଳୀନ ସଭାର ଆୟୋଜନ କରାଯାଇଥିଲା । ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼କ୍ଟର ଲିପିକା ବେହେରା ସଭାପତି ଦାୟିତ୍ୱ ତୁଲାଇଥିବା ବେଳେ ଅଧ୍ୟାପକ ବିଭୁରଂଜନ ବିଶ୍ୱାଳ, ସଂଜୟ କୁମାର ସେନାପତି, ନିବାରଣ ଶତପଥୀ, ଚନ୍ଦ୍ରମୋହନ ପରିଡ଼ା, ମଂଛନା ମହାପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ । ସେମିନାର ସେକ୍ରେଟେରୀ ରାଜଶ୍ରୀ ଅତିଥି ମାନଙ୍କୁ ସ୍ୱାଗତ କରିଥିବା ବେଳେ ବିଭାଗୀୟ ଅଧ୍ୟାପିକା ନମିତା ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଭାଗୀୟ ମୁଖ୍ୟ ଡ଼କ୍ଟର ଶାନ୍ତସୁନ୍ଦର ଆଚାର୍ଯ୍ୟ ଶେଷ ବର୍ଷର ଛାତ୍ର ଛାତ୍ରୀ ମାନଙ୍କ କାର୍ଯ୍ୟକାରିତାକୁ ମନେପକାଇଥିବା ବେଳେ ଭବିଷ୍ୟତରେ ସମସ୍ତେ ଉତମ ବ୍ୟକ୍ତିତ୍ୱଧାରୀ ହେବା ପାଇଁ ନିଜର ମତ ବ୍ୟକ୍ତ କରିଥିଲେ । ବିଦାୟୀ ଶିକ୍ଷାର୍ଥୀ ମାନଙ୍କ ପାଇଁ ମହାବିଦ୍ୟାଳୟର ଦ୍ୱାର ସର୍ବଦା ଉନ୍ମୁକ୍ତ ରହିଛି ଏବଂ ରହିଥିବ ବୋଲି ଅତିଥି ମାନେ ତାଙ୍କ ମତ ବ୍ୟକ୍ତ କରିଥିଲେ। ଶେଷର ଦ୍ୱିତୀୟ ବର୍ଷ ଓ ପ୍ରଥମ ବର୍ଷର ଛାତ୍ର ଛାତ୍ରୀ ମାନେ ବିଦାୟୀ ଶିକ୍ଷାର୍ଥୀ ମାନଙ୍କ ପାଇଁ ନିଜର ମତ ପ୍ରଦାନ କରିବା ସହିତ ସ୍ମୃତି ଉଦେଶ୍ୟରେ ଉପହାର ପ୍ରଦାନ କରିଥିଲେ । ଶେଷରେ ବିଭାଗୀୟ ଡ଼େମନଷ୍ଟ୍ରେଟର ଭାନୁମତି ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ।

# କୁଲଡିହାରେ ପୁଣି ହାତୀ ମୃତ୍ୟୁ : ଟେର ପାଉନାହାନ୍ତି ଅଧିକାରୀମାନେ



ନୀଳଗିରି, ୧୨/୦୪ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡରେ ଥିବା କୁଲଡିହା ଅଭୟାରଣ୍ୟଟି ଏବେ ହାତୀଙ୍କ ମୃତ୍ୟୁ ବାରମ୍ବାର ଘଟିଚାଲିଛି । ହେଲେ ହାତୀ କାହିଁକି ମରୁଛି ତାର ଟେର ପାଉ ନାହାନ୍ତି ଅଧିକାରୀମାନେ କୁଲଡିହାରେ ବର୍ଷକ ହେବ ୮ଟି ହାତୀଙ୍କ ମୃତ୍ୟୁ ଘଟିଛି । ସୂଚନା ଅନୁଯାୟୀ ଅଭୟାରଣ୍ୟର ଝରଣାଘାଟି ସେକସନର ପୁରୁଣାପାଣି ବିଟ୍‌ର ଡାଙ୍ଗର ପୋଖରୀ ପାଖରେ ଏକ ଅଣ୍ଡିରା ହାତୀ ଛୁଆ ପ୍ରାୟ ୪ବର୍ଷ ହେବ ଆଜି ମୃତ୍ୟୁବରଣ କରିଥିବା ରେଞ୍ଜର ପ୍ରକାଶ କରିଛନ୍ତି । ବର୍ତ୍ତମାନ ଅଖଣ୍ଡ ଶିକାର ରୋକିବାକୁ କର୍ମଚାରୀ ପେଟ୍ରୋଲିଂ କରୁଥିବା ବେଳେ ହାତୀଟି ମରି ପଡ଼ିଥିବା ଦେଖିବାକୁ ପାଇଥିଲେ । ଆସନ୍ତା କାଲି ଜଏଂଟ ଟାସ୍କ ଫୋର୍ସ ତଦନ୍ତ କରିବା ପରେ ହାତୀର ଶବବ୍ୟବଚ୍ଛେଦ ହେବ ବୋଲି ରେଞ୍ଜର ଅନନ୍ତ ନାରାୟଣ ଜେନା ପ୍ରକାଶ କରିଛନ୍ତି । ବର୍ଷରେ ବାରମ୍ବାର ହାତୀ ମୃତ୍ୟୁ ହେଉଥିବାରୁ ପରିବେଶବିତ୍ ମାନେ ଏଥିପାଇଁ ବନବିଭାଗର ଅଧିକାରୀମାନେ ଦାୟୀ ବୋଲି ମତ ପ୍ରକାଶ କରିଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo